

୪୦ ବର୍ଷ ପରେ
ପୁଣି ଏକାଠି
▸ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-351 •FRIDAY •19 JUNE 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୫୧ •ଶୁକ୍ରବାର •୧୯ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦





### ଯୁଦ୍ଧ ବନ୍ଦ ପାଇଁ ଆମେରିକା ଓ ଇରାନ ବୁଝାମଣା

# ତିନି ମାସ ପରେ ମଧ୍ୟପ୍ରାଚ୍ୟ ଶାନ୍ତ

■ ୱାଶିଂଟନ/ତେହେରାନ, ୧୮।୬ (ଏଜେନ୍ସି): ଇରାନ ଉପରେ ଆମେରିକା ଏବଂ ଇସ୍ରାଇଲ ଆକ୍ରମଣ ପରେ ଦୀର୍ଘ ତିନି ମାସରୁ ଅଧିକ ସମୟ ଧରି ଅଶାନ୍ତ ଥିବା ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ବାଟ ଫିଟିଛି। ସ୍ଥାୟୀ ରୂପେ ଯୁଦ୍ଧ ବନ୍ଦ କରିବା ସହିତ ହର୍ମୁଜ ଅବରୋଧ ହଟାଇବା ଲାଗି ସହମତ ହୋଇଛନ୍ତି ଇରାନ ଏବଂ ଆମେରିକା। ଏସଂପର୍କରେ ସେମାନଙ୍କ ମଧ୍ୟ ବହୁପ୍ରତୀକ୍ଷିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ତତକ୍ଷଣାତ୍ କାର୍ଯ୍ୟକାରୀ ହୋଇଛି। ଶାନ୍ତି ପ୍ରତିଷ୍ଠା ସହିତ ଗୁରୁତ୍ୱପୂର୍ଣ୍ଣ




ହର୍ମୁଜ ସମୁଦ୍ର ପଥ ଖୋଲିବା ଲାଗି ଏଥିରେ ସହମତି ପ୍ରକାଶ ପାଇଥିବାରୁ ସାରା ବିଶ୍ୱ ଆଶ୍ୱସ୍ତ ହୋଇଛି। ହର୍ମୁଜରୁ ଆମେରିକା ଏହାର ନୌଅବରୋଧ ହଟାଇବା ସହିତ ଇରାନ ମଧ୍ୟ କଟକଣା ମୁକ୍ତ ଯାତାୟାତ ଲାଗି ଅନୁମତି ପ୍ରଦାନ କରିଛି।

ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣା ଅନୁଯାୟୀ ଇରାନକୁ

### ଦସ୍ତଖତ କଲେ ଦୁଇ ଦେଶର ରାଷ୍ଟ୍ରପତି

### ଇରାନକୁ ରିହାତି, ଖୋଲିବ ହର୍ମୁଜ

ଅନେକ ରିହାତି ପ୍ରଦାନ କରାଯାଇଛି। ଆମେରିକାରେ ଜବତ ଥିବା ଇରାନର ସଂପତ୍ତିକୁ ହସ୍ତାନ୍ତର କରାଯିବ। ଇରାନର ଅର୍ଥନୈତିକ ସୁରକ୍ଷା ଲାଗି ଆମେରିକା ୩୦୦ ବିଲିୟନ ଡଲାରର ପାଣ୍ଠି ପାଇଁ ଗ୍ୟାରେଣ୍ଟି ଦେଇଛି। ଇରାନ ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବିବାଦୀୟ ପରମାଣୁ ସମୃଦ୍ଧୀକରଣ ଉପରେ ଆଲୋଚନା ଜାରି ରହିବ। ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଏହି ବୁଝାମଣାପତ୍ରରେ ସର୍ତ୍ତ ରହିଛି।

ଜି-୭ ଶିଖର ସମ୍ମିଳନୀ ଅବସରରେ ଗତକାଲି ପ୍ୟାରିସରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କ ସହ ନୈଶଭୋଜି ସମୟରେ ଟ୍ରମ୍ପ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଘଟଣାରେ ମଧ୍ୟସ୍ଥତା କରୁଥିବା ଅନ୍ୟାନ୍ୟ ଦେଶଗୁଡ଼ିକୁ ମଧ୍ୟ ଏହି ସ୍ୱାକ୍ଷରିତ ନଥିର ନକଲ ପଠାଯାଇଛି।

ସ୍ଥାୟୀ ଚୁକ୍ତି ପାଇଁ ଦୁଇ ଦେଶକୁ ୬୦ ଦିନର ସମୟ ▸ପୃଷ୍ଠା-୭

# ଆଜି ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି

■ ଭଦ୍ରକ/ଆରଡ଼ି, ୧୮।୬ (ସମିସ): ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଗୁରୁବାର ବୈଦିକ ରୀତିନୀତି ଓ ଲୋକାଚାରରେ ସମ୍ପନ୍ନ ହୋଇଛି ମଙ୍ଗଳକୃତ୍ୟ ଓ ହଳଦୀ ନୀତି। ଶୁକ୍ରବାର ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି। ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟ ଲିଳାରେ ଗୁରୁବାର ବର ପିତା ଓ କନ୍ୟା ପିତାଙ୍କ ପକ୍ଷରୁ ମଣିବାବା ଓ ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା ହର ଓ ଗୌରୀଙ୍କୁ ଘଣ୍ଟ, କୀର୍ତ୍ତନ, ଛତ୍ର, ଆଲଟ ଚାମର ଦ୍ୱାରା ଏକ ସୁସଜ୍ଜିତ ପାଲିଙ୍କିରେ ନେବା ପରେ ୭ ଜଣ ମହିଳାଙ୍କ ଦ୍ୱାରା ହଳଦୀ ନୀତି ସହ ପଞ୍ଚାମୃତରେ ମଙ୍ଗଳକୃତ୍ୟ ନୀତି କରାଯାଇଥିଲା। ପରେ ଜାଇ ରଗଡ଼ାଯିବା ସହ ହର-ଗୌରୀଙ୍କୁ ସୁସଜ୍ଜିତରେ ବେଶ କରାଯାଇ ଭୋଗ ଅର୍ପଣ କରାଯାଇଥିଲା। ଶୁକ୍ରବାର ସକାଳ ୧୦ଟାରେ ବରଧରା ଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପାରମ୍ପରିକ ବାଦ୍ୟ ଓ ନୃତ୍ୟ କଳାକାର ଅଂଶଗ୍ରହଣ କରିବେ। ଅପରାହ୍ଣ ୧ଟାରେ ବରଧରା ବରଣ କାର୍ଯ୍ୟ ସମ୍ପନ୍ନ ହେବା ସହ ଅପରାହ୍ଣରେ ମଣିବାବା ▸ପୃଷ୍ଠା-୭



### ବୈଦିକ ରୀତିନୀତିରେ ସମ୍ପନ୍ନ ହେଲା ମଙ୍ଗଳକୃତ୍ୟ

### ୧୦ଟାରେ ବରଧରା ଗମନ; ସନ୍ଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା

### ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ ମଣିବାବା

# ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଦୁଃଖଦାୟକ: ନବୀନ



### ଲୋକଙ୍କ ଦୁର୍ଦ୍ଦଶା ସମୟରେ ସରକାର ଚୁପ୍ କାହିଁକି

■ ଭୁବନେଶ୍ୱର, ୧୮।୬ (ସମିସ): ରାଜ୍ୟର ଲକ୍ଷ ଲକ୍ଷ ସାମାଜିକ ସୁରକ୍ଷା ଭତ୍ତା ହିତାଧିକାରୀ ଗତ ୩ ମାସ ହେଲାଣି ଭତ୍ତା ନ ପାଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇ ଆସୁଥିବା ବେଳେ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଭତ୍ତା ପାଇଁ ଲୋକେ ନୟାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ। ୨ ବର୍ଷ ପୂରଣ କରିଥିବା ବିଜେପି ସରକାରର ଏଇଆ କ'ଣ ଫାଇଦା ବୋଲି ନବୀନ ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ନବୀନ କହିଛନ୍ତି ଯେ ତିନି ମାସରୁ ଅଧିକ ସମୟ ଧରି ରାଜ୍ୟର ଲକ୍ଷ ଲକ୍ଷ ଲୋକ ସାମାଜିକ ସୁରକ୍ଷା ଅଧୀନରେ ଭତ୍ତା ନ ପାଇ ବ୍ୟାପକ ସମସ୍ୟାର ସାମ୍ନା କରୁଛନ୍ତି। ଭତ୍ତା ପାଇଁ ଲୋକ ଜୀବନ ହାରିବା ପରି ଖବର ମଧ୍ୟ ଗଣମାଧ୍ୟମର ଶିରୋନାମା ପାଲଟିଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶା ବିଜେପି କ୍ଷମତାକୁ ଆସିଲା। ହେଲେ ବର୍ତ୍ତମାନ ଯାଏଁ ଭତ୍ତା ବଢ଼ାଇବା ଦୂରେ ଥାଉ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ଭତ୍ତାକୁ ବି ସରକାର ପ୍ରଦାନ କରିବାରେ ଅସମର୍ଥ। ଏହା ଅନେକ ବୟସ୍କ ଲୋକ, ମା'ମାଉସୀଙ୍କୁ ହତାଶା ଓ ଯନ୍ତ୍ରଣା ଭିତରକୁ ଠେଲି ଦେଇଛି। ଭତ୍ତା ଉପରେ ନିର୍ଭର କରି ଜୀବନ ଅତିବାହିତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ▸ପୃଷ୍ଠା-୭

**କଠୋର ହେଲେ ମୁଖ୍ୟମନ୍ତ୍ରୀ**

# ଡାକ୍ତରାଣୀ ବହିଷ୍କୃତ, ଏଡିଜି ନିଲମ୍ବିତ

## କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଚାକିରିରୁ ବହିଷ୍କୃତ

■ ଭୁବନେଶ୍ୱର, ୧୮।୬ (ସମିସ): ଦୀର୍ଘଦିନ ଧରି ଡାକ୍ତରଖାନା ନ ଆସି, ରୋଗୀ ସେବାରୁ ବିରତ ରହୁଥିବା ଡାକ୍ତରମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କନ୍ଧମାଳ ପୁଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି। ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ସହ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ତାହାର ଅନୁପାଳନ କରି ନ ଥିଲେ। ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁଁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏଥିସହିତ ରାଜ୍ୟବ୍ୟାପୀ ବିଭିନ୍ନ ଡାକ୍ତରଖାନାରେ ▸ପୃଷ୍ଠା-୭



### ୧୨୮ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

## ନିଲମ୍ବନ ହେଲେ ଆଇପିଏସ୍ ଗଙ୍ଗୱାର

■ ଭୁବନେଶ୍ୱର, ୧୮।୬ (ସମିସ): ବାଲିଅନ୍ତା ଭିଡ଼ହତ୍ୟାର ଶିକାର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରବର୍ତ୍ତୀ ଘଟଣାରେ ଗୃହ ବିଭାଗର ଓଏସ୍‌ଡ଼ି ତଥା ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଥିଲେ ହେଁ ନିର୍ଦ୍ଦେଶନାମାରେ କୌଣସି କାରଣ ଉଲ୍ଲେଖ କରାଯାଇ ନାହିଁ। ବାଲିଅନ୍ତା ସୌମ୍ୟ ହତ୍ୟାକାଣ୍ଡରେ ପରେ ଦୟାଲ ଗଙ୍ଗୱାରଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ସୌମ୍ୟଙ୍କ ପରିବାର ଲୋକେ ସିଧାସଳଖ ଦୟାଲ ଗଙ୍ଗୱାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏପରିକି ସୌମ୍ୟଙ୍କୁ ହତ୍ୟା ଘଟଣାକୁ ଏକ ▸ପୃଷ୍ଠା-୭



### ସୌମ୍ୟଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ ମା'

### ଧାନ ବିକ୍ରିରେ ଘୋର୍ ଅବ୍ୟବସ୍ଥା

# ସମବାୟ ସମିତି ପରିସରରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ



### କାର୍ଯ୍ୟାଳୟରେ ତାଲା ପକାଇ କର୍ମଚାରୀ ଫେରାର୍

■ ଅସୁରାଳି/ଧୂଷୁରୀ, ୧୮।୬ (ସମିସ): ରାଜ୍ୟରେ ରବି ଧାନ ସଂଗ୍ରହ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ପୁଣି ଜଣେ ଚାଷୀ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛନ୍ତି। ଧାନ ବିକ୍ରି କରି ନ ପାରି ମାନସିକ ଚାପରେ ଥିବା ଜଣେ ଚାଷୀ ଶେଷରେ ସେବା ସମବାୟ ସମିତି ପରିସରରେ ହିଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଧୂଷୁରୀ ଥାନା ଅଧୀନ ବମକୁରା ପଞ୍ଚାୟତ ଖଡ଼ିମହରା ଗ୍ରାମ ଘାଟସାହିର ଚିତ୍ତରଞ୍ଜନ ମଲିକ (୪୩) ଚଳିତ ବର୍ଷ ପ୍ରାୟ ୨ ଏକର ଜମିରେ ରବି ଧାନ ଚାଷ କରିଥିଲେ। ଧାନ ଅମଳ ପରେ ତାହାକୁ ସରକାରୀ ମଣ୍ଡିରେ ବିକ୍ରି କରିବା ପାଇଁ ସେ ବାରମ୍ବାର ବମକୁରା ସେବା ସମବାୟ ସମିତିକୁ ଦୌଡ଼ୁଥିଲେ। ତେବେ ସମିତି କର୍ତ୍ତୃପକ୍ଷ "ଟାର୍ଗେଟ୍ ନାହିଁ" ବୋଲି କହି ପ୍ରତିଥର ତାଙ୍କୁ ନିରାଶ କରି ଫେରାଇ ଦେଉଥିବା ଅଭିଯୋଗ ହୋଇଛି। ପରିବାର ପ୍ରତିପୋଷଣ ଓ ଚାଷ କରଜ ଶୁଝିବା ଚିନ୍ତାରେ ଚିତ୍ତରଞ୍ଜନ ଗଭୀର ଆର୍ଥିକ ସଙ୍କଟ ଓ ମାନସିକ ଚାପରେ ଗତି କରୁଥିଲେ। ଗୁରୁବାର ସେ ପୁଣିଥରେ ସମିତି କାର୍ଯ୍ୟାଳୟକୁ ଯାଇ ଧାନ କ୍ରୟ ▸ପୃଷ୍ଠା-୭




## ପଞ୍ଚାୟତରେ ଅପମାନିତ ହେବା ପରେ ମହିଳାଙ୍କ ଆତ୍ମହତ୍ୟା

ଗାଜିଆବାଦ, ୧୮ ।୬(ଏଜେନ୍ସି): ଉତ୍ତର ପ୍ରଦେଶର ଗାଜିଆବାଦରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ମହମ୍ମଦ ସମୀର ନାମକ ଜଣେ ଯୁବକ ନିଖୋଜ ହେବା ପଛରେ ଶିଦ୍ରା (୨୪) ନାମକ ଜଣେ ମହିଳାଙ୍କ ହାତ ଥିବା ନେଇ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ଆୟୋଜିତ ଏକ ସ୍ଥାନୀୟ ପଞ୍ଚାୟତରେ ଶିଦ୍ରାଙ୍କୁ ସର୍ବସାଧାରଣରେ ଗାଳିଗୁଲଜ ଓ ଗଭୀର ଅପମାନିତ କରାଯାଇଥିଲା । ଏହି ମାନସିକ ନିର୍ଯାତନା ସହି ନପାରି ଶିଦ୍ରା ଗତ ମଙ୍ଗଳବାର ରାତିରେ ନିଜ ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି । ଶିଦ୍ରାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପରିବାର ଓ ସ୍ଥାନୀୟ ଲୋକେ ମୃତଦେହକୁ ରାସ୍ତାରେ ରଖି ପ୍ରତିବାଦ କରିବା ସହ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲେ । ତେବେ ପୁଲିସ ତଦନ୍ତରୁ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି ଯେ, ଯୁବକ ସମୀର ପ୍ରକୃତରେ ନିଖୋଜ ନଥିଲେ, ବରଂ ଅନ୍ୟ ଏକ ମାମଲାରେ ପୁଲିସ ତାଙ୍କୁ ପଚରାଉଚରା ପାଇଁ ଅଟକ ରଖିଥିଲା ଏବଂ ସେ ଦୁଇ ଦିନ ପୂର୍ବରୁ ହିଁ ଘରକୁ ଫେରିଆସିଥିଲେ । ଅନ୍ୟପଟେ ମୃତ ମହିଳାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ସମୀର ବିବାହର ପ୍ରତିଶ୍ରୁତି ଦେଇ ଶିଦ୍ରାଙ୍କୁ ଶୋଷଣ କରୁଥିଲେ ଏବଂ ପଞ୍ଚାୟତରେ ହୋଇଥିବା ଅପମାନ ଯୋଗୁଁ ହିଁ ସେ ଜୀବନ ହାରିଛନ୍ତି । ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଗୁଣିଗାରେଡ଼ି ସନ୍ଦେହରେ ଘରୋଇ ସହାୟିକାଙ୍କୁ ହତ୍ୟା କଲେ ଦିଲ୍ଲୀର ଡାକ୍ତର

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଦିଲ୍ଲୀର ସମ୍ଭ୍ରାନ୍ତ ମାଉଣ୍ଟ କୈଳାସ ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି । ଜଣେ ଡାକ୍ତର ନିଜ ଘରୋଇ ସହାୟିକା ମୀନା (୪୫)ଙ୍କୁ ପ୍ରଥମେ ବ୍ୟାଟ୍‌ରେ ପିଟି ଏବଂ ପରେ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ସହ ସେଠାରେ ବସିଥିବା ଅଭିଯୁକ୍ତ ଡାକ୍ତର ମନୀଷ ଗୁପ୍ତାଙ୍କୁ ଗିରଫ କରିଛି । ପୁଲିସ ଜେରା ବେଳେ ଡାକ୍ତର ଜଣକ ନିଜର ଅପରାଧ ସ୍ୱୀକାର କରିଛନ୍ତି । ସେ ଦାବି କରିଛନ୍ତି ଯେ ମୃତ ମହିଳା ଜଣକ ତାଙ୍କ ଘରେ ଗୁଣିଗାରେଡ଼ି ବା କଳାଜାଦୁ କରୁଥିଲେ, ଯାହାଦ୍ୱାରା ତାଙ୍କ ପରିବାରର ଶାନ୍ତି ନଷ୍ଟ ହେଉଥିଲା । ତେବେ ପୁଲିସ ସୂଚନା ଅନୁଯାୟୀ, ଡାକ୍ତର ଜଣକ ଦୀର୍ଘ ଦିନ ହେବ ମାନସିକ ଅବସାଦ ଅର୍ଥାତ୍ ଡିପ୍ରେସନ୍‌ରେ ପୀଡ଼ିତ ଅଛନ୍ତି ଏବଂ ବାରମ୍ବାର ନିଜ ବୟାନ ବଦଳାଉଛନ୍ତି । ପୁଲିସ ହତ୍ୟାରେ ବ୍ୟବହୃତ ବ୍ୟାଟ୍ ଓ ଛୁରୀ ଜବତ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

## ଟେଲିଗ୍ରାମ କଟକଣା ମାମଲା: ହାଇକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ନିଟ୍-ୟୁଜି ପୁନଃ-ପରୀକ୍ଷା ପୂର୍ବରୁ ସାରା ଦେଶରେ ଟେଲିଗ୍ରାମ ଉପରେ ଲାଗିଥିବା ସାମୟିକ କଟକଣା ବିରୋଧରେ ହୋଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ନିଜର ରାୟ ସଂରକ୍ଷିତ ରଖିଛନ୍ତି । ୨୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଜୁନ ୨୨ ପର୍ଯ୍ୟନ୍ତ ଏହି ବ୍ୟାନ୍‌କୁ ସଠିକ୍ ବୋଲି ଦର୍ଶାଇଛନ୍ତି । ଅଦାଲତରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଟେଲିଗ୍ରାମରେ ବେଆଇନ ଚ୍ୟାନେଲ ଓ ବଟ୍ସ ମାଧ୍ୟମରେ ଅପରାଧୀଙ୍କୁ ଟ୍ରାକ୍ କରିବା କଷ୍ଟକର । ଏହାର 'ମେସେଜ୍ ଏଡିଟିଂ' ଫିଚର ବ୍ୟବହାର କରି ପୂର୍ବରୁ ପ୍ରଶ୍ନପତ୍ର ଲିକ୍‌ର ଗୁଜବ ସୃଷ୍ଟି କରାଯାଇଥିଲା । ଟେଲିଗ୍ରାମ ଏଭଳି ସନ୍ଦିଗ୍ଧ ଗତିବିଧି ରୋକିବାରେ ବିଫଳ ହୋଇଛି ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଅନ୍ୟପଟେ, କୋର୍ଟ ପ୍ରଶ୍ନ କରିଥିଲେ ଯେ କିଛି ଲୋକଙ୍କ ଅପରାଧ ପାଇଁ ସାଧାରଣ ଜନତାଙ୍କ ଅଧିକାରକୁ କ୍ଷୁଣ୍ଣ କରାଯାଇପାରିବ କି? ଏହାର ଜବାବରେ ସରକାର କହିଛନ୍ତି ଯେ ସୁରକ୍ଷା ଦୃଷ୍ଟିରୁ ଏହା ଏକ ଜରୁରୀ ପ୍ରତିଷେଧକ ମୂଳକ ପଦକ୍ଷେପ । ଅନ୍ୟପଟେ, ଟେଲିଗ୍ରାମ ପକ୍ଷରୁ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଆପ୍ ବ୍ୟାନ୍ କରିବା ବଦଳରେ କେବଳ ସନ୍ଦେହଜନକ ଡିଭାଇସ୍ ବା ମୋବାଇଲ୍‌ଗୁଡ଼ିକୁ ବ୍ଲକ କରାଯାଇପାରିଥାନ୍ତା ।

## ହାଇକୋର୍ଟରେ ମମତାଙ୍କୁ ଝଟ୍‌କା


### ରତବ୍ରତଙ୍କ ନିଯୁକ୍ତି ଉପରେ ରୋକ୍ ଲାଗିବ ନାହିଁ

କୋଲକାତା, ୧୮ ।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ସେଟ୍‌ବ୍ୟାକ୍ ମିଳିଛି । ପଶ୍ଚିମବଙ୍ଗ ବିଧାନସଭାରେ ବିଦ୍ରୋହୀ ବିଧାୟକ ରତବ୍ରତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ସ୍ୱୀକୃତି ଦେବା ପାଇଁ ବାଚସ୍ପତି ରଥିନ ବସୁଙ୍କ ନିଷ୍ପତ୍ତି ଉପରେ ମଧ୍ୟବର୍ତ୍ତୀକାଳୀନ ରୋକ ଲଗାଇବାକୁ ହାଇକୋର୍ଟ ମନା କରିଦେଇଛନ୍ତି । ଫଳରେ ରତବ୍ରତ ବର୍ତ୍ତମାନ ପାଇଁ ନିଜ ପଦବୀରେ ବଜାୟ ରହିବେ । ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳ ମଧ୍ୟରେ ବିଭାଜନ ସୃଷ୍ଟି ହୋଇଥିଲା ଏବଂ ଅଧିକାଂଶ ବିଧାୟକ ବିଦ୍ରୋହୀ ସାଜିଥିଲେ । ଦଳୀୟ ନେତୃତ୍ୱ ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କୁ ଏହି ପଦ ପାଇଁ ମନୋନୀତ କରିଥିଲେ ମଧ୍ୟ, ରତବ୍ରତ ୫୮ ଜଣ ବିଧାୟକଙ୍କ ସମର୍ଥନ ହାସଲ କରି ବିରୋଧୀ ଦଳ ନେତା ବନିଥିଲେ । ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆବେଦନ କରାଯାଇଥିଲା । ବିଚାରପତି କୃଷ୍ଣା ରାଓ ଏହି ମାମଲାରେ କୌଣସି ଜରୁରୀ ଆଦେଶ ଦେବାକୁ ମନା କରିବା ସହ ଆଗାମୀ ଶୁଣାଣି ଜୁଲାଇ ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ଏବଂ ସମସ୍ତ ପକ୍ଷଙ୍କୁ ସେମାନଙ୍କର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଗଣଦୁଷ୍କର୍ମ ପରେ ମହିଳାଙ୍କ ଗୁପ୍ତାଙ୍ଗରେ ଗୁଳି

ବେଗୁସରାଇ, ୧୮ ।୬(ଏଜେନ୍ସି): ବିହାରର ବେଗୁସରାଇ ଜିଲ୍ଲାରୁ ଏକ ଅତ୍ୟନ୍ତ ସ୍ତବ୍ଧ କରିଦେବା ଭଳି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି । ଚକିଆ ଥାନା ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ସ୍ୱାମୀଙ୍କୁ ଘର ଭିତରେ ବନ୍ଦ କରିବା ପରେ ମହିଳାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଛନ୍ତି । କେବଳ ସେତିକି ନୁହେଁ, ବିରୋଧ କରିବାରୁ ବ୍ଲେଡ୍‌ରେ ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସହ ଅଚେତ ଅବସ୍ଥାରେ ତାଙ୍କ ଗୁପ୍ତାଙ୍ଗ ଭିତରକୁ ଗୁଳି ଓ ପଥର ପଶାଇ ବର୍ବରତାର ସବୁ ସୀମା ପାର୍ କରିଛନ୍ତି । ଗତ ଜୁନ ୧୧ ତାରିଖ ବିଳମ୍ବିତ ରାତିରେ ଏହି ଜଘନ୍ୟ କାଣ୍ଡ ଘଟିଥିଲା । ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାରାଉନି ଏବଂ ପରେ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅସହ୍ୟ ଯନ୍ତ୍ରଣା ହେବାରୁ ଡାକ୍ତରମାନେ ଗଭୀର ଭାବେ ଯାଞ୍ଚ କରିବା ପରେ ମହିଳାଙ୍କ ଗୁପ୍ତାଙ୍ଗ ଭିତରୁ ଏକ ଜୀବନ୍ତ ଗୁଳି ଅର୍ଥାତ ବୁଲେଟ୍, ପଥର ଏବଂ କାଠ ଖଣ୍ଡ ଉଦ୍ଧାର କରିଛନ୍ତି । ମହିଳାଙ୍କ କହିବା ଅନୁଯାୟୀ, ୩ ମାସ ପୂର୍ବରୁ ମଧ୍ୟ କିଛି ଅପରାଧୀ ତାଙ୍କ ଘରେ ପଶି ଲୁଟପାଟ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲେ, ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ସ୍ଥାନୀୟ ଡିଏସପି ଆନନ୍ଦ କୁମାର ପାଣ୍ଡେ କହିଛନ୍ତି ଯେ ପୀଡ଼ିତାଙ୍କ ବୟାନ ସତ୍ୟ ପ୍ରତୀତ ହେଉଛି ଏବଂ ଏହି ସଙ୍ଗୀନ ମାମଲାର ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରାଯାଉଛି । ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ସହ ପୂର୍ବରୁ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି ।

# ଉଦ୍ଧବଙ୍କ ହାତ ଛାଡ଼ିବେ ୬ ସାଂସଦ



### ବାଚସ୍ପତିଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀ ପାଇଁ ଦାବି ଜଣାଇଲେ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ରେ ପୁଣି ବିଦ୍ରୋହ । ହୁଇପ୍ ସତ୍ତ୍ୱେ ଦଳର ୬ ସାଂସଦ ସେନା ବୈଠକକୁ ଆସିଲେ ନାହିଁ । ଅନ୍ୟପକ୍ଷରେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପାଇବାକୁ ଦାବି କରିଛନ୍ତି । ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବ ସେନାରେ ସାମିଲ ହେବାଲାଗି ମଧ୍ୟ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଲୋକସଭାରେ ଉଦ୍ଧବ ସେନାର ୯ ସାଂସଦ ଥିବା ବେଳେ ଏହାର ଦୁଇ ତୃତୀୟାଂଶ ସାଂସଦ (୬) ଅଲଗା ହୋଇଥିବାରୁ ସେମାନେ ଅଯୋଗ୍ୟ ଘୋଷିତ ହେବେ ନାହିଁ । ମମତା ବାନାର୍ଜୀଙ୍କ ଟିଏମସି ପରେ ବିଦ୍ରୋହ ଓ ବିଭାଜନର ଶିକାର ହେବାରେ ଉଦ୍ଧବ ସେନା ହେଉଛି ଦ୍ୱିତୀୟ ଆଞ୍ଚଳିକ ଦଳ । ଏହି ଘଟଣା ଜାତୀୟ ରାଜନୀତିକୁ ପୁଣି ସରଗରମ କରିଛି । ଆକ୍ରମଣ ଭୟ ଦର୍ଶାଇ ସରକାର ଏହି ୬ ସାଂସଦଙ୍କୁ ୱାଇ ସୁରକ୍ଷା ପ୍ରଦାନ କରିଛନ୍ତି । କଂଗ୍ରେସ ସହିତ ସେନା ମିଶ୍ରଣ ଯୋଜନା ଚାଲିଥିବାରୁ ସେମାନେ ବିଦ୍ରୋହ କରିଥିବା ଏହି ସାଂସଦ ବାଚସ୍ପତିଙ୍କୁ କହିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଦଳ ପକ୍ଷରୁ ଜାରି ହୋଇଥିବା ହ୍ୱିପ୍‌କୁ ଅମାନ୍ୟ କରି ଗୁରୁବାର ଦିଲ୍ଲୀରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ବୈଠକରୁ ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ଥିଲେ । କେବଳ ୩ ଜଣ ସାଂସଦ ଏହି ବୈଠକରେ ଯୋଗ ଦେଇଥିଲେ । ଦଳ ବଦଳ ବିରୋଧୀ ଆଇନରୁ ବର୍ତ୍ତିବା ପାଇଁ ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା (୬ ଜଣ ସାଂସଦ) ସହ ବିଦ୍ରୋହୀ ସାଂସଦମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସଞ୍ଜୟ ଯାଦବ ଏହି ନୂଆ ଗୋଷ୍ଠୀର ନେତା ହେବା ସମ୍ଭାବନା ରହିଛି ।

ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଅନୁପସ୍ଥିତ ସାଂସଦମାନଙ୍କୁ 'ବିଶ୍ୱାସଘାତକ' ବୋଲି ଆଖ୍ୟା ଦେଇଛନ୍ତି । କେନ୍ଦ୍ରୀୟ ସଂସ୍ଥା (ଇଡି ଓ ସିବିଆଇ)ର ଭୟ ଦେଖାଇ ଗଣତନ୍ତ୍ରକୁ ପରିହାସ କରାଯାଉଛି ବୋଲି ସେ ଅଭିଯୋଗ କରିବା ସହ ଏହାର ଦୃଢ଼ ମୁକାବିଲା କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ସମ୍ପୂର୍ଣ୍ଣ ଘଟଣା ପଛରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବିର ଦ୍ୱାରା ପରିଚାଳିତ 'ଅପରେସନ ଟାଇଗର'ର ହାତ ଥିବା ଚର୍ଚ୍ଚା ହେଉଛି । ୨୦୨୨ ମସିହାରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ପରେ ଉଦ୍ଧବ ଠାକରେଙ୍କ ପାଇଁ ଏହା ସବୁଠାରୁ ବଡ଼ ରାଜନୈତିକ ଧକ୍କା`


# ଏନ୍‌ଡିଏକୁ ସୁହାଉଛି ବିଭାଜନ, ଟାର୍ଗେଟ୍ ୩୬୨

ନୂଆଦିଲ୍ଲୀ, ୧୮ ।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମମତାଙ୍କ ଟିଏମ୍‌ସିର ଶୋଚନୀୟ ପରାଜୟ ପରେ ବଦଳିଯାଇଛି ଜାତୀୟ ରାଜନୀତିର ଦୃଶ୍ୟପଟ୍ଟ । ଗତ ଦୁଇ ସପ୍ତାହ ମଧ୍ୟରେ ଯାହାସବୁ ଘଟି ଚାଲିଛି, ସେଥିରେ ବିରୋଧୀ ମେଣ୍ଟ ଦୁର୍ବଳ ହେଉଥିବା ବେଳେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ଶକ୍ତିଶାଳୀ ହେବାକୁ ଲାଗିଛି । ଏଭଳି ଧାରା ଜାରି ରହିଲେ ଲୋକସଭାରେ ଏନ୍‌ଡିଏ ସାଂସଦଙ୍କ ସଂଖ୍ୟା ଦୁଇ ତୃତୀୟାଂଶ (୩୬୨) ଛୁଇଁବାକୁ ଆଉ ଅଧିକ ସମୟ ଲାଗିବ ନାହିଁ । ଏହି ସଂଖ୍ୟା ଛୁଇଁଲେ ମହିଳା ସଂରକ୍ଷଣ, ସୀମା ପୁନଃନିର୍ଦ୍ଧାରଣ ଏବଂ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନରେ ଆଉ ପ୍ରତିବନ୍ଧକ ରହିବ ନାହିଁ । ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ ହେବ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ମନ୍ତବ୍ୟ ଏଭଳି ଆକଳନକୁ ବଳ ଯୋଗାଇଛି । ସେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ପାଇଁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବହୁତ କିଛି ଘଟିଯିବ ।



ଗତ ଏପ୍ରିଲ ମାସରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଲୋକସଭାରେ ଆଗତ କରିଥିଲେ । ମାତ୍ର ସମ୍ବିଧାନ ସଂଶୋଧନ ପାଇଁ ଆବଶ୍ୟକ ଦୁଇ ତୃତୀୟାଂଶ ସମର୍ଥନ ନମିଳିବାରୁ ୫୪ ଭୋଟରେ କାଟ୍ ଖାଇଯାଇଥିଲା ଏହି ବିଲ୍ । ଏହି ବିଲ୍ ପାସ୍ କରାଇବାକୁ ହେଲେ ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ୩୬୨ ସଭ୍ୟଙ୍କ ସମର୍ଥନ ଦରକାର । ଟିଏମସିର ୧୯ ବିଦ୍ରୋହୀ ସାଂସଦଙ୍କୁ ମିଶାଇଲେ ଲୋକସଭାରେ ଏବେ ଏନଡିଏ ସାଂସଦ ସଂଖ୍ୟା ୩୧୨ରେ ପହଞ୍ଚିଥିବା ବେଳେ ଉଦ୍ଧବ ସେନାର ୬ ସାଂସଦ ଏଥିରେ ସାମିଲ ହେବେ ବୋଲି କୁହାଯାଉଛି । ଫଳରେ ଏନ୍‌ଡିଏ ସଂଖ୍ୟା ୩୧୮ କୁ ବୃଦ୍ଧି ପାଇବ । ଦୁଇ ତୃତୀୟାଂଶ ସଂଖ୍ୟା ପାଇଁ ଆହୁରି ୪୪ ସଭ୍ୟଙ୍କ ସମର୍ଥନ ଦରକାର ଥିବାରୁ ଡିଏମ୍‌କେ ସହିତ ଏନଡିଏ ନେତାଙ୍କ ଆଲୋଚନା ଚାଲିଛି । କଂ ।ଗ୍ରେସ ଉପରେ କ୍ଷୁବ୍ଧ ହୋଇ ଇଣ୍ଡିଆ ମେଣ୍ଟ ଛାଡ଼ିଥିବା ଡିଏମକେର ୨୨ ଜଣ ଲୋକସଭା ସାଂସଦ ଅଛନ୍ତି । ଏହାର ସମର୍ଥନ ମିଳିଲେ ଏନ୍‌ଡିଏ ୩୪୦ ସହିତ ଟାର୍ଗେଟ ୩୬୨ର ନିକଟତର ହୋଇଯିବ । ଏହି ଟାର୍ଗେଟ୍ ହାସଲ ପାଇଁ ଅନ୍ୟ ଛୋଟ ଛୋଟ ଦଳ ସହିତ ଆଲୋଚନା ଚାଲିଥିବାର ଖବର ମିଳିଛି । ଆସନ୍ତା ଲୋକସଭା ଅଧିବେଶନ ବେଳେ ଏହି ସଂଖ୍ୟା ମିଳିଯିବ ବୋଲି ଜଣେ ନେତା ଆଶା ପ୍ରକାଶ କରିଛନ୍ତି । ଲୋକସଭାରେ ଇଣ୍ଡିଆ ମେଣ୍ଟରେ ୧୯୦ ସାଂସଦ ଥିବା ବେଳେ ନିରପେକ୍ଷ ରହିଛନ୍ତି ୩୮ ସାଂସଦ । ନିରପେକ୍ଷଙ୍କ ମଧ୍ୟରେ ରହିଛି ଡିଏମକେ ।

ସେହିଭଳି ରାଜ୍ୟସଭାରେ ମୋଟ୍ ସାଂସଦ ସଂଖ୍ୟା ୨୪୫ ଥିବା ବେଳେ ଦୁଇ ତୃତୀୟାଂଶ ସଂଖ୍ୟା ହେଉଛି ୧୬୪ । ଏବେ ୫ଟି ଆସନ ଖାଲି ପଡ଼ିଥିବାରୁ ଦୁଇ ତୃତୀୟାଂଶ ସଂଖ୍ୟା ୧୬୧କୁ ଖସି ଆସିଛି । ରାଜ୍ୟସଭାରେ ଏନଡିଏ ସଭ୍ୟ ସଂଖ୍ୟା ୧୪୯ ଥିବା ବେଳେ ଇଣ୍ଡିଆ ମେଣ୍ଟର ୬୨ ସାଂସଦ ଏବଂ ନିରପେକ୍ଷ ସାଂସଦ ସଂଖ୍ୟା ରହିଛି ୨୯ । ସମ୍ବିଧାନ ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଏନଡିଏକୁ ଆଉ ୧୨ ସାଂସଦଙ୍କ ସମର୍ଥନ ଦରକାର । ଡିଏମକେ (୮) ଏବଂ ଜଗନ ରେଡ୍ଡୀଙ୍କ ୱାଇଏସ୍ଆରସିପି (୪) ସମର୍ଥନ ଦେଲେ ସରକାରଙ୍କୁ ବେଶି ଅସୁବିଧା ହେବନାହିଁ ।



## ଗାଡ଼ି ଭିତରେ ବିଜେପି ନେତାଙ୍କୁ ଜାଳିଦେଲେ

ରାୟପର, ୧୮ ।୬(ଏଜେନ୍ସି): ଛତିଶଗଡ଼ର କୋରିଆ ଜିଲ୍ଲାରେ ବାଲି ମାଫିଆଙ୍କ ମଧ୍ୟରେ ଚାଲିଥିବା ବିବାଦ ଏକ ବର୍ବର ହତ୍ୟାକାଣ୍ଡର ରୂପ ନେଇଛି । ବିଜେପି ନେତା ତଥା ପୂର୍ବତନ ଜନପଦ ପଞ୍ଚାୟତ ସଭାପତି ଭରତ ସିଂହ ଓରଫ ଲଲ୍ଲା ସିଂହଙ୍କ ସହ ୩ ଜଣଙ୍କୁ ଏକ ଏସୟୁଭି ଗାଡ଼ି ଭିତରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଛି । ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମଙ୍ଗଳବାର ବିଳମ୍ବିତ ରାତିରେ ସୋନହାଟ୍ ଥାନା ଅନ୍ତର୍ଗତ ନୌଗେନ୍ ଗ୍ରାମରେ ଏହି ଘଟଣା ଘଟିଛି । ଭରତ ସିଂହ ଏକ ବାଲି ଖାଦାନ ବିବାଦର ସମାଧାନ ପାଇଁ ଯାଇଥିବା ବେଳେ ତାଙ୍କୁ ସେଠାରେ ଘେରି ନିଆଯାଇଥିଲା । ବିରୋଧୀ ଗୋଷ୍ଠୀର ଟ୍ରକ୍‌ଗୁଡ଼ିକ ତାଙ୍କ ଗାଡ଼ିର ଆଗ ଓ ପଛ ପଟୁ ବନ୍ଦ କରିଦେଇଥିଲେ । ଏହାପରେ ଗାଡ଼ି ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିଲା । ନିଆଁରେ ପୋଡ଼ି ହୋଇ ଭରତ ସିଂହଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସମ୍ପର୍କୀୟ ଭାଇ ନଗେନ୍ଦ୍ର ସିଂହ ଏବଂ ଚିକିତ୍ସାଧୀନ ଅବସ୍ଥାରେ ବୀରେନ୍ଦ୍ର ସିଂହଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଆହତ ମୟଙ୍କ ସିଂହଙ୍କ ଅବସ୍ଥା ଗୁରୁତର ରହିଛି । ଭରତ ସିଂହଙ୍କ ଗୋଷ୍ଠୀ ଏବଂ ସ୍ଥାନୀୟ ବିଜେପି ନେତା ମନୋଜ ତ୍ରିପାଠୀଙ୍କ ପରିବାର ମଧ୍ୟରେ ଦୀର୍ଘ ମାସ ଧରି ବାଲି ପରିବହନ ଏବଂ ବେଆଇନ ଆଦାୟକୁ ନେଇ ଶତ୍ରୁତା ଚାଲିଥିଲା । ତ୍ରିପାଠୀ ପରିବାରର ବାଲି ବୋଝେଇ ଟ୍ରକ୍ ଚଳାଚଳ ଏବଂ କାରବାର ଉପରେ କର୍ତ୍ତୃତ୍ୱକୁ ନେଇ ଦୁଇ ପକ୍ଷ ମଧ୍ୟରେ ପୂର୍ବରୁ ମଧ୍ୟ ମାଡ଼ପିଟ୍ ହୋଇଥିଲା । ପୁଲିସ ଏହି ମାମଲାରେ ଅକ୍ଷତ ତ୍ରିପାଠୀ, ବିଶାଳ ତ୍ରିପାଠୀ, ସତ୍ୟପ୍ରକାଶ ତ୍ରିପାଠୀ ଏବଂ ମନ୍ନୁ ତ୍ରିପାଠୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଅନ୍ୟ ୫ ଜଣ ଫେରାର ଅଛନ୍ତି । ମୃତକଙ୍କ ପରିବାର ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି ।

## ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନରେ କ୍ରସ୍-ଭୋଟିଂ




### କଂଗ୍ରେସକୁ ହରାଇଲେ ବିଜେପି ସମର୍ଥିତ ପ୍ରାର୍ଥୀ

ରାଞ୍ଚି, ୧୮ ।୬(ଏଜେନ୍ସି): ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ରୋମାଞ୍ଚକର ନିର୍ବାଚନରେ ବଡ଼ ଧରଣର ଅଦଳବଦଳ ଦେଖିବାକୁ ମିଳିଛି । ବିରୋଧୀ କ୍ୟାମ୍ପରେ 'କ୍ରସ୍-ଭୋଟିଂ' (ଦଳୀୟ ନିର୍ଦ୍ଦେଶ ବିରୋଧରେ ଭୋଟ୍ ଦେବା) ଯୋଗୁଁ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଲ ନଥୱାନୀ ଏକ ଆସନରେ ବିଜୟ ହାସଲ କରିଛନ୍ତି । ଅନ୍ୟପଟେ ଶାସକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପ୍ରାର୍ଥୀ ବୈଦ୍ୟନାଥ ରାମ ଦ୍ୱିତୀୟ ଆସନଟିକୁ ନିଜ ସପକ୍ଷରେ କରିଛନ୍ତି । ପରିମଲ ନଥୱାନୀ ମୋଟ ୨୮ ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ସେ କଂଗ୍ରେସ ପ୍ରାର୍ଥୀ ପ୍ରଣବଙ୍କୁ ପରାସ୍ତ କରିଛନ୍ତି, ଯିଏ ମାତ୍ର ୨୦ଟି ଭୋଟ୍ ପାଇବାରେ ସକ୍ଷମ ହୋଇଥିଲେ । ବୈଦ୍ୟନାଥ ରାମ ସର୍ବାଧିକ ୩୦ଟି ଭୋଟ୍ ପାଇ ସହଜରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ମୋଟ ୩ଟି ଭୋଟ୍ ନାକଚ ହୋଇଛି, ଯେଉଁଥିରେ ବିଜେପିର ୨ଟି ଏବଂ କଂଗ୍ରେସର ୧ଟି ଭୋଟ୍ ସାମିଲ ରହିଛି । ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଏନଡିଏ ପାଖରେ ମାତ୍ର ୨୪ ଜଣ ବିଧାୟକ ଥିଲେ ଏବଂ ଜିତିବା ପାଇଁ ଆବଶ୍ୟକ ୨୮ ଟି ପ୍ରଥମ ପସନ୍ଦ ଭୋଟ୍‌ଠାରୁ ସେମାନେ ୪ଟି ଭୋଟ୍ ପଛରେ ଥିଲେ । ଅନ୍ୟପଟେ ଶାସକ 'ଇଣ୍ଡିଆ' ମେଣ୍ଟ ପାଖରେ ୫୬ ଜଣ ବିଧାୟକ ଥିବାରୁ ସେମାନଙ୍କ ପାଇଁ ଦୁଇଟିଯାକ ଆସନ ଜିତିବା ସହଜ ମନେହେଉଥିଲା । ବିଧାୟକମାନଙ୍କୁ ଏକାଠି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନରେ ବୈଠକ ଓ ମକ୍ ପୋଲ୍ କରାଯାଇଥିଲେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ କ୍ରସ୍-ଭୋଟିଂ କରିଥିଲେ ।

## ଏମିରେଟ୍ସରେ ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ମନା

ଦୁବାଇ, ୧୮ ।୬(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କ୍ୟାବିନେଟ୍ ଶିଶୁମାନଙ୍କ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଆଣିଛନ୍ତି । ନୂଆ ନିୟମ ଅନୁଯାୟୀ, ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାର କରିବା ପାଇଁ ଶିଶୁମାନଙ୍କ ସର୍ବନିମ୍ନ ବୟସ ୧୫ ବର୍ଷ ନିର୍ଦ୍ଧାରଣ କରାଯାଇଛି । ଏଭଳି କଟକଣା ଲାଗୁ କରିବାରେ ୟୁଏଇ ପ୍ରଥମ ଆରବ ଦେଶ ହୋଇଛି । ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ଖାତା ବା ଆକାଉଣ୍ଟ ଖୋଲିବା ଏବଂ ବ୍ୟବହାର କରିବାକୁ ଅନୁମତି ମିଳିବ ନାହିଁ । କମ୍ ବୟସର ବ୍ୟବହାରକାରୀଙ୍କ ପାଇଁ ବୟସ-ଉପଯୋଗୀ ବିଷୟବସ୍ତୁ କଟକଣା, ଅଜଣା ବ୍ୟକ୍ତିଙ୍କ ସହ ଯୋଗାଯୋଗ ଉପରେ ସୀମା, ସ୍କ୍ରିନ୍ ସମୟ ନିର୍ଦ୍ଧାରଣ ଏବଂ ଅଭିଭାବକଙ୍କ ନିୟନ୍ତ୍ରଣ ଉପକରଣ ଭଳି ବ୍ୟବସ୍ଥା କରାଯିବ । ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଏହି ନୂଆ ନିୟମ ପାଳନ କରିବା ଏବଂ ବୈଷୟିକ ପ୍ରସ୍ତୁତି ପାଇଁ ସରକାରଙ୍କ ପକ୍ଷରୁ ୧୨ ମାସର ସମୟ ଦିଆଯାଇଛି । ଏକ ସର୍ଭେ ଅନୁଯାୟୀ, ୟୁଏଇର ପିଲାମାନେ ଦୈନିକ ପ୍ରାୟ ୩ ଘଣ୍ଟା ସୋସିଆଲ ମିଡିଆରେ ବିତାଉଛନ୍ତି । ଏହା ଦ୍ୱାରା ସେମାନେ ସାଇବର ଅପରାଧ ଏବଂ ଅଶ୍ଳୀଳ ବିଷୟବସ୍ତୁର ଶିକାର ହେବାର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି । ପୂର୍ବରୁ ବ୍ରିଟେନ, ଅଷ୍ଟ୍ରେଲିଆ ଏବଂ ମାଲେସିଆ ଭଳି ଦେଶ ଏହିପରି ନିୟମ ଆଣିଥିବା ବେଳେ, ବର୍ତ୍ତମାନ ୟୁଏଇ ଏହାକୁ ଆପଣାଇ ଆରବ ଜଗତରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି ।



## ୧୫ ବର୍ଷ ଧରି ମହିଳାଙ୍କୁ ଯୌନ ନିର୍ଯାତନା; ଭଣ୍ଡ ବାବା ଗିରଫ



ପୁଣେ, ୧୮ ।୬(ଏଜେନ୍ସି): ପୁଣେର ୱାଘୋଲି ଅଞ୍ଚଳରେ ଜଣେ ୪୧ ବର୍ଷୀୟା ମହିଳାଙ୍କୁ ଦୀର୍ଘ ୧୫ ବର୍ଷ ଧରି ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଭଣ୍ଡ ବାବା ରାଧାମୋହନ ମିଶ୍ର (୫୯) ଏବଂ ତାଙ୍କର ୭ ଜଣ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି । ଗିରଫ ସହଯୋଗୀଙ୍କ ମଧ୍ୟରେ ୬ ଜଣ ମହିଳା ରହିଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବାବା ଜଣକ ମହିଳାଙ୍କ ପରିବାରର ଅନ୍ଧବିଶ୍ୱାସର ସୁଯୋଗ ନେଇ ତାଙ୍କୁ ନିଜ ଆଶ୍ରମରେ ବନ୍ଦୀ କରି ରଖିଥିଲା । ସେଠାରେ ସେ ମହିଳାଙ୍କୁ ମୂତ୍ର ପିଇବାକୁ ବାଧ୍ୟ କରିବା, କରେଣ୍ଟ ଝଟକା ଦେବା, ବ୍ଲାକମେଲ୍ କରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର କରାଇବା ଏବଂ ସମ୍ପତ୍ତି ନିଜ ନାମରେ କରିବା ଭଳି ଅଘୋରୀ ଓ ଅମାନୁଷିକ କାଣ୍ଡ ଭିଆଇଥିଲା । ପୀଡ଼ିତାଜଣକ କୌଶଳକ୍ରମେ ସେଠାରୁ ଖସି ଆସି ପରିବାରକୁ ଜଣାଇବା ପରେ ପୁଲିସ ଆଶ୍ରମରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ସେଠାରୁ ବିପୁଳ ପରିମାଣର ଲାପଟପ୍, ହାର୍ଡ ଡିସ୍କ, ନଗଦ ଟଙ୍କା, ସୁନା ଏବଂ ଗୁଳି ଜବତ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଜୁନ ୨୦ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଯାଇଛି ।

# ଏସିଆରେ ଜଳବାୟୁ ସଙ୍କଟ: ପ୍ରବଳ ଗ୍ରୀଷ୍ମ, ବନ୍ୟା, ଗ୍ଲେସିୟର କ୍ଷୟ

### ବିଶ୍ୱ ପାଣିପାଗ ସଂଗଠନର ଚେତାବନୀ

ନୂଆଦିଲ୍ଲୀ, ୧୮ ।୬(ଏଜେନ୍ସି): ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ) ପକ୍ଷରୁ ଜାରି ହୋଇଥିବା 'ଷ୍ଟେଟ୍ ଅଫ୍ କ୍ଲାଇମେଟ୍ ଇନ୍ ଏସିଆ ୨୦୨୫' ରିପୋର୍ଟ ଅନୁଯାୟୀ, ୨୦୨୫ବର୍ଷରେ ଏସିଆ ମହାଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ, ବନ୍ୟା, ମରୁଡ଼ି ଏବଂ ଭୟଙ୍କର ବର୍ଷା ଭଳି ଚରମ ପାଣିପାଗ ସ୍ଥିତି ଦେଖାଦେଇଥିଲା । ୨୦୨୫ର ହାରାହାରି ତାପମାତ୍ରା ପୂର୍ବ ବର୍ଷଗୁଡ଼ିକର ହାରାହାରି ତୁଳନାରେ ୦.୯୬ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା, ଯାହା ଏହାକୁ ରେକର୍ଡ ଅନୁସାରେ ଇତିହାସର ଦ୍ୱିତୀୟରୁ ଚତୁର୍ଥ ସବୁଠାରୁ ଗରମ ବର୍ଷ ଭାବେ ଚିହ୍ନିତ କରିଛି । ଭାରତୀୟ ଉପମହାଦେଶ ସମେତ ଦକ୍ଷିଣ ଏସିଆର କିଛି ଅଞ୍ଚଳକୁ ବାଦ୍ ଦେଲେ ବାକି ସମସ୍ତ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଥିଲା । ଜାପାନ, ଚୀନ୍ ଏବଂ ଦକ୍ଷିଣ କୋରିଆରେ ୨୦୨୫ ମସିହାରେ ଇତିହାସର ସବୁଠାରୁ ଗରମ ଗ୍ରୀଷ୍ମଋତୁ ଅନୁଭୂତ ହୋଇଥିଲା । ମଧ୍ୟ ଏସିଆ, ପଶ୍ଚିମ ଏସିଆ ଏବଂ ଆରବ ଦ୍ୱୀପପୁଞ୍ଜରେ ଦୀର୍ଘ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା । ଅତ୍ୟଧିକ ଗରମ ଏବଂ ଶୀତଦିନେ କମ୍ ବରଫପାତ ଯୋଗୁଁ ଏସିଆର ପାର୍ବତ୍ୟ ଅଞ୍ଚଳରେ ଥିବା ସମସ୍ତ ୨୩ଟି ଜଗାଯାଇଥିବା ଗ୍ଲେସିୟରର ବରଫ ସ୍ତର ବହୁ ପରିମାଣରେ ହ୍ରାସ ପାଇଛି । ୧୯୯୦ ଦଶକ ପରଠାରୁ ସମୁଦ୍ରର ତାପମାତ୍ରା କ୍ରମାଗତ ଭାବେ ବଢୁଥିବା ବେଳେ ୨୦୨୫ରେ ଏହା ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି । ଉତ୍ତର ଭାରତ ମହାସାଗରର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକର ଜଳସ୍ତର ବିଶ୍ୱର ହାରାହାରି ଜଳସ୍ତର ବୃଦ୍ଧି (ବାର୍ଷିକ ୩.୬ ମିଲିମିଟର) ତୁଳନାରେ ଅଧିକ ଦ୍ରୁତ ଗତିରେ ବଢ଼ିଛି । ଭାରତ ମହାସାଗର ଏବଂ ବଙ୍ଗୋପସାଗରରେ ସମୁଦ୍ର ଜଳର ଅମ୍ଳୀୟତା ବୃଦ୍ଧି ପାଇଛି, ଯାହା ସାମୁଦ୍ରିକ ଜୀବଜନ୍ତୁ ଓ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି । ବିଶ୍ୱ ପାଣିପାଗ ସଂଗଠନର ମୁଖ୍ୟ ସେଲେଷ୍ଟେ ସାଉଲୋ ଏବଂ ଜାତିସଂଘର ପ୍ରତିନିଧି ଅର୍ମିଦା ଆଲିସଜାବାନା ଏହି ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ବନ୍ୟା, ମରୁଡ଼ି ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବହୁ ମାତ୍ରାରେ ଅର୍ଥନୈତିକ କ୍ଷତି ଓ ଜୀବନହାନି ଘଟୁଛି । ଏହି ବଦଳୁଥିବା ଜଳବାୟୁ ସହ ଖାପଖୁଆଇ ଚଳିବା ଏବଂ ସବୁଠାରୁ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ସଠିକ ସମୟରେ 'ଆଗୁଆ ସତର୍କ ସୂଚନା ପ୍ରଣାଳୀ' ଏବଂ ସାମଗ୍ରିକ ପ୍ରସ୍ତୁତିକୁ ସୁଦୃଢ଼ କରିବା ନିହାତି ଜରୁରୀ ।



# ଲାଞ୍ଚ ନେଉଥିଲେ ଫରେଷ୍ଟର; ମାଡ଼ିବସିଲା ଭିଜିଲାନ୍ସ

ପୁରୀ/ଡେଲାଙ୍ଗ,୧୮।୬(ସମିସ): ଜଙ୍ଗଲ ରାସ୍ତା ଦେଇ ଟ୍ରାକ୍ଟର ଛାଡ଼ିବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଡେଲାଙ୍ଗ ରେଞ୍ଜ ଅଧୀନ ଆଙ୍କୁଇ ଫରେଷ୍ଟର ରାକେଶ କୁମାର ପଣ୍ଡା। ତାଙ୍କୁ ଗିରଫ କରାଯାଇଥିବା ବେଳେ ଘରେ ଚଢ଼ଉ ବେଳେ ୧.୪୧ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି।



**ଘରୁ ଜବତ ହେଲା ୧.୪୧ ଲକ୍ଷ ଟଙ୍କା**

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡା ଜଣେ ଟ୍ରାକ୍ଟର ମାଲିକଙ୍କୁ ଧମକ ଦେଇଥିଲେ। ଟ୍ରାକ୍ଟରରେ ମାଟି ନେଇ ନିଜ ଜମିରେ ପକାଇବା ପାଇଁ ଜଙ୍ଗଲ ରାସ୍ତା ବ୍ୟବହାର କଲେ ଗାଡ଼ି ଜବତ କରିଦେବାକୁ କହି ୨୫ ହଜାର ଟଙ୍କା ଦାବି କରିଥିଲେ। ବାଧ ହୋଇ ଟ୍ରାକ୍ଟର ମାଲିକ ଭିଜିଲାନ୍ସକୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରେ ଭିଜିଲାନ୍ସ ଟିମ୍ ବୁଧବାର ଯୋଜନା ପ୍ରସ୍ତୁତ କରିଥିଲା। ଅଙ୍କୁଇ ଅଫିସ ରୁମ୍‌ରେ ଟଙ୍କା ନେବା ବେଳେ ସାକ୍ଷୀଙ୍କ ଉପସ୍ଥିତିରେ ରାକେଶ ପଣ୍ଡାଙ୍କୁ ଧରାଯାଇଥିଲା। ତାଙ୍କଠାରୁ ୨୫ ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କ ଡାହାଣ ହାତ ଧୋଇବା ପରେ ରାସାୟନିକ ପରୀକ୍ଷାରେ ପଜିଟିଭ୍ ଆସିଥିଲା, ଯାହା ଲାଞ୍ଚ ଟଙ୍କା ଛୁଇଁଥିବା ପ୍ରମାଣ କରିଥିଲା। ଗିରଫ ପରେ ଭିଜିଲାନ୍ସ ଅଙ୍କୁଇସ୍ଥିତ ସରକାରୀ ବାସଭବନ ଓ ଖୋର୍ଦ୍ଧାସ୍ଥିତ ପୈତୃକ ଘରେ ଚଢ଼ଉ କରିଥିଲା। ଖୋର୍ଦ୍ଧା ଘରୁ ନଗଦ ୧ ଲକ୍ଷ ୪୧ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ଦୁର୍ନୀତି ନିବାରଣ ସଂଶୋଧିତ ଆଇନ ୨୦୧୮ର ଧାରା ୭ ଅନୁଯାୟୀ ରୁଜୁ ହୋଇଛି। ଅଭିଯୁକ୍ତ ଫରେଷ୍ଟର ଶ୍ରୀ ପଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ ଜାରି ରହିଛି।

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ପ୍ରଦୀପ ପାଣିଗ୍ରାହୀ**

# ଭତ୍ତାରୁ ବଞ୍ଚିତ ଲକ୍ଷ ଲକ୍ଷ ବୃଦ୍ଧବୃଦ୍ଧା ଭୋଗୁଛନ୍ତି ଚରମ ଦୁର୍ଦ୍ଦଶା

ଭୁବନେଶ୍ୱର,୧୮।୬(ସମିସ): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ ୩ ମାସ ଧରି ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ନ ମିଳିବାକୁ ନେଇ ସୃଷ୍ଟି ହୋଇଥିବା ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଲାଣି। ରାଜ୍ୟ ସରକାର ଏନେଇ କେନ୍ଦ୍ର ସରକାରଙ୍କୁ ଦୋଷ ଠେଲି ଖୁବଶୀଘ୍ର ଉପୁଜିଥିବା ସମସ୍ୟାର ସମାଧାନ ହେବ ବୋଲି ଆଶ୍ୱାସନା ଦେଇ ଆସୁଛନ୍ତି। ମାତ୍ର ଏବେବି ରାଜ୍ୟର ଲକ୍ଷ ଲକ୍ଷ ଲୋକେ ଭତ୍ତା ଅପେକ୍ଷାରେ ରହି ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ପରିପ୍ରେକ୍ଷୀରେ ଗଭୀର ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବ୍ରହ୍ମପୁର ବିଜେପି ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ। ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ, ସେଯାଏଁ ସମସ୍ତ ବ୍ଲକ ଏବଂ ପଞ୍ଚାୟତରେ ମାନୁଆଲ୍ ପଦ୍ଧତିରେ (ନଗଦ ଆକାରରେ) ଭତ୍ତା ପ୍ରଦାନ କରିବା ପାଇଁ ଜରୁରୀକାଳୀନ ନିର୍ଦ୍ଦେଶନାମା ଜାରି କରିବାକୁ ସେ ଦାବି କରିଛନ୍ତି। ଏପରିକି ଭତ୍ତା ନ ପାଇବା କାରଣରୁ ଜଣେ ଅସହାୟ ବିଧବା ବିଷ ପିଇବା ପରି ହୃଦୟବିଦାରକ ଘଟଣା ସମ୍ପର୍କରେ ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି।

- ■ ସଫ୍ଟୱେର୍ ଅପଡେଟ୍ ନାଁରେ ଅସହାୟ ଗରିବ ଲୋକଙ୍କୁ ମାସ ମାସ ଧରି ଭୋକିଲା ରଖାଯାଇପାରିବ ନାହିଁ
- ■ ସମସ୍ୟା ସମାଧାନ ନହେବା ଯାଏଁ ହିତାଧିକାରୀଙ୍କୁ ଦିଆଯାଇ ନଗଦ ଆକାରରେ ଟଙ୍କା
- ■ ଗଞ୍ଜାମ ଜିଲ୍ଲାରେ ଆତ୍ମହତ୍ୟା ଘଟଣା କଥା ଉଠାଇଲେ, ପ୍ରଶାସନିକ ସମୀକ୍ଷା ଦାବି

ସରକାର ଏପରି ଆତ୍ମହତ୍ୟାକୁ ଅସ୍ୱୀକାର କରୁଥିବା ବେଳେ ଖୋଦ୍ ବିଜେପି ସାଂସଦଙ୍କ ଅଭିଯୋଗ ସରକାରଙ୍କ ପାଇଁ ଆଇନା ସଦୃଶ୍ୟ ବୋଲି କୁହାଯାଇଛି।

ଡ. ପାଣିଗ୍ରାହୀ ଚିଠିରେ ଉଲ୍ଲେଖ କରି କହିଛନ୍ତି ଯେ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଗ୍ରାମାଞ୍ଚଳ ଗସ୍ତ ସମୟରେ ହଜାର ହଜାର ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ଗତ ୩ ମାସ ହେବ ଭତ୍ତା ପାଇ ନ ଥିବା ନେଇ ଦୁଃଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଏବଂ ଜନସାଧାରଣ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସାଂସଦଙ୍କୁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ଭତ୍ତା ନ ମିଳିବାରୁ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଚଢ଼େୟାପଦା ଗ୍ରାମର ୬୬ ବର୍ଷୀୟା ଅସହାୟ ବିଧବା ବି. ସାବିତ୍ରୀ ଦୋରା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ। କେବଳ ଗଞ୍ଜାମ ଜିଲ୍ଲାରେ ହିଁ ୧.୪୯ ଲକ୍ଷରୁ ଅଧିକ ହିତାଧିକାରୀ ଏହି ସଫ୍ଟୱେର ସମସ୍ୟା ଯୋଗୁଁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସେହିପରି ଏହି ସମସ୍ୟାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲାର ଜନ୍ମାନ୍ଧ ଜପ ଭୁଏ ଏବଂ ତାଙ୍କର ୮୦ ବର୍ଷୀୟା ବୃଦ୍ଧା ମାଆ ରାଧିକା ଭୁଏଙ୍କ ଅତି ଦୟନୀୟ ଅବସ୍ଥା ସମ୍ପର୍କରେ ସୁପ୍ରିମକୋର୍ଟ ନିଜଆଡୁ ମାମଲା ରୁଜୁ କରି ଓଡ଼ିଶା ସରକାରଙ୍କୁ ସମସ୍ତ ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ତୁରନ୍ତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସାଂସଦ ଚିଠିରେ ଉଲ୍ଲେଖ କରିଛନ୍ତି।

ସାଂସଦ ଡଃ ପାଣିଗ୍ରାହୀ କହିଛନ୍ତି ଯେ ଡିଜିଟାଲ୍ କିମ୍ବା ଅନଲାଇନ୍ ସଫ୍ଟୱେର୍ ଅପଡେଟ୍ ନାଁରେ ଅସହାୟ ଗରିବ ଲୋକଙ୍କୁ ମାସ ମାସ ଧରି ଭୋକିଲା ରଖାଯାଇପାରିବ ନାହିଁ। ଯେ ପର୍ଯ୍ୟନ୍ତ ନୂତନ ସଫ୍ଟୱେର୍ କିମ୍ବା ଡିଜିଟାଲ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ଓ ତ୍ରୁଟିଶୂନ୍ୟ ହୋଇନାହିଁ, ସେ ପର୍ଯ୍ୟନ୍ତ ସମସ୍ତ ବ୍ଲକ ଏବଂ ପଞ୍ଚାୟତରେ ନଗଦ ଆକାରରେ ଭତ୍ତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ଡଃ ପାଣିଗ୍ରାହୀ ଦାବି କରିଛନ୍ତି। ସେହିପରି ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାରେ ଭତ୍ତା ବଣ୍ଟନ ପ୍ରକ୍ରିୟାକୁ ବ୍ୟକ୍ତିଗତ ଭାବେ ତଦାରଖ କରିବା ସହ ଆଗାମୀ ଦିନରେ ଯେପରି ଏଭଳି କୌଣସି ଅଭାବନୀୟ ଘଟଣା ନଘଟେ, ସେଥିପାଇଁ ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦେବାକୁ ସେ ଦାବି କରିଛନ୍ତି। ଏଥିସହ ସାବିତ୍ରୀ ଦୋରାଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ପ୍ରଶାସନିକ ସମୀକ୍ଷା କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଦିଆଯାଉ ବୋଲି ଡ. ପାଣିଗ୍ରାହୀ ଦାବି କରିଛନ୍ତି।

**ଡାକ୍ତରଖାନାରୁ ବାହାରି ଜିଲ୍ଲାପାଳଙ୍କୁ ଭେଟିଲେ ସରପଞ୍ଚ ଚାମେଲି ଓଝା**

# ବିଡିଓ, ଆଇଆଇସିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

କେନ୍ଦ୍ରାପଡ଼ା,୧୮।୬(ସମିସ): ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଗତ ଏକ ସପ୍ତାହ ଧରି ଚାଲିଥିବା ବିବାଦ ନୂଆ ମୋଡ଼ ନେଇଛି। ସାତ ଦିନ ଧରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିବା ପରେ ଚାମେଲି ଡିସଚାର୍ଜ ହୋଇ ସିଧାସଳଖ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟିଛନ୍ତି। ତାଙ୍କ ଉପରେ ହୋଇଥିବା ଆକ୍ରମଣ ଓ ସମଗ୍ର ଘଟଣା ସମ୍ପର୍କରେ ବର୍ଣ୍ଣନା କରିବା ସହ ସେ ବିଡିଓ ଓ ଆଇଆଇସିଙ୍କ ବିରୋଧରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଡାକ୍ତରଖାନାରୁ ବାହାରିବା ପରେ ଚାମେଲି ନିଜ ଗାଁ ତିଖିରିକୁ ଫେରିବା ବେଳେ ଶହ ଶହ ମହିଳା ଓ ପୁରୁଷ ତାଙ୍କୁ ଫୁଲତୋଡ଼ା ଓ ନାରାବାଜି ଦେଇ ଭବ୍ୟ ସ୍ୱାଗତ ଜଣାଇଥିଲେ।

ଅନ୍ୟପକ୍ଷରେ ଘଟଣାର ଆଠ ଦିନ ପରେ ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟ ପ୍ରଥମ ଥର ପାଇଁ ନିଜ ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ବିନା ଅନୁମତିରେ ଚାମେଲି ଭିଡିଓ ରେକର୍ଡିଂ କରିଥିଲେ ବୋଲି ସେ ଅଭିଯୋଗ କରିବା ସହ ତିଖିରି



ପଞ୍ଚାୟତର କୌଣସି ପ୍ରକଳ୍ପର ବିଲ୍ ବାକି ନ ଥିବା ଓ ୧ ଲକ୍ଷ ୧୯ ହଜାର ୫୦୦ ଟଙ୍କାର ବିଲ୍‌କୁ ଗତ ୧୦ ତାରିଖରେ ମଞ୍ଜୁର କରାଯାଇଥିବା ବିଡିଓ କହିଛନ୍ତି। ତେବେ ବିଡିଓଙ୍କ ଦାବିକୁ ଚାମେଲି ସିଧାସଳଖ ଖଣ୍ଡନ କରିଛନ୍ତି ଏବଂ ଆହୁରି ୪ଟି ବିଲ୍ ବାକିଥିବା ଦାବି କରିଛନ୍ତି।

- ■ ସୁରକ୍ଷା ପାଇଁ ପୁଲିସ ଡିଜିଙ୍କୁ ଲେଖିଲେ ଚିଠି
- ■ ସାନ ଭଉଣୀ ଚାମେଲି ଷଡ଼ଯନ୍ତ୍ରର ଶିକାର: ବିଧାୟକ
- ■ ବିଧାୟକ ସାନ ଭଉଣୀ ପରି ଦେଖିନାହାନ୍ତି: ଚାମେଲି


ଅନ୍ୟପକ୍ଷରେ ଚାମେଲି ଓଝା ପୁଲିସ ଡିଜିପି ଓ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ଚିଠି ଲେଖି ନିଜ ଓ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଘଟଣାରେ ଜଡ଼ିତ ୭ ଜଣଙ୍କ ନାମରେ ଏତଲା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନାହିଁ। ତାଙ୍କ ଅଭିଯୋଗରେ ବିଡିଓ, ମହିଳା ପୁଲିସ କର୍ମଚାରୀ ଓ ଆଇଆଇସିଙ୍କ ନାମ ଥିବା ସତ୍ତ୍ୱେ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି। ଯଦି ଆଗାମୀ ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆସନ୍ତା ୨୪ ତାରିଖରୁ କେନ୍ଦ୍ରାପଡ଼ା ଏସପିଙ୍କ କାର୍ଯ୍ୟାଳୟ ସେ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଏପଟେ ଘଟଣାକୁ ନେଇ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ଚାମେଲିଙ୍କୁ ସାନ ଭଉଣୀ ବୋଲି ଉଲ୍ଲେଖ କରି ସେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ବୋଲି ମନ୍ତବ୍ୟ ଦେଇଛନ୍ତି। ମାତ୍ର ବିଧାୟକଙ୍କ ଏହି ମନ୍ତବ୍ୟକୁ ଚାମେଲି ସମାଲୋଚନା କରି କାଠଗଡ଼ାକୁ ଟାଣିଛନ୍ତି। ବିଧାୟକ ତାଙ୍କୁ କେବେ ଭଉଣୀ ଭାବରେ ଦେଖି ନାହାନ୍ତି, ଏପରିକି ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କୁ ଭେଟିବାକୁ ବି ଆସି ନ ଥିଲେ ବୋଲି ପାଲଟା ଅଭିଯୋଗ କରିଛନ୍ତି।

ରାଜ୍ୟ ଜିଲ୍ଲାପରିଷଦ ଅଧ୍ୟକ୍ଷ ସଂଘର ସଭାପତି ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚାମେଲିଙ୍କୁ ହସ୍ପିଟାଲରେ ଭେଟି ଘଟଣାରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଚାମେଲିଙ୍କୁ ସାକ୍ଷାତ କରି ସମର୍ଥନ ଜଣାଇବା ସହ ସମ୍ପୃକ୍ତ ବିଡିଓ ଓ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଆସନ୍ତା ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଯିବ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଚାମେଲି ଓଝା ସୂଚନା ଦେଇଛନ୍ତି।

# ନରହନ୍ତା ଦନ୍ତାକୁ ସାମାଜିକ ଦଣ୍ଡ !

ଆନନ୍ଦପୁର, ୧୮।୬ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ଖଣ୍ଡ ଅଞ୍ଚଳରେ ଏକ ଦନ୍ତା ହାତୀ ଏକୁଟିଆ ହୋଇ ଗତ ପ୍ରାୟ ୧୧ ଦିନ ହେଲା ବିଷାଦଗ୍ରସ୍ତ ହୋଇ ଘୂରି ବୁଲୁଥିବା ଘଟଣା ଚର୍ଚ୍ଚାକୁ ଆସିଛି। ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ



ପରେ ଅଭାବନୀୟ ଘଟଣା ସାମନାକୁ ଆସିଛି। ଏହି ଘଟଣା କେବଳ ମଣିଷ-ହାତୀ ସଂଘର୍ଷର କାହାଣୀ ନୁହେଁ; ବରଂ ବନ୍ୟପ୍ରାଣୀଙ୍କ ସାମାଜିକ ଆଚରଣ ଓ ସେମାନଙ୍କ ରହସ୍ୟମୟ ଜୀବନଧାରା ସମ୍ପର୍କରେ କେତେକ ଅଜଣା କଥା ସାମନାକୁ ଆଣିଛି। ଦନ୍ତା ହାତୀର ଏହି ୧୧ ଦିନର ଏକାକୀ ଜୀବନ ହାତୀପଲର ସାମାଜିକ ଦଣ୍ଡ ଓ କେବଳ ଏକ ସଂଯୋଗ ବୋଲି ବନ୍ୟଜନ୍ତୁ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ସୂଚନା ଅନୁସାରେ, ଗତ ଜୁନ ୬ ତାରିଖରେ ଏକ ଦନ୍ତା ହାତୀ ଆମ୍ବ ତୋଳୁଥିବା ଅବସ୍ଥାରେ ଜଣେ ମହିଳାଙ୍କୁ କଚାଡ଼ି ମାରିବା ହୃଦୟବିଦାରକ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଘଟଣା ପରେ

- ■ ୬ ତାରିଖରେ ଜଣେ ମହିଳାଙ୍କୁ କଚାଡ଼ି ମାରିଥିଲା
- ■ ୧୧ ଦିନ ହେଲା ଗ୍ରହଣ କରୁନାହାନ୍ତି ହାତୀପଲ

ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ସେହିଦିନଠାରୁ ଏହି ଦନ୍ତା ଗୋଠକୁ ଫେରି ନପାରି ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ଘୂରି ବୁଲୁଥିବାରୁ ସ୍ଥାନୀୟ ଅଧିବାସୀ ଓ ବନବିଭାଗର ନିଦ୍ରା ହଜିଯାଇଛି। ମହିଳାଙ୍କୁ ମାରିବା ପରେ ଦନ୍ତା ହାତୀଟି ସାତକୋଶିଆ ଜଙ୍ଗଲକୁ ଯିବାକୁ ଚେଷ୍ଟା କରିଥିଲା। ସେଠାରେ ଥିବା ହାତୀ ପଲ ତାକୁ ଗ୍ରହଣ କରି ନଥିଲେ ବୋଲି ଜଣାପଡ଼ିଛି। ଫଳରେ ଉକ୍ତ ଦନ୍ତା ହାତୀଟି ଦୀର୍ଘ ୧୧ ଦିନ ଧରି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନଖଣ୍ଡର ସୀମାବର୍ତ୍ତୀ ବାଉଁଶଗଡ଼, କଣ୍ଟିପାଳ ଓ କାଠକଟା ଅଞ୍ଚଳରେ ଘୂରି ବୁଲିଥିଲା। ଗ୍ରାମବାସୀ ଭୟଭୀତ ହୋଇ ବନ ବିଭାଗ କର୍ମଚାରୀଙ୍କୁ ଜଣାଇବା ପରେ ମିଳିଥିବା ସୂଚନା ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେମାନଙ୍କ ମତରେ, ହାତୀଟି ମଣିଷ ମାରିଥିବାରୁ ଅନ୍ୟ ହାତୀମାନେ ତାକୁ କିଛି ସମୟ ପାଇଁ ଅଲଗା ରଖିଥିଲେ ଓ ତାର ଆଚରଣକୁ ନିରୀକ୍ଷଣ କରୁଥିଲେ। ତେବେ, ହାତୀଟି ପୁଣି ପଲରେ ମିଶିବ ବୋଲି ଜଣେ ବାନ୍ୟଜନ୍ତୁ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଗତ ବୁଧବାରଠାରୁ ସେହି ଦନ୍ତା ହାତୀ ପୁନର୍ବାର ମଣିଷ ମାରିବା ସ୍ଥାନରେ ପହଞ୍ଚି ନିଜ ଦାନ୍ତରେ ଗାତ କରି ପାଣି ଢାଳି ତାଳପତ୍ରରେ ଘୋଡ଼ାଇ ଦେବା ଭଳି ଗତିବିଧି ଲକ୍ଷ୍ୟ କରାଯାଇଛି। ବନ ବିଭାଗ କର୍ମଚାରୀ ସତର୍କ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

# ବାରିପଦାରୁ ମିଳିଲା ୧୫ ନିୟୁତ ବର୍ଷର ସାର୍କ ଜୀବାଶ୍ମ

ବାରିପଦା,୧୮।୬(ସମିସ): ଅଥଳ ସମୁଦ୍ର ଗର୍ଭରୁ ଜନ୍ମ ନେଇଛି ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହର ଓ ଏହାର ଆଖପାଖ ଅଞ୍ଚଳ। ବାରିପଦା ସହର ସନ୍ନିକଟ ସାତପଉଟିଆ, ଅସୁରଡିହି, ଇଟାମୁଣ୍ଡିଆ, ମୁକୁରମାଟିଆ, ପ୍ରତାପପୁର ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀ ପାଶ୍ୱର୍ରେ ଅବସ୍ଥିତ ଅଞ୍ଚଳରୁ ପ୍ରାୟ ୧୨ ନିୟୁତ ବର୍ଷ ପୁରାତନ ଜୀବାଶ୍ମ ଭଣ୍ଡାର ଠାବ ହେବା ପରେ ଏବେ ଧୀରେ ଧୀରେ ଏହାକୁ ନେଇ ଅନେକ ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଏଠାରୁ ମିଳୁଥିବା

**■ ଠାବ କଲେ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ପ୍ରଫେସର**

ଜୀବର ସଂରକ୍ଷିତ ଶାରୀରିକ ଅବଶେଷ ଯେପରିକି ହାଡ, ଦାନ୍ତ, ଖୋଳ, କିମ୍ବା ପତ୍ର ଆଦି ଜୀବାଶ୍ମ ଛାପରୁ ଏବେ ଅନେକ ତଥ୍ୟ ଜଣାପଡୁଛି। ଏହାର ସଂରକ୍ଷଣ ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି।

ବାରିପଦାରୁ ୧୫ ନିୟୁତ ବର୍ଷର ସାର୍କ ମାଛର ଜୀବାଶ୍ମ ଠାବ କରିଛନ୍ତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍ଏସ୍‌ସିବି)ର ପ୍ରଫେସର ଡକ୍ଟର ଦେବବ୍ରତ ନନ୍ଦୀ, ଅଧ୍ୟାପିକା ଶୁଭସ୍ମିତା ଦାସ ଓ ବିଦ୍ୟାର୍ଥୀ ବିଶ୍ୱରଞ୍ଜନ ଭୋଇ।

ମିଳିଥିବା ଏକ ତଥ୍ୟ ଅନୁସାରେ ବାରିପଦା ବେଡ୍‌ର ଜୀବାଶ୍ମ ସାମୁଦ୍ରିକ ଭଣ୍ଡାର ମେରୁଦଣ୍ଡୀ ଓ ଅମେରୁଦଣ୍ଡୀ ପ୍ରାଣୀ ପାଇଁ ବେଶ୍ ଜଣାଶୁଣା। ଏହି ଶଯ୍ୟାରୁ ରେକର୍ଡ କରାଯାଇଥିବା ଜୀବାଶ୍ମ ମାଛ ସମୂହରେ ଶାର୍କ (୪୮ ପ୍ରତିଶତ), ବାଟୋଇଡ୍ (୩୧ ପ୍ରତିଶତ) ଓ ଟେଲିଓଷ୍ଟ (୨୦ ପ୍ରତିଶତ) ଅନ୍ତର୍ଭୁକ୍ତ। ଏଥିରେ ସେଲାଚିଆନ୍ ପ୍ରଜାତି ଯଥା କାର୍ଚାରିନସ୍ ଆଫଫ୍ ବିଷୟରେ ରିପୋର୍ଟ କରାଯାଇଛି। ଏକ ବିବିଧ ଜୀବାଶ୍ମ ମାଛ ଜୀବଜନ୍ତୁଙ୍କ ଉପସ୍ଥିତି ମାୟୋସିନ ସମୟରେ ବିଶ୍ୱ



ଜୈବ ବିବିଧତାରେ ସାମଗ୍ରିକ ବୃଦ୍ଧି ସହିତ ଭଲ ଭାବେ ପ୍ରମାଣିତ ମଧ୍ୟ କରୁଥିବା ନେଇ ସୂଚନା ମିଳିଛି। ଏହା ଉପରେ ଅଧିକ ଅଧ୍ୟୟନ କରାଗଲେ ଆହୁରି ଅନେକ ତଥ୍ୟର ଉନ୍ମୋଚନ ହୋଇପାରିବ ବୋଲି ବିଶ୍ୱବିଦ୍ୟାଳୟର ପକ୍ଷରୁ କୁହାଯାଇଛି।

ଭୂତାତ୍ତ୍ୱିକ ବୈଜ୍ଞାନିକମାନେ ଆମ ଦେଶରେ ମଧ୍ୟ ଅନେକ ସ୍ଥାନରୁ ଜୀବାଶ୍ମ ଉଦ୍ଧାର କରି ହଜାର ହଜାର ବର୍ଷ ପୂର୍ବର ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛନ୍ତି। ବାରିପଦା ସହର ଓ ଏହାର ଆଖପାଖ ଅଞ୍ଚଳ ଦିନେ ସଲୋ ୱାଟର ମେରାଇନ କଣ୍ଡିସନ ଥିଲା। ଏଠାରେ ମଲାସ୍କା, ଓଷ୍ଟ୍ରୀୟା ଓ ସାର୍କ ଭଳି ଜଳଚର ଜୀବଙ୍କ ଜୀବାଶ୍ମ ମିଳୁଛି। ପୃଥିବୀର ଟ୍ରାନ୍ସଗେସନ ଓ ରିଗ୍ରେସନ ହୋଇଛି। ବାରିପଦା ଜୀବାଶ୍ମ ଶଯ୍ୟାରେ ମେଗା ଫସିଲ ଓ ମାଇକ୍ରୋଫସିଲ ସବୁ ରହିଛି। ଏହି ଜୀବାଶ୍ମ ଉପରେ ଅଧିକ ଅଧ୍ୟୟନ କରାଗଲେ ସେ ସମୟରେ ଏଠାକାର ପରିବେଶ କ'ଣ ଥିଲା, କେଉଁ ଭଳି ଜୀବ ଏଠାରେ ରହୁଥିଲେ; ଏଭଳି ଅନେକ ରହସ୍ୟମୟ ତଥ୍ୟ ଉପରୁ ପରଦା ଉଠିପାରନ୍ତା। ତେଣୁ ଏସବୁ ଜିନିଷ ଉପରେ ଲୋକେ ସଚେତନ ନାହାନ୍ତି, ଫଳରେ ଏଗୁଡ଼ିକର ସଂରକ୍ଷଣ ହୋଇପାରୁନାହିଁ।

ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳକୁ ଜିଓ-ହେରିଟେଜ ଭାବେ ସଂରକ୍ଷଣ କରାଗଲେ; ଏହା ଆଗାମୀ ପିଢ଼ି ପାଇଁ ଅନେକ ଉପାଦେୟ ହୋଇପାରନ୍ତା ବୋଲି ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଭୂତତ୍ତ୍ୱବିତ୍ ଡ ପ୍ରମୋଦ ଚନ୍ଦ୍ର ସାହୁ କହିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ତଥା ରତ୍ନ ଗର୍ଭା ମୟୂରଭଞ୍ଜର ଏହି ଜୀବାଶ୍ମ ଶଯ୍ୟା ପୃଥିବୀର ଅନେକ ଫସିଲ୍ ସାଇଟ୍ ମଧ୍ୟରୁ ଅନ୍ୟତମ ଏବଂ ବିରଳ। ଏହାର ରକ୍ଷଣାବେକ୍ଷଣ କରାଯିବା ସହ ଏହାକୁ ଏକ 'ଫସିଲ୍ ପାର୍କ' ରେ ପରିଣତ କରାଗଲେ ଗବେଷକଙ୍କ ପାଇଁ ଏହା ଗବେଷଣା କେନ୍ଦ୍ର ଓ ପର୍ଯ୍ୟଟକଙ୍କ ପାଇଁ ଏହା ଏକ ନୂତନ ଜ୍ଞାନ ଆହରୋଣର ମାଧ୍ୟମ ସାଜିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।



# ନଦୀଗର୍ଭରେ ବେଆଇନ ବନ୍ଧ ଉଚ୍ଛେଦ ବେଳେ ବିରୋଧ

## ପୁଲିସର ହସ୍ତକ୍ଷେପରେ ମୁକୁଳିଲେ କନିଷ୍ଠ ଖଣି ଅଧିକାରୀ

ଜଳେଶ୍ୱର, ୧୮।୬ (ସମିସ)



ସୁବର୍ଣ୍ଣରେଖା ନଦୀରୁ ବେଆଇନ୍ ବାଲି ଉତ୍ତୋଳନରେ ଲଗାମ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆ ଯାଉଥିବା ବେଳେ ଆଜି ଦ୍ୱିପ୍ରହରରେ ଦକ୍ଷିଣ ପ୍ରହରାଜପୁର -ସୁନାକଣିଆ ବେଆଇନ୍ ବାଲି ବନ୍ଧକୁ ପ୍ରଶାସନ କାଟିଛି। ପଶ୍ଚିମବଙ୍ଗର ସୁନାକଣିଆରୁ ଡିପିପୁର ଦେଇ ରାଇବଣିଆ ଅଞ୍ଚଳକୁ ଯାତାୟାତ ଲାଗି ସୁବର୍ଣ୍ଣରେଖା ନଦୀ ଗର୍ଭରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତାକୁ ବ୍ୟବହାର କରି ପଶ୍ଚିମବଂଗ ର ମାଫିଆ ମାନେ ବାଲି, ମାଟି, ମୋରମ, କାଠ, ଗୋରୁ, ନିଶାଦ୍ରବ୍ୟ ଇତ୍ୟାଦି ବ୍ୟାପକ ପରିବହନ କରିଆସୁଥିଲେ। ଏହାକୁ ରୋକ ଲଗାଇବା ପାଇଁ ତହସିଲ ପ୍ରଶାସନ ଓ ଖଣି ବିଭାଗ ମେସିନ୍ ଦ୍ୱାରା ରାସ୍ତା କାଟୁଥିବା ବେଳେ ଗ୍ରାମବାସୀଙ୍କ ପ୍ରବଳ ବିରୋଧର ଶିକାର ହୋଇଥିଲେ। ତହସିଲ ଦାସ ସତ୍ୟଜିତ ମହାନ୍ତି, ସୁପରଭାଇଜର ସୁବ୍ରତ ଦେ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଘଟଣା ସ୍ଥଳରୁ ଫେରି ଆସିଥିବା ବେଳେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ତାଙ୍କ ସହଯୋଗୀଙ୍କୁ ଗ୍ରାମବାସୀ ମାନେ ଅଟକ ରଖିଥିଲେ। ରାଇବଣିଆ ଆଇଆଇସି ଚମ୍ପାବତୀ ସୋରେନ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଗାଁ ଲୋକେ ସଂଘଠିତ ହୋଇ କାଟିଥିବା ଅସ୍ଥାୟୀ ରାସ୍ତାକୁ ମରାମତି କରିଥିବା ଜଣାପଡ଼ିଛି।

# ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୀଳଗିରି, ୧୮।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ତିଖିରି ପଞ୍ଚାୟତର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ବିଡ଼ିଓଙ୍କ ଦ୍ୱାରା ପ୍ରାୟୋଜିତ ଗୁଣ୍ଡା ଓ ସ୍ଥାନୀୟ ରାଜନେତାଙ୍କ ଚାପରେ ସ୍ଥାନୀୟ ପୋଲିସ ଙ୍କ ଦ୍ୱାରା କରା ଯାଇଥିବା ଆକ୍ରମଣ ଓ ଅତ୍ୟାଚାର ବିରୁଦ୍ଧରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ଓ ଧାରଣା ଜାରି ରହିଛି। ଏହି କ୍ରମରେ ଗୁରୁବାର ନୀଳଗିରି ନିର୍ବାଚନ ମଣ୍ଡଳୀର ରାଜ୍ୟ ସରକାର ଙ୍କ ସମସ୍ତ ବିରୋଧି ରାଜନୈତିକ ଦଳ ଯଥାକ୍ରମେ ସିପିଆଇ, ସିପିଆଇଏମ, ବିଜେଡି ଓ ଜାତୀୟ କଂଗ୍ରେସ ଦଳ ତରଫରୁ ଓ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ତଥା ସମିତି ସଭ୍ୟ ଙ୍କ ମିଳିତ ପ୍ରତିବାଦ ଗଣ ଧାରଣା ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା।




ଏହି ଗଣଧାରଣା ବରିଷ୍ଠ ସିପିଆଇ ନେତା ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ସଭାପତିତ୍ୱ କରିଥିବା ବେଳେ ସିପିଏମର ଯୋଗାନନ୍ଦ ଦାସ, ବିଜୟ ପାତ୍ର, ବିଜେଡି ର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ଗଙ୍ଗାଧର ମିଶ୍ର, ରବୀନ୍ଦ୍ର ପରିଡ଼ା, ଅଜୟ ପଟ୍ଟନାୟକ, ବିଜୟ ସ, ଯଶୋଦା ନନ୍ଦନ ସିଂହ ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଦକ୍ଷିଣ ନରସିଂହପୁରର ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାନ୍ତି, ରମାକାନ୍ତ ବାରିକଙ୍କ ସମେତ ଶତାଧିକ ନେତା ନେତୃତ୍ୱ ଯୋଗଦାନ କରିଥିଲେ। ପରେ ନିରଞ୍ଜନ ବାରିକଙ୍କ ନେତୃତ୍ୱରେ ବିଧାୟକ ସୁକାନ୍ତ ନାୟକ, ଓ ଅନ୍ୟ ବିରୋଧି ଦଳର ନେତୃତ୍ୱ ମାନେ ଏକାଠି ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଥିଲା। ଚାମେଲୀ ଓଝାଙ୍କୁ ନ୍ୟାୟ ନ ମିଳିଲେ ମିଳିତ ଦଳ ତରଫରୁ ଆନ୍ଦୋଳନ ଜାରି ରହିବ ବୋଲି ସାମ୍ବାଦିକଙ୍କଠାରେ ବିରୋଧୀମାନେ ପ୍ରକାଶ କରିଥିଲେ।

## ଟ୍ରେନ୍‌ରେ କଟି ବୃଦ୍ଧା ମୃତ

ଜଳେଶ୍ୱର, ୧୮।୬ (ସମିସ): ଆଜି ଭୋର ସମୟରେ ଜଳେଶ୍ୱର ନୂଆ ବଜାର ରେଳ ଲେବୁଲ କ୍ରସିଂ ନିକଟ ଆଦୀବାସୀ ସାହୀ ଠାରେ ଏକ ବୃଦ୍ଧା ଡାଉନ୍ ଲାଇନ୍ ମରି ପଡ଼ିଥିବାର ଦେଖିବାକୁ ମିଳିଥିଲା। ଦେଉଳୀ ପଞ୍ଚୁଘଣ୍ଟା ଗାଁର ଅନନ୍ତ ଦାସଙ୍କ ମା' ଗିରିବାଳା ଦାସ (୯୨)ରେଳ ଲାଇନ୍ ପାରି ହେବା ବେଳେ ଏକ ମାଲବାହୀ ଟ୍ରେନ ଧକ୍କା ଦେଇଥିବା କୁହାଯାଉଛି। ଘଟଣା ସ୍ଥଳରେ ମୃତ ଶରୀର ଉଦ୍ଧାର ହୋଇଥିବା ବେଳେ ଜିଆରପି ବ୍ୟବଚ୍ଛେଦ ଲାଗି ବାଲେଶ୍ୱର ପଠାଇଛି।

## ଗ୍ୟାସ ସିଲିଣ୍ଡର ଖସିପଡ଼ିବାରୁ କର୍ମଚାରୀ ଗୁରୁତର

ନୀଳଗିରି, ୧୮।୬(ସମିସ): ଗ୍ୟାସ ସିଲିଣ୍ଡର ଖସିପଡ଼ିବାରୁ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ନୀଳଗିରି ବଡଦାଣ୍ଡରେ ଥିବା ମା' ଲକ୍ଷ୍ମୀ ଭାରତଗ୍ୟାସର କର୍ମଚାରୀ ପ୍ରଶାନ୍ତ ମହାନ୍ତି (୪୫) ନୀଳଗିରି ବ୍ଲକ ଅଧିନ ଜଡିବାଲି ଗ୍ରାମର ବାସିନ୍ଦା ପ୍ରତିଦିନ ଭଳି ଗୁରୁବାର ପୂର୍ବାହ୍ନରେ ନୀଳଗିରି ମା' ଲକ୍ଷ୍ମୀ ଭାରତଗ୍ୟାସ ବିତରଣ କାର୍ଯ୍ୟାଳୟ ହୋଇ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ମା' ଲକ୍ଷ୍ମୀ ଭାରତଗ୍ୟାସ ସିଲିଣ୍ଡର ଗୋଦାମକୁ ଗ୍ୟାସ ଗାଡ଼ିରେ ଲୋଡିଂ ବିତରଣ ପାଇଁ ଗୋଦାମକୁ ଜଣାଇଥିଲେ। ଗୋଦାମ ଭିତରେ ତିନି ଥାକ ହୋଇ ରହିଥିବା ଗ୍ୟାସ ସିଲିଣ୍ଡର ଲାଟରୁ ତଳକୁ ଖସାଉଥିବା ବେଳେ ଶ୍ରୀ ମହାନ୍ତି ଙ୍କ ଉପରେ ଗ୍ୟାସ ସିଲିଣ୍ଡର ଗୋଟିଏ ଲାଟ ଖସି ପଡ଼ିଥିଲା। ଶ୍ରୀ ମହାନ୍ତି ଚାପି ହୋଇଯାଇଥିଲା ବେଳେ ପାଖରେ ଥିବା କର୍ମଚାରୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଆଣିଥିଲେ। ଏଥିରେ ତାଙ୍କର ବେକ ଓ ମେରୁଦଣ୍ଡ ରେ ଆଘାତ ଲାଗିଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

## ଲିଫ୍ଟ ବାହାନାରେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ

● ଯୁବତୀ ଉଦ୍ଧାର, ଲୋକଙ୍କ ନିସ୍ତୁକ ମାଡ଼ରେ ଯୁବକ ଗୁରୁତର

ବାଲେଶ୍ୱର, ୧୮।୬ (ସମିସ): ୬୦ ନମ୍ବର ଜାତୀୟ ରାଜପଥରେ ଯୁବତୀଙ୍କୁ ଲିଫ୍ଟ ବାହାନାରେ ଦୁଷ୍କର୍ମ ଉଦ୍ୟମ ଯୁବକକୁ ମହଙ୍ଗା ପଡ଼ିଛି। ଯୁବତୀଙ୍କୁ ସ୍କୁଟିରେ ଲିଫ୍ଟ ଦେବା କଥା କହି ଯୁବକ ଜଣକ ତାଙ୍କୁ ଗାଡ଼ିରେ ବସାଇଥିଲେ। ଜାତୀୟ ରାଜପଥର ଫୁଲାଡି ଓ ନିଧିପଣ୍ଡ ଛକ ମଧ୍ୟରେ ତେମୁହାଣୀ ପୋଲ ନିକଟରେ ଯୁବକ ଜଣକ ଗାଡ଼ି ଅଟକାଇ ଯୁବତୀଙ୍କୁ ତଳକୁ ନେଇଯାଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ରାସ୍ତାରେ ଯାଉଥିବା ଲୋକ ଦୌଡ଼ିଆସି ଯୁବକଙ୍କ କବଳରୁ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତାସହ ଉକ୍ତ ଯୁବକକୁ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିଲେ। ଗୁରୁତର ଅବସ୍ଥାରେ ହଳଦୀପଦା ଫାଣ୍ଡି ପୁଲିସ ପହଞ୍ଚି ଯୁବକକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଗୁରୁତର ଯୁବକ ଓଡ଼ଙ୍ଗୀ ଗ୍ରାମର ଚନ୍ଦନ ମଲ୍ଲିକ। ଯୁବତୀ ଜଣକ କଲେଜ ପାଠପଢ଼ା ସାରି ଘରକୁ ଯିବାପାଇଁ ଅପେକ୍ଷା କରୁଥିବା ବେଳେ ସମ୍ପୃକ୍ତ ଯୁବକ ଚନ୍ଦନ ତାଙ୍କୁ ନେଇଯିବ କଥା କହି ସ୍କୁଟିରେ ବସାଇଥିଲେ। ବାଲେଶ୍ୱର ସହରରୁ ବେଶ୍ କିଛି କିଲୋମିଟର ଯିବା ପରେ ରାଜପଥ କଡ଼ରେ ଏକ ପୋଲ ତଳକୁ ଅଚାନକ ଯୁବତୀଙ୍କୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏ ନେଇ ଯୁବତୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଯୁବକକୁ ପୁଲିସ ଅଟକ ରଖିବା ସହ ପଚରାଉଚରା ଜାରି ରଖିଛି।

## ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର ବ୍ଲକ, ୧୮।୬(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇବଣିଆ ମଣ୍ଡଳର ସର୍ଦାରବନ୍ଦ ଗ୍ରାମ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ରଜ ସଂକ୍ରାନ୍ତି ଉପଲକ୍ଷେ ଦୁଇ ଦିନଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା ଏଥିରେ ରାଇବଣିଆ ମଣ୍ଡଳର ଭାରତୀୟ ଜନତା ପାର୍ଟିର ଯୁବ ମୋର୍ଚ୍ଚା ସଭାପତି ନିହାର ରଞ୍ଜନ ଦାସ, ସର୍ଦାରବନ୍ଧ ଗ୍ରା ପ ର ନାଇବ ସରପଞ୍ଚ ସୁକୁମାର ହାଁସଦା, ୱାର୍ଡ ମେମ୍ବର ମହେନ୍ଦ୍ର ମହାନ୍ତ, କମିଟି ମେମ୍ବର ସକିଲା ମୁର୍ମୁ, ଶିଲୁ ସୋରେନ, ରାଜୁ ସୋରେନ, ଶୁକୁଲ ସୋରେନ, ରାମ ସୋରେନ, କ୍ରିଷ୍ଣା ସୋରେନ, ରାଜେନ ସୋରେନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଭୂଷଣ୍ଡେଶ୍ୱର ପୀଠର ବିକାଶ ଆଶା ବଢ଼ିଲା

ଚନ୍ଦନେଶ୍ୱର, ୧୮।୬(ସମିସ): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଆସନ୍ତାକାଲିର ଭୋଗରାଇ ଗସ୍ତକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନୂତନ ଆଶା ଓ ଉତ୍ସାହ ସୃଷ୍ଟି ହୋଇଛି। ବିଶେଷକରି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭାବେ ପରିଚିତ ବାବା ଭୂଷଣ୍ଡେଶ୍ୱର ମନ୍ଦିର ପୀଠର ବିକାଶ ଓ ଭୋଗରାଇ ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାକୁ ନେଇ ଲୋକମାନଙ୍କ ଆଶା ଅଧିକ ବଢ଼ିଯାଇଛି। ଧାର୍ମିକ, ଐତିହାସିକ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ବାବା ଭୂଷଣ୍ଡେଶ୍ୱର ପୀଠର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରତିବର୍ଷ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସୁଥିବା ସତ୍ତ୍ୱେ ଯାତ୍ରୀ ନିବାସ, ପାନୀୟ ଜଳ, ପାର୍କିଂ, ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଓ ଯୋଗାଯୋଗ ବ୍ୟବସ୍ଥାର ଆହୁରି ଉନ୍ନତିର ଆବଶ୍ୟକତା ରହିଛି। ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଏହି କ୍ଷେତ୍ରଗୁଡ଼ିକରେ ସରକାରୀ ପଦକ୍ଷେପ ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ ମତରେ, ଭୂଷଣ୍ଡେଶ୍ୱର ପୀଠକୁ ଏକ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଗଲେ ଏହା କେବଳ ଭୋଗରାଇ ନୁହେଁ, ସମଗ୍ର ବାଲେଶ୍ୱର ଜିଲ୍ଲାର ପର୍ଯ୍ୟଟନ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ଏହା ସହିତ ତାଳସାରୀ, ଉଦୟପୁର ବେଳାଭୂମି, ଚନ୍ଦନେଶ୍ୱର ଶୈବପୀଠ ଓ ଭୂଷଣ୍ଡେଶ୍ୱର ମନ୍ଦିରକୁ ନେଇ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ସର୍କିଟ ଗଠନ କରାଗଲେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ। ଉପମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଭୂଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ଏକ ନୂତନ ଦିଗ ଖୋଲିବା ସହ ଭୋଗରାଇକୁ ଓଡ଼ିଶାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ପରିଚିତ କରିବାରେ ସହାୟକ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି।

● ସମୁଦ୍ରରେ ବଜ୍ରପାତ ଓ ପ୍ରବଳ ବର୍ଷା ଆଶଙ୍କା

## ୪ ଦିନ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା

ଚନ୍ଦନେଶ୍ୱର, ୧୮।୬ (ସମିସ): ଉପକୂଳ ଓଡ଼ିଶାରେ ଲାଗି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କାଳବୈଶାଖୀର ପ୍ରଭାବରେ ସମୁଦ୍ର ଅଞ୍ଚଳରେ ବଜ୍ରପାତ, ଘଡ଼ଘଡ଼ି, ପ୍ରବଳ ପବନ ଓ ବର୍ଷା ହେବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ଚାରି ଦିନ ସମୁଦ୍ରକୁ ନଯିବା ପାଇଁ ସତର୍କ କରାଯାଇଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ଚଳିତ ମାସ ୧୮ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ସମୁଦ୍ରରେ ପାଗ ଅନୁକୂଳ ନ ରହିବା ସହ ବଜ୍ରପାତ, ଘଡ଼ଘଡ଼ି ଏବଂ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୋଗରାଇ ବ୍ଲକର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ମତ୍ସ୍ୟ ବିଭାଗ ପକ୍ଷରୁ ସମୁଦ୍ରରେ ମାଛ ଧରିବା ପାଇଁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରିଆସିବାକୁ ପରାମର୍ଶ ଦିଆଯାଇଥିବା ବେଳେ ସମସ୍ତ ଡଙ୍ଗା, ଜାଲ ଓ ମାଛଧରା ଉପକରଣକୁ ସୁରକ୍ଷିତ ସ୍ଥାନରେ ରଖିବାକୁ କୁହାଯାଇଛି। ଧନ, ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଏହି ସତର୍କତାମୂଳକ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ନିର୍ଦ୍ଦେଶ ଅମାନ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ କଠୋର ଦଣ୍ଡ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସଚେତନ କରାଯାଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା କହିଛନ୍ତି ଯେ, ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା ସର୍ବାଧିକ ପ୍ରାଥମିକତା ପାଇଛି। ତେଣୁ ସମସ୍ତେ ସରକାରୀ ନିର୍ଦ୍ଦେଶ ପାଳନ କରି ସତର୍କ ରହିବା ଆବଶ୍ୟକ। ଅନ୍ୟପକ୍ଷରେ ଭୋଗରାଇ ଅଞ୍ଚଳରେ କାର୍ଯ୍ୟରତ ୨୦ ଜଣ 'ସାଗର ମିତ୍ର' ବିଭିନ୍ନ ମତ୍ସ୍ୟ ଅବତରଣ କେନ୍ଦ୍ରରେ ପହଞ୍ଚି ମତ୍ସ୍ୟଜୀବୀମାନଙ୍କୁ ସଚେତନ କରିବା ସହ ପାଣିପାଗ ସମ୍ବନ୍ଧୀୟ ସତର୍କ ବାର୍ତ୍ତା ପ୍ରଚାର କରୁଛନ୍ତି। ଏନେଇ ସାଗର ମିତ୍ର ସ୍ନେହାଞ୍ଜଳି ଦାସ ପ୍ରକାଶ କରିଛନ୍ତି।

## ମହୁମୁହାଣରେ ଶହେ ବର୍ଷର ବାଦୀପାଲା ଉତ୍ସବ ଉଦ୍‌ଯାପିତ

ସୋର, ୧୮।୬ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମେଲାଡିହଠାରେ ରଜ ପର୍ବ ପାଳନ ଅବସରରେ ତିନି ଦିନ ଧରି ଅନୁଷ୍ଠିତ ବାଦିପାଲା ଏବଂ ନାଟକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମଣ୍ଡପରେ ବାଦିପାଲା ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ପୁରୀର ମାୟାଧର ପ୍ରଧାନ ଏବଂ ଖୋର୍ଦ୍ଧାର ନିରଞ୍ଜନ ବାହିନୀପତିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଉଭୟ ପାଲା ଗାୟକ ଏବଂ ତାଙ୍କର ଦଳକୁ ମେଳା ମଣ୍ଡପ ରଜ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାତିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'କାନ୍ଦିବିନି ଆଉ ତୋରି ପାଇଁ' ଏବଂ 'ସିନ୍ଦୂର ପିନ୍ଧିଲି ଦିନକ ପାଇଁ' ଯାତ୍ରା ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକଗୁଡ଼ିକରେ ସନ୍ତୋଷ ନାରାୟଣ ଦାସ ନିର୍ଦ୍ଦେଶନା ଦେଇଥିବା ବେଳେ ସୁଧାଂଶୁ କୁମାର ମହାପାତ୍ର, ଗଜେନ୍ଦ୍ର କୁମାର ନାୟକ, ଉଦୟ କୁମାର ସାହୁ ସହଯୋଗ କରିଥିଲେ। ନାଟକର ମୁଖ୍ୟାଂଶରେ ସଂଗ୍ରାମ ପଟ୍ଟନାୟକ, ଯଦୁନାଥ ନାୟକ, ମାଧବ ନାୟକ, କରୁଣାକର ନାୟକ ଓ ଅନ୍ୟ କଳାକାରମାନେ ଅଂଶଗ୍ରହଣ କରି ଚମତ୍କାର କଳାପ୍ରଦର୍ଶନ କରିଥିଲେ। କମିଟି ସଭାପତି ସରୋଜ କୁମାର ପଟ୍ଟନାୟକ ଏବଂ ସମ୍ପାଦକ ନବୀନ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହାୟତା କରିଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର ବ୍ଲକ, ୧୮।୬(ସମିସ): ଜଳେଶ୍ୱର ବ୍ଲକ ଗୋପୀମୋହନପୁର ପଞ୍ଚାୟତ ଛମୌଜ ରାଣୀପଢ଼ିଆଠାରେ ଛମୌଜ ମା' ଦୁର୍ଗା ସ୍ପୋର୍ଟସ କ୍ଲବ ପକ୍ଷରୁ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତହୋଇଯାଇଛି। ଛମୌଜ, ଚନ୍ଦନେଶ୍ୱର, ଚକବିଷ୍ଣୁ, କମରଦା, ଏଗ୍ରା ଏହି ପାଞ୍ଚଟି ଦଳ ଭାଗ ନେଇଥିଲେ। ଅଞ୍ଜନ କୁମାର ସାହୁ ଓ ସଞ୍ଜୀବ କୁମାର ପଣ୍ଡା ଖେଳ ପରିଚାଳନା କରିଥିଲେ।ସବୁ ଦଳ ପରସ୍ପର ସହିତ ଖେଳିବା ପରେ ଛମୌଜ ସହିତ ଚକବିଷ୍ଣୁ ଦଳର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା।ଏହି ଫାଇନାଲରେ ଚକବିଷ୍ଣୁ ଭଲ ପ୍ରଦର୍ଶନ କରି ବିଜୟ ଲାଭ କରିଥିଲା। ବିନୋଦ ବିହାରୀ ମହାପାତ୍ର, ହାରିବାସ ଦାସ, ବିଭୂରେନ୍ଦ୍ର ଦେ, ମନୋରଞ୍ଜନ ଦତ୍ତ, ମନୋରଞ୍ଜନ ଦାସ, ପ୍ରଦୀପ କୁମାର ପ୍ରଧାନ, ନିର୍ମଳ ଚନ୍ଦ, ଅସିତ ପାତ୍ର, ଗୋବିନ୍ଦ ପ୍ରାମାଣିକ, ସଞ୍ଜୟ ପ୍ରାମାଣିକ, ଆଶିଷ ପତି ଓ ପାର୍ଥ ସାରଥୀ ଦାସ ଅତିଥି ଭାବେ ଯୋଗ ଦେଇ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସଭାପତି ଚନ୍ଦନ କୁମାର ଧଳ, ସମ୍ପାଦକ ଦୁର୍ଗାଶଙ୍କର ଜେନା, ଲଲାଟେନ୍ଦୁ ପାତ୍ର, ସଞ୍ଜୀବ ପରିଡ଼ା, ହେମନ୍ତ ପାତ୍ର, ଜୀବନକୃଷ୍ଣ ପ୍ରଧାନ, ଶିବବ୍ରତ ଜେନା, ସୁଶାନ୍ତ କରଣ, ହରିପଦ ଦେ, ଉତ୍ତମ କୁମାର ଦେ, ତପନ କରଣ ପ୍ରମୁଖ ଉପସ୍ଥିତ ଥିଲେ।

## ଏଟିଏମ୍‌ରୁ ଚୋରି ଉଦ୍ୟମ

ସୋର, ୧୮।୬(ସମିସ): ସୋର ଥାନା ବାଗୁଡ଼ି ବଜାର ନିକଟ ଯୋଡମ୍ବ ଛକରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଗତକାଲି ବିଳମ୍ବିତ ରାତିରେ ଚୋରି ଉଦ୍ୟମ ବିଫଳ ହୋଇଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଏହି ଏଟିଏମର ସଟରକୁ ଗ୍ୟାସ କଟରରେ କାଟି ଚୋରି ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଚୋର ମାନେ ଗ୍ୟାସ କଟର ଛାଡି ଏକ ସ୍କର୍ପିଓରେ ଚମ୍ପଟ ମାରିଥିଲେ। ସୋର ପୁଲିସର ତିନୋଟି ଟିମ ଉକ୍ତ ଗାଡିକୁ ପିଛା କରିଥିଲେ ମଧ୍ୟ ଚୋରଙ୍କୁ କାବୁ କରି ପାରି ନ ଥିଲେ।ତେବେ ପୁଲିସର ତୁରିତ କାର୍ଯ୍ୟାନୁଷ୍ଠାନ ପାଇଁ ଏଟିଏମରୁ ଚୋରି ହେବାରୁ ବର୍ତ୍ତି ଯାଇଥିଲା। ତେବେ ପୁଲିସ ଉକ୍ତ ଘଟଣାକୁ ଗୁରୁତ୍ତର ସହ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ଓଡ଼ିଶୀ ସଙ୍ଗୀତ ଆସର

ବାଲେଶ୍ୱର, ୧୮।୬ (ସମିସ): ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଆ ଜାତି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ସ୍ଥାନୀୟ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟରେ କବି ଦୀପକ ବୋଷଙ୍କ ପୌରୋହିତ୍ୟରେ ଆୟୋଜିତ ଓଡ଼ିଶୀ ନୃତ୍ୟ ଆସରରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏହି ଆସରରେ କବି ପ୍ରଶାନ୍ତ ଦାସ, ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ ସଭାପତି ଡାକ୍ତର ଜୟନ୍ତ ଦାସ, ଅଧ୍ୟକ୍ଷ ବସନ୍ତ ଦାସ, ଗୀତିକାର ରବୀନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁ ସତ୍ୟରଞ୍ଜନ ମହାନ୍ତିଙ୍କ ପରିଚାଳନାରେ ଦିଗ୍‌ବିଜୟ, ଦୀପ୍ତରାଗ, ସ୍ମିତପ୍ରଜ୍ଞ, କମଳାକ୍ଷ, ଆର୍ଯ୍ୟାନ୍, ସାଇଶୁଭମ, ଦିବ୍ୟଜ୍ୟୋତି, ରୋହିତ, କୃଷ୍ଣଗୋପାଳ, ସ୍ମୃତିସ୍ୱରୂପା, ଇପ୍‌ସିତା, ଶ୍ରେୟା ଶ୍ରାବଣୀ, ଦିଶାପନା, ଆରାଧ୍ୟା, ନୀତିଶ୍ରୀ, ରାଜଲକ୍ଷ୍ମୀ, ଆନିଶା ଓ ସୁଦୀପ୍ତା ପ୍ରମୁଖ କଣ୍ଠଶିଳ୍ପୀ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ।

## ସ୍ତ୍ରୀକୁ ପଥରରେ ଛେଚି ମାରିଲା ସ୍ୱାମୀ

ସିମୁଳିଆ, ୧୮।୬(ସମିସ): ସାରା ରାଜ୍ୟରେ ରଜ ମହୋତ୍ସବ ପାଳନ କରୁଥିବା ବେଳେ ପରକୀୟା ପ୍ରୀତିକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କଳି, ଉତ୍ତ୍ୟକ୍ତ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ପଥରରେ ଛେଚି ଛେଚି ମାରିଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସିମୁଳିଆ ଥାନା ଅନ୍ତର୍ଗତ ଅଡା ପଞ୍ଚାୟତର ଅଡା ଆଦିବାସୀ ସାହିର ରାଜୁ ସିଂ (୩୩) ବର୍ଷଙ୍କ ଅନ୍ୟ ଏକ ମହିଳା ସହ ପରକୀୟା ପ୍ରୀତି ଯୋଗୁଁ ଉଭୟ ସ୍ୱାମୀ ଓ ସ୍ତ୍ରୀ ନମିତା ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ନିଶାସକ୍ତ ଅବସ୍ଥାରେ ଥିବାରୁ ସ୍ୱାମୀ ରାଜୁ ଉତ୍ତ୍ୟକ୍ତ ହୋଇ ଏକ ପଥର ସାହାଯ୍ୟରେ ସ୍ତ୍ରୀକୁ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସ୍ତ୍ରୀ ଅଚେତ ହୋଇ ପଡ଼ି ଯାଇଥିଲେ। ସକାଳେ ନମିତାକୁ ଯେତେ ଡାକିଥିଲେ ବି ସେ ଆଉ ଉଠି ନ ଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣା ସ୍ଥଳକୁ ଯାଇ ଶବକୁ ଜବତ କରିବା ସହ ସ୍ୱାମୀକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ବାଲେଶ୍ୱର ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରିଛି। ଆଜି ସିମୁଳିଆ ପୁଲିସ ସ୍ୱାମୀ ରାଜୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ରାଜୁର ଭଉଣୀ ଗୀତା ମୁଣ୍ଡା ଭାଇ ଭାଉଜକୁ ପଥରରେ ଛେଚି ଛେଚି ମାରି ଦେଇଥିବା ନେଇ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଛି। ପ୍ରକାଶ ଥାଉକି ରାଜୁ ଓ ନମିତାର ୪ଟି ଛୋଟ ଛୋଟ ପିଲା ଅଛନ୍ତି। ମାଆର ମୃତ୍ୟୁ ସାଙ୍ଗକୁ ବାପାକୁ ହାଜତକୁ ଯିବାକୁ ପଡ଼ିଛି। ପିଲାମାନେ ରହିବେ କେଉଁଠି, ଖାଇବେ କଣ, ଆଉ ସେମାନଙ୍କୁ ଲାଳନ ପାଳନ କିପରି ହେବେ ସେଥିନେଇ ଅଞ୍ଚଳବାସୀ ପରିବାରର ପିଲାମାନଙ୍କୁ ସରକାରୀ ସହାୟତାରେ ଥଇଥାନ କରିବାକୁ ନିବେଦନ କରିଛନ୍ତି।

## ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ

ସିମୁଳିଆ, ୧୮।୬ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ପରିସରର ସଭା ଗୃହରେ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଛି। ସିମୁଳିଆ ପଞ୍ଚାୟତ ସମିତିର ଅଧ୍ୟକ୍ଷ



ବାବାଜୀ ଚରଣ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସିମୁଳିଆ ବିଡ଼ିଓ ସୁନୀଲ କୁମାର ଟୁଡୁ, ଖୋଲାଣା ସୁନ୍ଦରୀ ଜେନା, ମେଡିକାଲ ଅଫିସର ଚିନ୍ମୟୀ ସୋନାଲି ପତିଙ୍କ ଉପସ୍ଥିତିରେ ଅଦ୍ୱିକା କିଶୋରୀ ମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାସନ୍ତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

● ବାଲେଶ୍ୱର ୟାର୍ଡ ନିର୍ମାଣ ପାଇଁ ୨୦ ଦିନ ଟ୍ରେନ୍ ସେବା ବାଧିତ

## ୧୫ ଟ୍ରେନ୍ ବାତିଲ୍, ୫ଟି ଡାଇଭର୍ଟ, ୨ଟି ଆଂଶିକ ବାତିଲ୍

ବାଲେଶ୍ୱର, ୧୮।୬(ସମିସ): ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରକଳ୍ପ ପାଇଁ ବାଲେଶ୍ୱର ଷ୍ଟେସନ ୟାର୍ଡ ରିମଡେଲିଂ କାର୍ଯ୍ୟ ଆସନ୍ତା ଜୁଲାଇ ୨୯ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ଚାଲିବ। ଏହି ୨୦ ଦିନିଆ ନନ୍-ଇଣ୍ଟରଲକିଂ କାମ ଯୋଗୁଁ ଖଡ଼ଗପୁର ଡିଭିଜନ ଅଧୀନରେ ବ୍ୟାପକ ଟ୍ରେନ୍ ସେବା ପ୍ରଭାବିତ ହେବ ବୋଲି ଦକ୍ଷିଣ-ପୂର୍ବ ରେଳବାଇ ଘୋଷଣା କରିଛି। ଜୁଲାଇ ୨୯ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ୬ଟି ମେମୁ ଟ୍ରେନ୍ ସମ୍ପୂର୍ଣ୍ଣ ବାତିଲ୍ ରହିବ - ଖଡ଼ଗପୁର-ଭଦ୍ରକ, ବାଲେଶ୍ୱର-ଭଦ୍ରକ, ବାଲେଶ୍ୱର-ଭୁବନେଶ୍ୱର ଏବଂ ବାଲେଶ୍ୱର-ଗୋପୀନାଥପୁର ରୁଟର ୩ଟି ମେମୁ। ଖଡ଼ଗପୁର-ବାଲେଶ୍ୱର ମେମୁ ଅଗଷ୍ଟ ୧୨ ଯାଏଁ ବାତିଲ୍। ଦୂରଗାମୀ ଏକ୍ସପ୍ରେସ ମଧ୍ୟରେ ଫଳକନୁମା ଏକ୍ସପ୍ରେସ ଜୁଲାଇ ୨୮ରୁ ଅଗଷ୍ଟ ୮, ହାୱଡ଼ା-ପୁରୀ ଏକ୍ସପ୍ରେସ ଜୁଲାଇ ୨୯ରୁ ଅଗଷ୍ଟ ୯, ହାୱଡ଼ା-ଭୁବନେଶ୍ୱର ଏକ୍ସପ୍ରେସ ଅଗଷ୍ଟ ୫ରେ ବାତିଲ୍ ରହିବ। ଆନନ୍ଦ ବିହାର-ପୁରୀ ଓ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ସମେତ ୫ଟି ଟ୍ରେନ୍ ଚାନ୍ଦିଲ-କାଣ୍ଡ୍ରା-ସିନି-ରାଜଖରସୱାନ-ନୟାଗଡ଼-ଯଖପୁରା ଦେଇ ଚଳାଚଳ କରିବ। ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଗୋମୋ-ବୋକାରୋ-ପୁରୁଲିଆ ଦେଇ ଡାଇଭର୍ଟ ହେବ। ବାରିପଦା-ବାଲେଶ୍ୱର ମେମୁ ଜୁଲାଇ ୨୮ରୁ ଅଗଷ୍ଟ ୧୦ ଯାଏଁ ରୂପସାରେ ଶେଷ ହେବ। ବାଲେଶ୍ୱର-ବାରିପଦା ମେମୁ ଜୁଲାଇ ୨୯ରୁ ଅଗଷ୍ଟ ୧୧ ଯାଏଁ ରୂପସାରୁ ଆରମ୍ଭ ହେବ। ରୂପସା-ବାଲେଶ୍ୱର ମଧ୍ୟରେ ସେବା ବନ୍ଦ ରହିବ। ରେଳବାଇ ଯାତ୍ରୀମାନଙ୍କୁ ଏହି ପରିବର୍ତ୍ତନ ଦୃଷ୍ଟିରେ ରଖି ଯାତ୍ରା ଯୋଜନା କରିବାକୁ ଅନୁରୋଧ କରିଛି।

# ଚନ୍ଦନେଶ୍ୱରରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା

ଚନ୍ଦନେଶ୍ୱର, ୧୮।୬ (ସମିସ)




ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଚନ୍ଦନେଶ୍ୱର ଅଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ସମ୍ପର୍କିତ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମତଦାତା ତାଲିକାରେ ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତି, ତ୍ରୁଟି ସଂଶୋଧନ ଓ ନିର୍ବାଚନ ପ୍ରକ୍ରିୟା ପ୍ରତି ସାଧାରଣ ଜନତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସଚେତନତା ସାଇକେଲ ଶୋଭାଯାତ୍ରା ବିଶ୍ୱପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଶୈବପୀଠ ପରିସରରୁ ଆରମ୍ଭ ହୋଇ ବିଭିନ୍ନ ଗ୍ରାମ ଓ ଜନବହୁଳ ଅଞ୍ଚଳ ଦେଇ ଅତିକ୍ରମ କରି ମନୋରମ ବେଳାଭୂମି ଉଦୟପୁରଠାରେ ଶେଷ ହୋଇଥିଲା। ଶୋଭାଯାତ୍ରା ସମୟରେ ଅଂଶଗ୍ରହଣକାରୀମାନେ ମତଦାତା ସଚେତନତା ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେବା ସହିତ ଲୋକମାନଙ୍କୁ ନିଜର ଭୋଟର ପରିଚୟ ସଠିକ୍ ରଖିବା, ନୂତନ ମତଦାତା ଭାବେ ପଞ୍ଜୀକରଣ କରିବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫକୀରମୋହନ ମେଡିକାଲ କଲେଜର ରେଜିଷ୍ଟ୍ରାର (ପ୍ରଶାସନ) ତଥା ଭୋଗରାଇ ନିର୍ବାଚନ ମଣ୍ଡଳୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ମନୋରମା ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନୀ ପ୍ରକ୍ରିୟାରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ସଠିକ୍ ଓ ନିର୍ଭୁଲ ମତଦାତା ତାଲିକା ଗଣତନ୍ତ୍ରର ମୂଳ ଭିତ୍ତି ହୋଇଥିବା ବେଳେ ଏଥିପାଇଁ ସମସ୍ତଙ୍କ ସହଯୋଗ ଅତ୍ୟନ୍ତ ଜରୁରୀ। କାର୍ଯ୍ୟକ୍ରମରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା, ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତା, ବ୍ଲକ ସ୍ୱଚ୍ଛତା ସଂଯୋଜକ ତରୁଣ କୁମାର ମନ୍ତ୍ରୀ, ଡବ୍ଲ୍ୟୁ.ଓ. କୀର୍ତ୍ତିକୁମାର ପାତ୍ର, ଏ.ପି.ଓ. ଜଗବନ୍ଧୁ ବେହେରା, ବି.ଏସ୍.ଏସ୍.ଓ. ଗୌରାଙ୍ଗ ସାମଲ, ବି.ଏଲ୍.ସି. ପ୍ରଦୀପ ମଣ୍ଡଳ, ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି, ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଛିଦାତେଘରୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କାମିଲା, ହୁଗୁଳି ପଞ୍ଚାୟତର ପି.ଇ.ଓ. ବିଜୟ କୁମାର ବେହେରା ଓ ସାହାବାଜିପୁର ପଞ୍ଚାୟତର ପିଇଓ ଶିବ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଚନ୍ଦନେଶ୍ୱର ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଯୁବକ-ଯୁବତୀ ଓ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହିତ ଏହି ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେମାନଙ୍କର ସକ୍ରିୟ ଭାଗୀଦାରି କାର୍ଯ୍ୟକ୍ରମକୁ ଅଧିକ ସଫଳ ଓ ପ୍ରଭାବଶାଳୀ କରିଥିଲା। ଶେଷରେ ଆୟୋଜକମାନେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟାରେ ସାମିଲ ହୋଇ ନିଜର ମତଦାତା ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ ଓ ସଂଶୋଧନ କରିବା ସହିତ ଏକ ସୁଦୃଢ଼, ସ୍ୱଚ୍ଛ ଓ ଅଂଶଗ୍ରହଣମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥା ଗଠନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

# ଶିଳ୍ପସମୃଦ୍ଧ କଳିଙ୍ଗନଗର ରାସ୍ତା ମରଣଯନ୍ତା

ଯଖପୁରା,୧୮।୬(ସମିସ)



ରାଜ୍ୟର ଅନ୍ୟତମ ପ୍ରମୁଖ ଶିଳ୍ପାଞ୍ଚଳ ଭାବେ ପରିଚିତ ଯାଜପୁର ଜିଲ୍ଲାର କଳିଙ୍ଗନଗର ଏବେ ସମସ୍ୟାର ଗନ୍ତାଘର ପାଲଟିଛି। ସରକାର ଏହି ଅଞ୍ଚଳରୁ ଦୈନିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ, ସ୍ଥାନୀୟ ବାସିନ୍ଦା ଓ ଶ୍ରମିକମାନଙ୍କୁ ମିଳୁଛି କେବଳ ଧୂଳି, ଧୂଆଁ ଏବଂ ମରଣଯନ୍ତା ଭଳି ରାସ୍ତା। କଳିଙ୍ଗନଗରର ବ୍ୟସ୍ତବହୁଳ, ଅସଜଡ଼ା ଏବଂ ଖାଲଖମାରେ ଭର୍ତ୍ତି ରାସ୍ତା ଏବେ ବାଟୋଇଙ୍କ ପାଇଁ କାଳ ସାଜିଛି। ଦୈନିକ ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରୁ ଲକ୍ଷରୁ ଊର୍ଦ୍ଧ୍ୱ ଭାରୀଯାନ ଚଳାଚଳ କରୁଥିବା ଏହି ରାସ୍ତାରେ ଲକ୍ଷାଧିକ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ପ୍ରତି ମୁହୂର୍ତ୍ତରେ ଜୀବନକୁ ବାଜି ଲଗାଇ ଯାତାୟତ କରୁଛନ୍ତି। ପ୍ରଶାସନିକ ଉଦାସୀନତା ଏବଂ ପରିବହନ ନିୟମର ଖୋଲାଖୋଲି ଉଲ୍ଲଂଘନ ଯୋଗୁଁ କଳିଙ୍ଗନଗରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶିଳ୍ପାଞ୍ଚଳରେ ପରିବହନ ନିୟମ ଏବଂ ସଡ଼କ ସୁରକ୍ଷା ଆଇନର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ବିଭିନ୍ନ ଟ୍ରାନ୍ସପୋର୍ଟରଙ୍କ ଲମ୍ବା ଲମ୍ବା ଗାଡ଼ି (ମଲ୍ଟି-ଆକ୍ସେଲ୍ ଟ୍ରକ୍ ଏବଂ ଟ୍ରେଲର) ଘଣ୍ଟା ଘଣ୍ଟା ଧରି, କେତେକ ସ୍ଥାନରେ ଦିନ ଦିନ ଧରି ମୁଖ୍ୟ ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ କରି ରହୁଛି। ଏହି ବେଆଇନ ପାର୍କିଂ ଯୋଗୁଁ ସାଧାରଣ ଯାତାୟାତ ପାଇଁ ଉଦ୍ଦିଷ୍ଟ ରାସ୍ତା ସଂକୁଚିତ ହୋଇଯାଉଛି ଏବଂ ଦୈନିକ ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାକଡ଼ରେ ଅନ୍ଧାରରେ ଠିଆ ହୋଇ ରହୁଥିବା ଭାରୀଯାନଗୁଡ଼ିକ ପଛରେ ପିଟିହୋଇ ଅନେକ ବାଇକ ଆରୋହୀ ଏବଂ ପଥଚାରୀଙ୍କ ପ୍ରାଣହାନୀ ଘଟୁଛି। ମାତ୍ର କମ୍ପାନୀ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର କରାଯାଉନାହିଁ।

ମାନପୁର ରେଳ ଓଭରବ୍ରିଜ୍ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବଡ଼ ଦୁଃଖର କାରଣ ପାଲଟିଛି। ଏହାର ନିର୍ମାଣ ଓ ରକ୍ଷଣାବେକ୍ଷଣରେ ତ୍ରୁଟି ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ମିଲିଟାରୀ ଛକରୁ ବଙ୍ଗଳା ଛକ (ବିଜୁ ପଟ୍ଟନାୟକ ମାର୍ଗ) ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଧୋଇଯାଇଛି। ମିଲିଟାରୀ ଛକରେ ଥିବା ବଡ଼ ବଡ଼ ଖାଲ ଖମା ଦୈନିକ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ସାତବାଂଶିଆରୁ ତେଲିବାହାଲୀ ବଜାର ସମ୍ପୂର୍ଣ୍ଣ ଅସଜଡ଼ା ଓ ବିପଦପୂର୍ଣ୍ଣ ରାସ୍ତା। ଅଞ୍ଚଳରେ ରାସ୍ତାର ଦୁଇ ପାଶ୍ୱର୍ରେ ବେଆଇନ ଗାଡ଼ି ଘଣ୍ଟା ଘଣ୍ଟା ଛିଡ଼ା ହେବା ଏବଂ ବଜାର ଏଠାରେ ସାଧାରଣ ଲୋକଙ୍କ ଭିଡ଼ ରହେ, ଯାହା ଦୁର୍ଘଟଣାର ଆଶଙ୍କାକୁ ଦ୍ୱିଗୁଣିତ କରୁଛି। ଭିସା ଛକରୁ ଥାନା ଚାରିଛକ ଓ ବଙ୍ଗଳା ଛକଏହି ସମଗ୍ର ରାସ୍ତାଟି ବର୍ତ୍ତମାନ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଯିବାକୁ ବାଟୋଇମାନେ ଭୟ କରୁଛନ୍ତି। ଥାନା ଚାରିଛକରୁ ବିଆର୍‌ପିଏଲ୍ (ଗୋପବନ୍ଧୁ ମାର୍ଗ) ଛକରାସ୍ତା ବିପଦପୂର୍ଣ୍ଣ ହେବା ସହିତ ରାସ୍ତା କଡ଼ରେ ଅନିୟନ୍ତ୍ରିତ ଗାଡ଼ି ପାର୍କିଂ ବାଟୋଇଙ୍କ ପାଇଁ ବଡ଼ ପ୍ରତିବନ୍ଧକ ସାଜିଛି। ମିଲିଟାରୀ ଛକରୁ ଢୁବୁରୀ ଛକଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାକୁ ସ୍ଥାନୀୟ ଲୋକେ "ବାଟୋଇଙ୍କ କାଳ' ବୋଲି ଆଖ୍ୟା ଦେଇଛନ୍ତି। ଶିଳ୍ପାଞ୍ଚଳରେ ନା ଅଛି ଭଲ ରାସ୍ତା, ନା ଅଛି ଡ୍ରେନେଜର ସୁବିଧା। କଳିଙ୍ଗନଗରର ବିକାଶ କେବଳ କାରଖାନାର ସଂଖ୍ୟା ବୃଦ୍ଧିରେ ସୀମିତ ରହିଯାଇଛି। ସାଧାରଣ ନାଗରିକଙ୍କ ପାଇଁ ଆବଶ୍ୟକ ହେଉଥିବା ମୌଳିକ ଭିତ୍ତିଭୂମି ଏଠାରେ ଶୂନ। ଅଞ୍ଚଳରେ ପାଣି ନିଷ୍କାସନ ପାଇଁ କୌଣସି ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ କାରଖାନାର ଦୂଷିତ ଜଳ ଏବଂ ବର୍ଷା ପାଣି ମିଶି ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି। ଏହି ଜଳବନ୍ଦୀ ସମସ୍ୟା ଯୋଗୁଁ ରାସ୍ତାର ଖାଲଗୁଡ଼ିକ ଦେଖାଯାଏ ନାହିଁ, ଯାହା ଦ୍ୱାରା ଦୁର୍ଘଟଣା ଆହୁରି ବଢ଼ିଯାଏ। ସରକାରୀ ନିୟମ ଓ ସିଏସଆର ପାଣ୍ଠିର ଖୋଲା ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ଯଦି ସରକାର ଓ ପ୍ରଶାସନ ପାଖରେ ଜିଲ୍ଲା ଖଣିଜ ପାଣ୍ଠି ଏବଂ "କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ'ର ଏତେ ପାଣ୍ଠି ଅଛି, ତେବେ କଳିଙ୍ଗନଗରର ରାସ୍ତାଘାଟର ଅବସ୍ଥା ଏଭଳି ଦୟନୀୟ କାହିଁକି ବୋଲି ପ୍ରଶ୍ନ ଉଠୁଛି।

ମିଲିଟାରୀ ଛକରୁ ବଙ୍ଗଳା ଛକ ଏବଂ ଢୁବୁରୀ ଛକ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ପ୍ରଶସ୍ତ ସ୍ଥାୟୀ ପିଚୁ ଓ କଂକ୍ରିଟକରଣ କରାଯିବାକୁ ଦାବି ହେଉଛି। ସେହିପରି ରାସ୍ତା କଡ଼ରେ ବେଆଇନ ଗାଡ଼ି ପାର୍କିଂ କରୁଥିବା ଟ୍ରାନ୍ସପୋର୍ଟରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ମାନପୁର ରେଳ ଓଭର ବ୍ରିଜ୍ ଶୀଘ୍ର କାର୍ଯ୍ୟ ଶେଷ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ, ସମଗ୍ର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ (ରାସ୍ତା ଆଲୋକୀକରଣ)ର ବ୍ୟବସ୍ଥା କରାଯାଉ ବୋଲି ଦାବି ହେଉଛି। ଯଦି ଏହାର ପ୍ରତିକାର କରାନଯାଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଧରଣର ଜନ ଆନ୍ଦୋଳନର ରୂପ ନେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ମେଗା ରକ୍ତଦାନ ଶିବିର



**ଦାନଗଦି,୧୮।୬(ସମିସ):** ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବା ଲକ୍ଷ୍ୟରେ, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଗୁରୁବାର ପ୍ଲାଟ୍-୨ ଅଡିଟୋରିୟମ୍‌ଠାରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୨୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇପାରିଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ମଚାରୀ, ସେମାନଙ୍କ ପରିବାର ବର୍ଗ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନେ ସ୍ୱେଚ୍ଛାକୃତ ଭାବେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହା କମ୍ପାନୀର ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ନାଗରିକ ଦାୟିତ୍ୱବୋଧ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବକୁ ପ୍ରଦର୍ଶିତ କରୁଛି। ମେଗା ରକ୍ତଦାନ ଶିବିରରେ ପ୍ରବଳ ଘୋଷ, ଟାଟା ଷ୍ଟିଲ୍‌ର ଆସେଟ୍ ଆଣ୍ଡ ଏନର୍ଜି ମ୍ୟାନେଜମେଣ୍ଟ ବିଭାଗର ଭାଇସ ପ୍ରେସିଡେଣ୍ଟ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

**୨୮୦ ୟୁନିଟ୍ ରକ୍ତ ସଂଗୃହୀତ**

ଟିଏସ୍‌କେର 'ଅକ୍ୟୁପେସନାଲ୍ ହେଲ୍‌ଥ ସେଣ୍ଟର' ଏବଂ 'ୱେଲ୍‌ନେସ୍ କର୍ଣ୍ଣର' ପକ୍ଷରୁ ଆୟୋଜିତ ଏହି ଜନହିତକର କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର, ସେଣ୍ଟ୍ରାଲ ରେଡକ୍ରସ ରକ୍ତଭଣ୍ଡାର, କଟକ, ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରକ୍ତଭଣ୍ଡାର, ଯାଜପୁର ରୋଡ ସକ୍ରିୟ ସହଯୋଗ କରିଥିଲେ। ରକ୍ତଦାତାଙ୍କ ପ୍ରତି କୃତଜ୍ଞତା ଜଣାଇ ମୁଖ୍ୟ ଅତିଥି ଶ୍ରୀ ଘୋଷ, ସମସ୍ତ ଅଂଶଗ୍ରହଣକାରୀ ଏବଂ ଏଥିରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସାମୂହିକ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ଥାନୀୟ ରକ୍ତଭଣ୍ଡାରଗୁଡ଼ିକରେ ଜୀବନ ରକ୍ଷାକାରୀ ରକ୍ତର ଜରୁରୀ ଆବଶ୍ୟକତାକୁ ପୂରଣ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ନଦୀରେ ବୁଡ଼ି ନାବାଳକ ମୃତ

**ଯାଜପୁର,୧୮।୬ (ସମିସ):** ବୈତରଣୀ ନଦୀର ଦେବୀଗଡ଼ା ଘାଟରେ ଗୁରୁବାର ବୁଡ଼ି ଜଣେ ନାବାଳକଙ୍କର ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ଯାଜପୁର ପୌରାଞ୍ଚଳ ଜହ୍ନବଗିଚା ଗ୍ରାମର ପ୍ରଶାନ୍ତ କୁମାର ନାୟକଙ୍କ ପୁଅ ପ୍ରସନଜିତ୍ ନାୟକ(୧୬)। ସେ ଦଶମ ଶ୍ରେଣୀରେ ପାଠ ପଢୁଥିଲେ। ପ୍ରସନଜିତ୍ ଓ ତାଙ୍କ ଦୁଇ ଜଣ ସାଙ୍ଗଙ୍କ ସହିତ ଦେବୀଗଡ଼ା ଘାଟକୁ ଗାଧେଇବାକୁ ଆସିଥିଲେ। ଦୁଇଜଣ ସାଙ୍ଗ ନଦୀରେ ଗାଧୋଉଥିବା ସମୟରେ ଅନ୍ୟ ଜଣେ ସାଙ୍ଗ ନଦୀ କୂଳରେ ଛିଡ଼ା ହୋଇଥିଲେ। ଏହି ସମୟରେ ପ୍ରସନଜିତ ଓ ତାଙ୍କ ସାଙ୍ଗ ଉଭୟ ବୁଡ଼ି ଯାଇଥିଲେ। କୂଳରେ ଛିଡ଼ା ହୋଇଥିବା ଅନ୍ୟ ଜଣେ ସାଙ୍ଗ ଜଣକୁ ଉଦ୍ଧାର କରିଥିବା ବେଳେ ପ୍ରସନଜିତ୍ ଗଭୀର ଜଳ ଭିତରକୁ ଭାସି ଯାଇଥିବାରୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ନଦୀରେ ଖୋଜାଖୋଜି କରିବା ପରେ ନିଖୋଜ ପ୍ରସନଜିତ୍‌ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣ କରିଥିଲେ। ଟାଉନ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବରୀ,୧୮।୬(ସମିସ):** ଅବସରପ୍ରାପ୍ତ ଶିକ୍ଷକ ଭାବେ ଗୁରୁ ଚରଣ ସାହୁଙ୍କର ୬୧ ବର୍ଷ ବୟସରେ ପରଲୋକ ଘଟିଛି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପରଲୋକ ଘଟିଥିଲା। ସ୍ୱର୍ଗତଃ ସାହୁ ଗତ ମାର୍ଚ୍ଚ ମାସ ୩୧ ତାରିଖରେ ନାଥପୁର କେନ୍ଦୁଆସ୍ଥିତ ସରସ୍ୱତୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ଝିଅ ଉପସ୍ଥିତ ଥିଲେ। ତାଙ୍କ ବଡ ଝିଅ ଯିଏକି ଜଣେ ଡାକ୍ତର, ତାଙ୍କ ବାହାଘର ଜୁଲାଇ ୭ ତାରିଖରେ ହେବାକୁ ସ୍ଥିର ହୋଇଥିଲା। ମର ଶରୀରକୁ ପୁରୀ ସ୍ୱର୍ଗ ଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଛି।

## ମୂଷା ଖାଇଦେଲା ୪୦ ହଜାର!

**ପାଣିକୋଇଲି,୧୮।୬(ସମିସ):** ପାଣିକୋଇଲି ଥାନା ଗୋଲେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ କଷ୍ଟମର ସର୍ଭିସ ପଏଣ୍ଟ (ଗ୍ରାହକ ସେବା କେନ୍ଦ୍ର) ରହିଛି। ଏହାର ସଂଚାଳକ ଦିଲ୍ଲୀପ କୁମାର ନାୟକଙ୍କ ଅଭିଯୋଗ ମୁତାବକ ପ୍ରତିଦିନ ପରି ଗତ ୬ ତାରିଖ ଦିନ ସବୁ ଦିନ ପରି ସଂସ୍ଥା ବନ୍ଦ କରି ଘରକୁ ଯାଇଥିଲେ। ୭ ତାରିଖ ଦିନ ଆସି ଦେଖିବାବେଳକୁ ସେଠାରେ ଗଚ୍ଛିତ ଥିବା ୩୯ ହଜାର ୯ଶହ ଟଙ୍କା ବଦଳରେ କିଛି ଟୁକୁଡ଼ା ଟଙ୍କା ପଡ଼ିଛି। ସିସିଟିଭି ଯାଞ୍ଚ ଅନୁଯାୟୀ କେହି ବନ୍ଦ ପରେ ବା ଖୋଲିବା ପୂର୍ବରୁ ସେଠାକୁ ଯାଇନାହାନ୍ତି। ଟୁକୁଡ଼ା ଟଙ୍କା ମୂଷା କାଟିଥିବା କୁହାଯାଉଛି। କିନ୍ତୁ ଟୁକୁଡ଼ା ଟଙ୍କା ସବୁ କଟାଯାଇନଥିବା କୁହାଯାଉଛି। ସହ ସଂଚାଳକ ଭାବେ ଜୈନିକା ଯୁବତୀ କାମ କରନ୍ତି। ସେ ଟଙ୍କା ହେରଫେର କରିଥିବାର ଅଭିଯୋଗ ଆଣି ସଂଚାଳକ ଥାନାରେ ଏତଲା ଦେଇଛନ୍ତି। ଏନେଇ ଏକ ମାମଲା ୨୩୦/୨୬ ରୁଜୁ କରାଯାଇ ସବ୍‌ଇନ୍ସପେକ୍ଟର ସୁଶ୍ରୀ ମିନତୀ ବେହେରା ତଦନ୍ତ ଆରମ୍ଭ କରିଛନ୍ତି।





## ସବ୍‌ଇନ୍ସପେକ୍ଟର ଓ ସହକାରୀ ସବ୍‌ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ପାଣିକୋଇଲି,୧୮।୬(ସମିସ):** ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ସବ୍‌ଇନ୍ସପେକ୍ଟର ଓ ସହକାରୀ ସବ୍‌ଇନ୍ସପେକ୍ଟର ସ୍ତରରେ ଜିଲ୍ଲା ମଧ୍ୟରେ ୨୩ ଜଣଙ୍କର ଅଦଳବଦଳ କରାଯାଇଛି। ଏହିକ୍ରମରେ ୫ଜଣ ସବ୍‌ଇନ୍ସପେକ୍ଟର ଓ ୧୮ ଜଣ ସହକାରୀ ସବ୍‌ଇନ୍ସପେକ୍ଟରଙ୍କ ବଦଳି କରାଯାଇଛି। ଯାଜପୁର ଏସପି ୟସ ପ୍ରତାପ ଶ୍ରୀମଲଙ୍କ ପତ୍ର ସଂଖ୍ୟା ୩୩୯ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଖାଲିପଡିଥିବା ପଦବୀ ପ୍ରଶାସନିକ ଆବଶ୍ୟକତା ଏବଂ ବିଭିନ୍ନ ପନଦବୀରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ବଦଳି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ସବ୍‌ଇନ୍ସପେକ୍ଟର ମହେନ୍ଦ୍ର କୁମାର ସେଠୀଙ୍କୁ ଯାଜପୁର ଥାନାରୁ ଜେନାପୁର ଥାନା, ସୁରେନ୍ଦ୍ର ଜେନାଙ୍କୁ ଚଣ୍ଡିଖୋଲ ଫାଣ୍ଡିରୁ ଯାଜପୁର ଥାନା, ସମ୍ବିତ ବେହେରାଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଯାଜପୁର ଥାନା, ଲିଙ୍ଗେଶ୍ୱର ବେହେରା ଯାଜପୁର ରୋଡ୍‌ରୁ ଯାଜପୁର ସଦର ଥାନା, ବିଦ୍ୟୁତ ଦେହୁରୀଙ୍କୁ ହେଡକ୍ୱାର୍ଟରରୁ ଯାଜପୁର ରୋଡ ଥାନା ବଦଳି କରାଯାଇଛି। ସେହିପରି ସହକାରୀ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ) ପ୍ରେମାନନ୍ଦ ପୃଷ୍ଟିଙ୍କୁ କୋଟପୁର ଫାଣ୍ଡିରୁ ଧାନମଣ୍ଡଳ ବିଟ ହାଉସ, ଅଭ୍ରାଂଶୁ ମହାନ୍ତିଙ୍କୁ ହେଡ୍‌କ୍ୱାର୍ଟରୁ ଜାରକା ବିଟ୍ ହାଉସ, ଏଲ୍‌ଏମ୍ ମିଶ୍ରଙ୍କୁ ରାମବାଗ ବିଟହାଉସ୍‌ରୁ କୋଟପୁର ବିଟ୍‌ହାଉସ୍, ସିଆର୍ ଜେନାଙ୍କୁ ଯାଜପୁର ରୋଡ୍ ଥାନାରୁ ଚଢ଼େଇଧରା ବିଟ୍ ହାଉସ, ଅନୀଲ ସାହୁଙ୍କୁ ଚଢ଼େଇଧରା ବିଟ୍ ହାଉସରୁ ଅଳକୁଣ୍ଡ ଥାନା, ସିଏସ୍ ମୁଣ୍ଡାଙ୍କୁ ହେଡ୍‌କ୍ୱାର୍ଟରରୁ ସୁକିନ୍ଦା ଥାନା, ଅଚ୍ୟୁତାନନ୍ଦ ଦାସଙ୍କୁ ହେଡକ୍ୱାର୍ଟରରୁ ବାଲିଚନ୍ଦ୍ରପୁର ଥାନା, ଶ୍ରୀନିବାସ ପାଣିଗ୍ରାହୀଙ୍କୁ ଚଣ୍ଡିଖୋଲ ଫାଣ୍ଡିରୁ ରାମବାଗ ବିଟ୍ ହାଉସ୍, ଏସ୍‌କେ ଦାଶ ଯାଜପୁର ସଦର ଥାନାରୁ ଚଣ୍ଡିଖୋଲ ଫାଣ୍ଡି, ବିଜୟ କୁମାର ବେହେରାଙ୍କୁ ଜାରକା ବିଟ୍ ହାଉସ୍‌ରୁ କାଳିଆପାଣି ଥାନା, ଏ.କେ ବଳଙ୍କୁ ଯଖପୁରା ଥାନାରୁ ଯାଜପୁର ରୋଡ୍ ଥାନା, ଡିଏନ୍ ଦେଙ୍କୁ ହେଡକ୍ୱାର୍ଟରରୁ ଟମକା ଥାନା, ପ୍ରକାଶ ସିଂହଙ୍କୁ ହେଡକ୍ୱାର୍ଟରୁ ଯଖପୁରା ଥାନା, ଉଦୟନାଥ ମଙ୍ଗରାଜଙ୍କୁ ହେଡକ୍ୱାର୍ଟରରୁ ସୁକିନ୍ଦା ଥାନା, ବୀରବର ରାଉତଙ୍କୁ ହେଡକ୍ୱାର୍ଟରରୁ ବାଲିଚନ୍ଦ୍ରପୁର ଥାନା, ନନ୍ଦ କିଶୋର ଦାସଙ୍କୁ ହେଡକ୍ୱାର୍ଟରରୁ ଜେନାପୁର ଥାନା, ଜଗନ୍ନାଥ ଜେନାଙ୍କୁ ଯାଜପୁରରୋଡ୍ ଥାନାରୁ ବ୍ରହ୍ମବରଦା ଥାନା, ଚିତ୍ତରଞ୍ଜନ ମହାନ୍ତିଙ୍କୁ ଧର୍ମଶାଳା ଥାନାରୁ ଯାଜପୁର ସଦର ଥାନାଙ୍କୁ ବଦଳି କରାଯାଇଛି। ତୁରନ୍ତ ବଦଳିସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି।

## ଶହୀଦ ଶ୍ରୁତି ବିଶ୍ୱାଳଙ୍କ ବଳିଦାନ ଦିବସ

## ଶହୀଦ ପୀଠର ମାନ୍ୟତା ପାଇଁ ଦାବି





**ଯାଜପୁର,୧୮।୬(ସମିସ):** ଛତିଶ ଦେବିଲର ଫାଶୀ ପଡ଼ିଆଠାରେ ଆଜି ଶହୀଦ ଶ୍ରୁତି ବିଶ୍ୱାଳଙ୍କ ୧୬୮ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି କାମଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅଖିଳଚକ୍ରର ସଭାପତି ଏବଂ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗଦେଇ କହିଲେ ଯେ ୧୮୫୭ ମସିହା ମେ ୧୦ ତାରିଖରେ ମିରଟଠାରେ ଆରମ୍ଭ ହୋଇଥିବା ସିପାହୀ ବିଦ୍ରୋହ ସାରା ଭାରତ ବର୍ଷରେ ଆନ୍ଦୋଳନର ରୂପ ନେଇଥିଲା। ଏହା ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଆରମ୍ଭ ହୋଇଥିବା ବିଦ୍ରୋହ ଯାଜପୁର ଜିଲ୍ଲାର ଛତିଶ ଦେବିଲ, ବାଲିଆ, ବରୁହାଁ ପ୍ରଗଣାରେ ମଧ ମୁଣ୍ଡ ଟେକିଥିଲା। ଏହି ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର କ୍ରାନ୍ତିବୀର ଜୟୀ ରାଜଗୁରୁ ଏବଂ ଛତିଶ ଦେବିଲର ଶ୍ରୁତି ବିଶ୍ୱାଳଙ୍କୁ ଅତି ନିର୍ମମ ଭାବେ ଫାଶୀ ଦିଆଯାଇଥିଲା। ଉପକୂଳ ଅଞ୍ଚଳରେ ରାମକୃଷ୍ଣ ସାମନ୍ତସିଂହାରଙ୍କ ନେତୃତ୍ୱରେ ଶ୍ରୁତି ବିଶ୍ୱାଳ ଦୃଢ଼ତାର ସହ ଇଷ୍ଟଇଣ୍ଡିଆ କମ୍ପାନୀର ନୀତି ଓ ଶୋଷଣ ବିରୋଧରେ ସଂଗ୍ରାମ କରି ଛତିଶ ଦେବିଲର ଫାଶୀପଡ଼ିଆ ଠାରେ ଥିବା ବରଗଛରେ ଫାଶୀ ପାଇ ଦେଶ ପାଇଁ ପ୍ରାଣବଳି ଦେଇଥିଲେ ହେଁ ଐତିହାସିକ ମାନେ ତାଙ୍କ ପ୍ରତି ଗୁରୁତର ଅବହେଳା କରିଥିବା ମତ ପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସ, ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ଅଧ୍ୟକ୍ଷା ଡଃ ଐଶ୍ୱର୍ଯ୍ୟା ରାୟ, ଯୁବନେତା ସଂଗ୍ରାମ ପାତ୍ର, ଦେବେନ୍ଦ୍ର ଦାସ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ସନ୍ତୋଷ କୁମାର ଦାସ, ଅଟଳବିହାରୀ ନାୟକ, ପ୍ରମୁଖ ଶହୀଦ ଶ୍ରୁତି ବିଶ୍ୱାଳଙ୍କ ସ୍ମୃତିରକ୍ଷା ଓ ସରକାରୀ ମାନ୍ୟତା ପାଇଁ ଦାବି କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଶିକ୍ଷାବିତ ଡଃ ଶରତ କୁମାର ବିଶ୍ୱାଳ, ଡଃ ଶ୍ରୀହରି ଧଳ, କ୍ୟାପ୍‌ଟେନ ତ୍ରିଲୋଚନ ବିଶ୍ୱାଳ, ପରିବେଶବିତ ପ୍ରଦୀପ ବିଶ୍ୱାଳ, ୟୁଟ୍ୟୁବର କମଳାକାନ୍ତ ସ୍ୱାଇଁ, ଫକୀର ମଲ୍ଲିକ, ସରୋଜ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପକ ସୁକାନ୍ତ ବିଶ୍ୱାଳ, ବିବରଣୀ ପାଠ କରିଥିଲେ ସନ୍ତୋଷ କୁମାର ବିଶ୍ୱାଳ, ପରିଚୟ ପ୍ରଦାନ କରିଥିଲେ ସୁକାନ୍ତ ବିଶ୍ୱାଳ। ସୂର୍ଯ୍ୟମଣି ବିଶ୍ୱାଳ ଓ ନୀଳମଣି ବିଶ୍ୱାଳ ଅତିଥିଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ କଳହରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଦାନଗଦୀ/ ଟମକା,୧୮।୬(ସମିସ) :** ଦାନଗଦୀ ବ୍ଲକ୍ ଚିତ୍ରୀ ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକ ଜଣକୁ ଘସିପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ସମ୍ପୃକ୍ତ ଯୁବକଙ୍କ ପରିବାର ପକ୍ଷରୁ ଟମକା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ମୁତାବକ ଚିତ୍ରୀ ଗ୍ରାମର କୋଦଣ୍ଡଧର ସାମଲଙ୍କ ପୁଅ ସତ୍ୟବ୍ରତ ସାମଲ(୩୪) ରାତି ପ୍ରାୟ ୧୦ ଘଟିକା ସମୟରେ ଘରକୁ ଯିବା ସମୟରେ ପୂର୍ବରୁ ବାଟରେ ଜଗି ରହିଥିବା ଅଚ୍ୟୁତାନନ୍ଦ ସାମଲ, ଗୋପୀନାଥ ସାମଲ ଓ ତପସ୍ୱିନୀ ସାମଲ ରାସ୍ତା ଉପରେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ଅସଭ୍ୟ ଭାଷାରେ ଗାଳି କରିବା ସହିତ ପିଟିଥିଲେ। ସତ୍ୟବ୍ରତଙ୍କ ଚିତ୍କାର ଶୁଣି ତାଙ୍କ ବାପା ଏବଂ ପଡ଼ୋଶୀ ଲୋକ ଆସି ଛଡ଼ାଇଥିଲେ ଓ ତୁରନ୍ତ ତାଙ୍କୁ ଘଷିପୁରା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡ ଫାଟି ଯିବାରୁ ଅତ୍ୟନ୍ତ ରକ୍ତ ସ୍ରାବ ହୋଇଛି। ଏ ନେଇ ଟମକା ଥାନାରେ ଏତଲା ପରେ ଟମକାପୁଲିସ୍ ତୁରନ୍ତ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ଏକ ମାମଲା ରୁଜୁ କରି କେସ୍ ନଂ ୮୮/୨୬ ତଦନ୍ତ କରି ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୧୨୬(୨),୨୯୬,୩୫୧(୨)୧୧୮(୨)୩(୫) ଧାରାରେ ମାମଲା କରି ଅଧିକ ତଦନ୍ତ ଜାରି ରଖିଛି। ଚିତ୍ରୀ ଗ୍ରାମରେ ଅଧିକ ଆଇନଶୃଙ୍ଖଳା ଯେପରି ନହେବସେନେଇପୁଲିସ୍‌କଡ଼ାନଜରରଖିଛି। ଦୋଷୀଯିଏହେଉଆଇନ୍‌ରୁ ଖସିପାରିବ ନାହିଁ ନିଶ୍ଚିତ ଦଣ୍ଡ ପାଇବ ବୋଲି ପୁଲିସ ପ୍ରକାଶ କରିଛି।

## ବିଧାୟକଙ୍କ ଦ୍ୱାରା ୨ଟି ରସ୍ତାର ଶିଳାନ୍ୟାସ



**ଧର୍ମଶାଳା,୧୮।୬(ସମିସ) :** ଧର୍ମଶାଳା ବ୍ଲକ ରାଇଛନ୍ଦା ଠାରୁ ତାଳଜଙ୍ଗା ରସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ଏବଂ ଭୁବନ ବ୍ରାହ୍ମଣ ସାହି ଠାରୁ ଚାନ୍ଦପୁର ସାଆନ୍ତ ସାହି ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ ପାଇଁ ଆଜି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ରାଇଛନ୍ଦା ଠାରୁ ତାଳଜଙ୍ଗ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ କାମ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ଆହ୍‌ୱାନ କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ରାସ୍ତା ନିର୍ମାଣ ହେଲେ ରାଇଛନ୍ଦା ପଞ୍ଚାୟତ ସହ ଆଖପାଖ ପଞ୍ଚାୟତର ବହୁ ଲୋକେ ଯାତାୟତର ସୁବିଧା ପାଇପାରିବେ। ସେହିଭଳି ଯାଜପୁର ୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭବାନିପୁର ପଞ୍ଚାୟତର ଭୁବନ ବ୍ରାହ୍ମଣ ସାହି ଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ନୂତନ ରାସ୍ତା ପାଇଁ ବିଭାଗ ପକ୍ଷରୁ ୩କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଏହି ନୂତନ ରାସ୍ତାଟି ନିର୍ମାଣ ହେବା ପରେ ଭବାନୀପୁର ପଂଚାୟତ ସମେତ ଆଖପାଖ ପଞ୍ଚାୟତର ଶହ ଶହ ଲୋକେ ଯାତାୟତ କରିବାର ସୁବିଧା ପାଇ ପାରିବେ। ଜରକା ଗ୍ରାମ୍ୟ ନ୍ନୟନ ବିଭାଗ ପକ୍ଷରୁ ଉଭୟ ସ୍ଥାନରେ ଶିଳାନ୍ୟାଶ ବ୍ୟବସ୍ଥା କରାଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସେଠାରେ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ରାଇଛନ୍ଦା ଠାରେ ଶିଳନ୍ୟାଶ ସମୟରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ସହିତ ବିଜେପି ନେତା କାହ୍ନୁ ଚରଣ ଦାଶ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ପ୍ରଭାରୀ ରାଜେଶ କୁମାର ପାଳ, ଜୋନ ସଭାପତି ନେତ୍ରାନନ୍ଦ ପାତ୍ର, ଯୁବ ବିଜେପି ମୋର୍ଚ୍ଚା ସଭାପତି ପ୍ରମୁଖ ଉପସ୍ଥିତ ରହିଥିଲେ। ବିଧାୟକ ଶ୍ରୀ ସାହୁ ପ୍ରଥମେ ରାଇଛନ୍ଦା ଯାଇ ସେଠାରେ ଶିଳାନ୍ୟାସ କରିବା ପରେ ସେ ଭବନୀପୁର ପଞ୍ଚାୟତରକୁ ଯାଇ ସେଠାରେ ଶିଳାନ୍ୟାସ କରିଥିଲେ। ଭବାନୀପୁରରେ ଶିଳାନ୍ୟାସ ସମୟରେ ବିଧାୟକ ଶ୍ରୀ ସାହୁଙ୍କ ସମେତ ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି, ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଶରତ ନାୟକ, ପ୍ରିୟବ୍ରତ ପ୍ରଧାନ, ବିଜେପି ନେତା ଚନ୍ଦ୍ରମଣି ପଣ୍ଡିତ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା

## ସେତୁ କାର୍ଯ୍ୟରେ ଅନିୟମିତତା; ଲାଗିଛି ନିମ୍ନମାନର ସାମଗ୍ରୀ


କୟାଁଗୋଲା,୧୮।୬ (ସମିସ)



ସରକାର ଜନସାଧାରଣଙ୍କ ଗମନାଗମନ ପାଇଁ ରାସ୍ତା ନିର୍ମାଣ କରୁଥିବା ବେଳେ ଠିକାସଂସ୍ଥା, ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁଁ ଏହା ସଫଳ ରୂପାୟନ ହେଉ ନାହିଁ। ରାସ୍ତାର ମାନ ଏବଂ ଠିକାଦାରଙ୍କ ଖାମଖିଆଲ ଯୋଗୁଁ କାର୍ଯ୍ୟ ହେଉଥିବାରୁ ରାସ୍ତା କେଉଁଠି ଦବି ଗଲାଣି ତ ଆଉ କେଉଁଠି ସ୍ଥାନେ ସ୍ଥାନେ ପିଚୁ ଉଠିଗଲାଣି। ଯାହା ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁରରୁ ବଡ଼କୁଆଁଳ ନିର୍ମିତ ହେଉଥିବା ରାସ୍ତା। ନିମ୍ନମାନର ସାମଗ୍ରୀ ଓ ଠିକାଦାରଙ୍କ ମନମାନିରେ କାର୍ଯ୍ୟ ହେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ଶେଷ ହେବା ପୂର୍ବରୁ ଗତ ଏପ୍ରିଲ ମାସରେ ରାସ୍ତା ଫାଟି ଦୁଇ ଫାଳ ହୋଇଗଲା। ବାରମ୍ବାର ଅଭିଯୋଗ ହେବା ଦ୍ୱାରା ଧର୍ମକୁ ଆଖି ଠାର ଭଳି ରାଜ୍ୟସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଗଲା। ମାତ୍ର ପରିତାପର ବିଷୟ ତଦନ୍ତ କରିବାକୁ ଆସିଥିବା ଅଧିକାରୀଙ୍କ ସହ ଠିକାଦାରୀ କରୁଥିବା ବ୍ୟକ୍ତି ଉପସ୍ଥିତ ନ ରହିବା ଅଞ୍ଚଳବାସୀଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିଥିଲା। ନିୟମ ଅନୁସାରେ ଆବଶ୍ୟକ ପରିମାଣ ଠାରୁ କମ ସାମଗ୍ରୀ ବ୍ୟବହାର ହୋଇଥିବାରୁ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ନିୟମ ତଥା ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ କରାନଯାଇ ବେଆଇନ ଭାବେ ନିମ୍ନମାନର କାର୍ଯ୍ୟ ହୋଇଥିବା ଜଣାପଡ଼ିଥିଲା। ତାହା ସହିତ ଅବଧିର ତିନିବର୍ଷ ବିତିଯାଇଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ ଥିବା ଲକ୍ଷାଧିକ ଟଙ୍କାକୁ ହରିଲୁଟ କରାଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ସୂଚନାଥାଉକି ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ମଙ୍ଗଳପୁର-ବଡ଼କୁଆଁଳ ରାସ୍ତା ସଂପ୍ରସାରଣ ପାଇଁ ଆରଡି ବିଭାଗ ପକ୍ଷରୁ ଗତ ୨୦୨୨ ମସିହାରେ ବ୍ୟୟ ମଞ୍ଜୁରୀ କରାଯାଇଥିଲା। ବ୍ୟୟ ବରାଦ କାର୍ଯ୍ୟଟି ୨୬ ଅକ୍ଟୋବର ୨୦୨୨ ରୁ ଆରମ୍ଭ ହୋଇ ୨୫ ଅକ୍ଟୋବର ୨୦୨୩ ରେ ଶେଷ ହେବା କଥା। ମାତ୍ର ଅବଧିର ୩ ବର୍ଷ ପରେ ମଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଯଦିଓ ରାସ୍ତାଟି ପିଚୁ ଏବଂ ଢଳାଇ ୯୦ ପ୍ରତିଶତ ଶେଷ ହୋଇଛି ୨ ପାଶ୍ୱର୍ ୩ ଫୁଟ ଲେଖାଏଁ ମାଟି ମୋରମ ପଡ଼ି ସମ୍ପୂର୍ଣ୍ଣ ହେଲା ନାହିଁ। ରାସ୍ତାରେ ୧୧ଟି ପୋଲ ମଧ୍ୟରୁ ୪ଟି ପୋଲ ନିର୍ମାଣ ହୋଇନାହିଁ। ଏଭଳି ସ୍ଥିତିରେ ରାସ୍ତା କାର୍ଯ୍ୟ ଚାଲୁ ରହିଥିବାବେଳେ ନିର୍ମାଣ ହେଉଥିବା ସେତୁରେ ନିମ୍ନମାନର ବାଲି, ସିମେଣ୍ଟେ, ଗୋଡ଼ି, ରଡ୍ ବ୍ୟବହାର ହେଉଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଗୋଟେ ପଟେ ସେତୁ କାର୍ଯ୍ୟ ସରିନଥିବା ବେଳେ ଆଗକୁ ଆସୁଛି ବର୍ଷା ଋତୁ ଯାହା ଜନସାଧାରଣଙ୍କ ଯାତାୟାତରେ ବାଧକ ସୃଷ୍ଟି ହେବ। ରାସ୍ତା କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନବାଚୀ। ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ପାଇଁ କାର୍ଯ୍ୟଗୁଡ଼ିକ ଦୀର୍ଘସ୍ଥାୟୀ ରହୁ ନାହିଁ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## ଶ୍ମଶାନ-ଅଭିସାର

ଆଜିର ଜେନ୍-ଜେଡ୍‌ଙ୍କ ଯୁଗରେ ପ୍ରେମପ୍ରଣୟର କବି ଡକ୍ଟର ମାୟାଧର ମାନସିଂହ ଯଦି ଆୟୁଷ୍ମାନ ଥା'ନ୍ତେ ତେବେ ଆରମ୍ଭ ହୋଇସାରିଥିବା ପ୍ରେମ-ମିଳନର ଅତ୍ୟାଧୁନିକ ଧାରା 'ଶ୍ମଶାନରେ ଅଭିସାର'(ଗ୍ରେଭ୍‌ୟାର୍ଡ ଡେଟିଂ)କୁ କେଉଁ ଦୃଷ୍ଟିକୋଣରେ ପରଖିଥା'ନ୍ତେ ତାହା ଅନୁମାନ କରିବା କଷ୍ଟକର; କିନ୍ତୁ 'ଧୂପ' କବିତା ସଂକଳନରେ 'ଆଷାଢ଼-ଅଭିସାର' ପରେ 'ଶ୍ମଶାନ-ଅଭିସାର' ଶୀର୍ଷକରେ ବୋଧହୁଏ ଆଉ ଏକ ସନେଟ୍ ସ୍ଥାନିତ କରିବାର ସୁଯୋଗ ଆଦୌ ସେ ହାତଛଡ଼ା କରି ନ ଥା' ନ୍ତେ। ସେହିପରି ଯଦି ଆଜିର ଦିନରେ ଯଦି ସବୁଜଯୁଗର ଅନ୍ୟତମ ପ୍ରତିଷ୍ଠାତା ଅନ୍ନଦା ଶଙ୍କର ରାୟଙ୍କ ଲେଖନୀ ଚଳଚଞ୍ଚଳ ଥା'ନ୍ତା ତେବେ ତାଙ୍କର କବିଦୃଷ୍ଟି ନିଶ୍ଚୟ ଭାବାନ୍ତର ଲାଗି ବିବଶ କରିଥା'ନ୍ତା ଏବଂ ହୁଏତ 'ସୃଜନସ୍ୱପ୍ନ' ଶୀର୍ଷକ କବିତାର ଏକ ପଂକ୍ତି - 'ଏ ଲୋକେ ମୋର ବାସନା ଦଳ, ବ୍ୟର୍ଥ ବୃଥା ସିନା ସକଳ.../ ଯିବି ପଳାଇ ଦୂରେ, ସୁଦୂରେ ସ୍ୱପନ ଲୋକେ ଗୋପନ ପୁରେ.../ ଯୌବନର ଝରଣା କୂଳେ, ମଳୟ ଯହିଁ ନିୟତ ବୁଲେ...'ରେ ଅଭିସାରର ସ୍ୱପ୍ନ-ସ୍ଥାନ ଭାବେ 'ଶ୍ମଶାନ' ଶବ୍ଦଟି ସ୍ଥାନ ପାଇଥା'ନ୍ତା।

ସାହିତ୍ୟର ଉଦ୍ଧୃତିରୁ ଅବତରିତ ଏହି ଆମୋଦଦାୟକ ପ୍ରସଙ୍ଗର ମନସ୍ତାତ୍ତ୍ୱିକ ଓ ସାମାଜିକ ଆବେଦନ କିନ୍ତୁ ଅତି ସମ୍ବେଦନଶୀଳ। ଅଧୁନା ଉଗ୍ର ଆଧୁନିକ ଯୁବପିଢ଼ି(ଜେନ୍ ଜେଡ୍)ଙ୍କ ମଧ୍ୟରେ ପ୍ରେମ-ମିଳନର ସ୍ଥଳ ଭାବେ ଶ୍ମଶାନ ପ୍ରଥମ ପସନ୍ଦ ପାଲଟିଛି। ଆମର ରୂଢ଼ିବାଦୀ ପରମ୍ପରାରେ ଅତି ଉଦ୍ଭଟ ଓ ଅବାନ୍ତର ମନେ ହେଉଥିବା ଏହି ମାନସିକତା କିନ୍ତୁ ଏକ ନୂଆ ଧାରାକୁ ଜନ୍ମ ଦେଇ କ୍ରମଶଃ ଆଦୃତ ହେବାରେ ଲାଗିଛି। ମଣିଷ ସବୁବେଳେ ଅଭିନବତାର ସନ୍ଧାନରେ ରହିଛି। ମାନବର ଏହି ଉଦ୍ଦାମ ଅଭିଳିପ୍‌ସାର ଜୟଯାତ୍ରାରୁ ଅନନ୍ତ ଆକାଶ, ଚନ୍ଦ୍ରପୃଷ୍ଠ, ଗ୍ରହ, ନକ୍ଷତ୍ର ଓ ସୌର ମଣ୍ଡଳରୁ ଅତଳ ସମୁଦ୍ର, ଦୁର୍ଗମ ଜଙ୍ଗଲ ଓ ଅତ୍ୟୁଚ୍ଚ ଗିରିଶୃଙ୍ଗ ମଧ୍ୟ ବାଦ୍ ପଡ଼ିନି। ଗତାନୁଗତିକ ଜୀବନଶୈଳୀରେ ବିରକ୍ତ ହୋଇ ନୂଆ କରି ଜୀବନ ଜିଇଁବାର ଶୈଳୀକୁ ମଣିଷ ଖୋଜିଛି ଏବଂ ପ୍ରାଗ୍-ଐତିହାସିକ ଜୀବନଚର୍ଯ୍ୟାକୁ ନୂଆ ଟ୍ରେଣ୍ଡ ବା ଧାରା ଭାବେ ଆଦରି ନେଇଛି। ଏହିକ୍ରମରେ ଯଦି ଜେନ୍-ଜେଡ୍ ଅଭିସାର ପାଇଁ ଶ୍ମଶାନ ଭଳି ନୂତନ ବିକଳ୍ପ ସ୍ଥାନକୁ ବାଛି ନେଇଛନ୍ତି ସେଥିରେ ବିଶେଷକିଛି ଆଶ୍ଚର୍ଯ୍ୟ ହେବାର ନାହିଁ।

ଯୁବପିଢ଼ିଙ୍କ ଏହି ଚିନ୍ତାଧାରାକୁ ନେଇ ଏବେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଓ ବିଶାରଦମାନେ ଭିନ୍ନ ଭିନ୍ନ ତର୍କମାନ ଉପସ୍ଥାପନ କଲେଣି। ଆମ ସାମାଜିକ ମାନସିକତା ମଧ୍ୟ ଏହାକୁ ନେଇ ଦୁଇଭାଗ ହୋଇଯାଇଛି। ରକ୍ଷଣଶୀଳ ଆମ ସାମାଜିକ ବ୍ୟବସ୍ଥା ଦୃଷ୍ଟିରେ ଶ୍ମଶାନ ସବୁବେଳେ ଭୟାତୁର, ଅପବିତ୍ର ଓ ଅବାଞ୍ଛିତ ହୋଇ ରହିଆସିଛି। ତେଣୁ ଯୁବପିଢ଼ିଙ୍କ ଏହି ଅପ୍ରତ୍ୟାଶିତ ମାନସିକତାକୁ 'ଦେବିଛଡ଼ା', 'ଆଜିର ପିଲାଙ୍କୁ ଯମ ମଧ୍ୟ ପାରିବନି' ଆଦି ଟିପ୍ପଣୀମାନ ଶୁଣିବାକୁ ମିଳୁଛି। ଅପରପକ୍ଷରେ ସମାଜବିଜ୍ଞାନୀ ଏବଂ ଜୈବ-ରସାୟନବିତ୍‌ମାନେ ଏହାକୁ ସମୟର ବିବର୍ତ୍ତନ ଏବଂ ହରମୋନ୍‌ର ଉତ୍ତରଣ ଭାବେ ବ୍ୟାଖ୍ୟା କରିଛନ୍ତି। ଅର୍ଥନୀତିଜ୍ଞମାନେ 'ଗ୍ରେଭ୍‌ୟାର୍ଡ ଡେଟିଂ'କୁ ପ୍ରେମୀଯୁଗଳଙ୍କ ପାଇଁ 'ସୁଲଭ' ସୁଯୋଗ ଭାବେ ଆଖ୍ୟାୟିତ କରିଛନ୍ତି।

'ଗ୍ରେଭ୍‌ୟାର୍ଡ ଡେଟିଂ' କରୁଥିବା ପ୍ରେମୀଯୁଗଳଙ୍କ ମତରେ ସିନେମା ହଲ୍, କାଫେ, ସମୁଦ୍ର କୂଳ, ପାର୍କ, ଝରଣାକୂଳ, ପାହାଡ଼ ପାଦଦେଶ, କୃତ୍ରିମ ଅରଣ୍ୟ ଭଳି ସେହି ଗତାନୁଗତିକ ସ୍ଥାନ ଆଉ ଡେଟିଂ ପାଇଁ ନିର୍ଜନ କିମ୍ବା ସୁରକ୍ଷିତ ହୋଇରହିନାହିଁ। ସେହିସବୁ ସ୍ଥାନଗୁଡ଼ିକ ଏତେ କୋଳାହଳମୟ ଯେ ହୃଦୟର ନିଭୃତ ଭାବନାକୁ ଆନ୍ତରିକତାର ସହ ପରିପ୍ରକାଶ କରିବାରେ ସ୍ୱାଭାବିକତା ରହୁନାହିଁ। ତୁଳନାତ୍ମକ ଭାବେ ଅଭିସାର ପାଇଁ ଶ୍ମଶାନ/କବରସ୍ଥାନ/ସମାଧି ସ୍ଥଳଗୁଡ଼ିକ ଅଧିକ ସୁରକ୍ଷିତ ଓ ନିର୍ଜନ। ସେଠାରେ ଶାନ୍ତିରେ ଏପରିକି ନିରବରେ ମଧ୍ୟ ଜଣେ ଅନ୍ୟର ମନର କଥାକୁ ହୃଦୟର ସହ ଗ୍ରହଣ କରିପାରୁଛି। ଜୀବନ ଓ ଭବିଷ୍ୟତକୁ ଭଲ ଭାବରେ ବୁଝିବା ପାଇଁ 'ଗ୍ରେଭ୍‌ୟାର୍ଡ ଡେଟିଂ'ଠାରୁ ଭଳି ଉତ୍ତମ ବିକଳ୍ପ ଆଉ ନାହିଁ। ଏଭଳି ସ୍ଥାନରେ ପ୍ରେମୀଯୁଗଳ ପରସ୍ପରର ଆର୍ଥିକ ସ୍ୱଚ୍ଛଳତା ବା ଧନସମ୍ପଦର ପ୍ରାବଲ୍ୟ ବଦଳରେ ମନର ସ୍ୱଚ୍ଛତାକୁ ଅଧିକ ବାରି ପାରୁଛନ୍ତି।

ଅଭିନବତାର ଅନ୍ୱେଷଣ ସ୍ୱାଗତଯୋଗ୍ୟ; କିନ୍ତୁ ଆମ ସମାଜରେ ଆଜି ମଧ୍ୟ ଏଭଳି ଅନେକ ଅଲିଖିତ ନିଷିଦ୍ଧ ଇଲାକାରେ ଶାଳୀନ, ସଂଯମ ଓ ଶୃଙ୍ଖଳାର ଲକ୍ଷ୍ମଣରେଖାମାନ ରହିଛି, ଯାହାର ଉଲ୍ଲଂଘନ ଅବାଞ୍ଛିତ ଓ ଅଗ୍ରହଣୀୟ। ସେଥିମଧ୍ୟରୁ ଜୀବନ-ମୃତ୍ୟୁର ଅନେକ ଗୂଢ଼ ରହସ୍ୟଭରା ଶ୍ମଶାନ ଅନ୍ୟତମ। ଇତିମଧ୍ୟରେ 'ଗ୍ରେଭ୍‌ୟାର୍ଡ ଡେଟିଂ' ପାଇଁ କେତେକ କଟକଣା ବା ନିୟମାବଳୀ ଗୃହୀତ ହୋଇଗଲାଣି। ଯେପରିକି ଉଚ୍ଚ ସ୍ୱରରେ ବାର୍ତ୍ତାଳାପ, ଦାହ ସଂସ୍କାର ହେଉଥିବା ସ୍ଥାନରୁ ଯଥାସମ୍ଭବ ଦୂରେଇ ରହିବା ଇତ୍ୟାଦି। କିନ୍ତୁ ଶ୍ମଶାନ ଯଦି ଅଭିସାର ସ୍ଥଳର ବିକଳ୍ପ ରୂପେ ସ୍ୱୀକୃତ ଓ ଆଦୃତ ହୋଇଚାଲେ ତେବେ ତାହା ସାମାଜିକ ଗୁରୁତ୍ୱ ଓ ସ୍ୱତନ୍ତ୍ରତା ହରାଇ ବସିବ। ଏହି ଟ୍ରେଣ୍ଡ ବା ଧାରାର ଗତି ଯେତେ ବେଗଗାମୀ ହେବ ସେତେଶୀଘ୍ର ଶ୍ମଶାନର ଶାନ୍ତ ଓ ନିର୍ଜନ ପରିବେଶ କୋଳାହଳମୟ ହୋଇଉଠିବ। ଚାରିପାଖରେ ଭଲିକି ଭଳି ଖାଦ୍ୟ ସାମଗ୍ରୀର ପସରାମାନେ ଖୋଲିବ।

ପ୍ରକୃତି ଏଭଳି କିଛି ଅପହଞ୍ଚ ଇଲାକା ଧରି ରଖିଛି ଯାହାକୁ ବିଜ୍ଞାନ ମଧ୍ୟ ଭେଦ କରିପାରିନାହିଁ। ସେହିସବୁ ଅଞ୍ଚଳରେ ବଳପୂର୍ବକ ପ୍ରବେଶ ଓ ଲକ୍ଷଣରେଖାର ଉଲ୍ଲଂଘନ ବିପତ୍ତିକୁ ଡାକି ଆଣିଛି। ତେଣୁ 'ଗ୍ରେଭ୍‌ୟାର୍ଡ ଡେଟିଂ' କେତେ ସ୍ପୃହଣୀୟ ତାହା 'ଜେନ୍-ଜେଡ୍' ପାଇଁ ପୁନଃବିଚାର୍ଯ୍ୟ। ଏସବୁର ଊର୍ଦ୍ଧ୍ୱରେ ନୈତିକ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି - 'ଗ୍ରେଭ୍‌ୟାର୍ଡ ଡେଟିଂ' କେତେ ବିବେକାନୁମୋଦିତ। ଏହାର ଚମତ୍କାର ଉତ୍ତର ସାହିତ୍ୟିକମାନେ ଦେଇଛନ୍ତି। ସେମାନଙ୍କ ମତରେ ଭାବପ୍ରବଣତା ବିନା ମଣିଷର ଜୀବନ ମୂଲ୍ୟହୀନ। କଳ୍ପନାର ପ୍ରବଣତା କେତେବେଳେ ଜଣେ ବ୍ୟକ୍ତିକୁ ଅପ୍‌ସରା ରାଇଜକୁ ନେଇଯାଏ, ପୁଣି ଶ୍ମଶାନର ଭୂମିକୁ ଚୁମ୍ବନ କରେ। ଯେଉଁ ସ୍ଥାନ ଜୀବନର ଯବନିକାକୁ ଅପେକ୍ଷା କରିଛି ତାହା ହିଁ ସଂସାରର ଧ୍ରୁବସତ୍ୟ। ମଙ୍ଗଳମୟ ସତ୍ୟ ଓ ସୁନ୍ଦରର ପ୍ରତୀକ ଶିବ ତ ପୁଣି ଶ୍ମଶାନନିବାସୀ! ତେଣୁ ଦାମ୍ପତ୍ୟ ବା ପାରିବାରିକ ଜୀବନର ଅୟମାରମ୍ଭ ସେହି ଧ୍ରୁବସତ୍ୟର ଉଦ୍‌ଘୋଷଣା କରୁଥିବା ଭୂମିରୁ ଆରମ୍ଭ ହେଲେ କ୍ଷତି କ'ଣ? ବରଂ ଜୀବନକୁ ଅଧିକ ଭଲ ଭାବରେ ବୁଝିବା ଓ ସାଂସାରିକ ଅନୁଭବକୁ ଉପଲବ୍ଧି କରିବାରେ ଶ୍ମଶାନ ହିଁ ବାସ୍ତବ ମାର୍ଗଦର୍ଶକ। ଏହି ତର୍କ ଉପସ୍ଥାପନ କଲା ବେଳେ ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟର ସେହି କାଳଜୟୀ ପଂକ୍ତିଟିକୁ ଉଦ୍ଧୃତ କରିବାକୁ ଭୁଲି ନାହାନ୍ତି, ଯେଉଁଠାରେ ଡ. ମାୟାଧର ମାନସିଂହ କହିଛନ୍ତି - 'ଶୁଣିବ ଯେବେ ପ୍ରିୟା ଗୋ ମୋର ପ୍ରଣୟୀ ତବ ଜଗତେ ନାହିଁ, ଆସିବ ମୋର ଭସ୍ମ ପାଶେ ଦେବ ହେ ତାରେ ଦେହର ଛାଇ / ପାରିବ ଯଦି ଭସ୍ମ ପରେ ପଦ୍ମପାଦ ଚାଲିବ ଧୀରେ, ଜୀବନ ପୁଣି ଲଭିବି ସଖି ନିଶ୍ଚୟ ମୁଁ ମରଣ-ତୀରେ। ତେଣୁ ମାନବ ଜୀବନ ସହିତ ଶ୍ମଶାନର ଆକର୍ଷଣ ଦୁର୍ବାର; ଏହାକୁ ଜେନ୍-ଜେଡ୍ 'ଗ୍ରେଭ୍‌ୟାର୍ଡ ଡେଟିଂ' ଭାବରେ ଏକ ନୂଆ ପରିଭାଷାରେ ପରିଚିତ କରିଛନ୍ତି ମାତ୍ର।

## ସାମାଜିକ ଗଣମାଧ୍ୟମ ଓ ସାମାଜିକ ଅସ୍ଥିରତା

ତ୍ରିନାଥ ନନ୍ଦୀ

ଆଜି ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ବିକାଶ ଯେପରି ଏକ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଛି, ସେହିପରି ଏହା ନୂତନ ସମସ୍ୟା ଓ ଆହ୍ୱାନକୁ ମଧ୍ୟ ଜନ୍ମ ଦେଇଛି। ଆଜି ମଣିଷର ହାତରେ ଥିବା ଏକ ଛୋଟ ସ୍ମାର୍ଟଫୋନ କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ, ବରଂ ଏହା ଜଗତର ଦ୍ୱାର ଉନ୍ମୋଚନ କରିଛି। ଫେସବୁକ, ହ୍ୱାଟ୍‌ସଆପ୍, ଏକ୍ସ (ପୂର୍ବତନ ଟ୍ୱିଟର), ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ, ଟେଲିଗ୍ରାମ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ଆଜି ବ୍ୟକ୍ତିଜୀବନ, ପରିବାର, ସମାଜ, ରାଜନୀତି, ଅର୍ଥନୀତି ଓ ସଂସ୍କୃତିର ଏକ ଅବିଚ୍ଛିନ୍ନ ଅଂଶ ପାଲଟି ଯାଇଛି। ଏହି ମାଧ୍ୟମଗୁଡ଼ିକ ଯେଉଁଠାରେ ସୂଚନାର ଗଣତନ୍ତ୍ରୀକରଣ କରିଛି, ସେଠାରେ ଏହାର ଅପବ୍ୟବହାର ସମାଜରେ ବିଭିନ୍ନ ପ୍ରକାରର ଅସ୍ଥିରତା, ଅବିଶ୍ୱାସ, ବିଭାଜନ ଓ ସଂଘର୍ଷର ମୂଳକାରଣ ହୋଇ ଉଭା ହୋଇଛି।

ସାମାଜିକ ଗଣମାଧ୍ୟମର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଦ୍ରୁତତା। ଆଜିର ବ୍ୟକ୍ତିଗତ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ପାଇଁ ଥିବା ସ୍ୱାଧୀନତା ମାଧ୍ୟମରେ କୌଣସି ସୂଚନା, ଫଟୋ, ଭିଡିଓ କିମ୍ବା ମତାମତ କିଛି ସେକେଣ୍ଡ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଯାଏ। କିନ୍ତୁ ଏହି ଦ୍ରୁତତା ଅନେକ ସମୟରେ ଯାଞ୍ଚ ଓ ସତ୍ୟତାର ପ୍ରକ୍ରିୟାକୁ ପଛକୁ ଠେଲି ଦିଏ। ଫଳରେ ଭୁଲ ଖବର, ଅର୍ଦ୍ଧସତ୍ୟ, ଗୁଜବ ଏବଂ ଉଦ୍ଦେଶ୍ୟମୂଳକ ଭ୍ରାନ୍ତ ସୂଚନା ଦ୍ରୁତ ଭାବରେ ପ୍ରଚାରିତ ହୁଏ। ଯେତେବେଳେ କୌଣସି ଗୁଜବ ଧର୍ମ, ଜାତି, ଭାଷା କିମ୍ବା ସମ୍ପ୍ରଦାୟ ଭଳି ସମ୍ବେଦନଶୀଳ ବିଷୟ ସହିତ ଜଡ଼ିତ ହୁଏ, ସେତେବେଳେ ତାହାର ପ୍ରଭାବ ଅତ୍ୟନ୍ତ ଭୟଙ୍କର ହୋଇପାରେ। ଅନେକ ସମୟରେ ଦେଖାଯାଇଛି ଯେ ଏକ ପୁରୁଣା ଭିଡିଓକୁ ନୂତନ ଘଟଣା ବୋଲି ପ୍ରଚାର କରାଯାଇଛି କିମ୍ବା ଅନ୍ୟ ଦେଶର ଦୃଶ୍ୟକୁ ସ୍ଥାନୀୟ ଘଟଣା ବୋଲି ଦେଖାଇ ଲୋକଙ୍କ ଭାବନାକୁ ଉତ୍ତେଜିତ କରାଯାଇଛି। ଏହାର ପରିଣାମରେ ସମାଜରେ ଉତ୍ତେଜନା, ଅବିଶ୍ୱାସ ଓ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି।

ଅନେକ ଘଟଣା ପ୍ରମାଣ କରିଛି ଯେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭ୍ରାନ୍ତ ସୂଚନା କେବଳ ବ୍ୟକ୍ତିଗତ କ୍ଷତି ଘଟାଏ ନାହିଁ, ବରଂ ସମଗ୍ର ସାମାଜିକ ବ୍ୟବସ୍ଥାକୁ ଅସ୍ଥିର କରିଦିଏ। ଅନେକ ଲୋକ ସୂଚନାର ସତ୍ୟତା ଯାଞ୍ଚ ନକରି କେବଳ ଆବେଗ କିମ୍ବା ପକ୍ଷପାତର ବଶବର୍ତ୍ତୀ ହୋଇ ତାହାକୁ ଆଗକୁ ପଠାଇ ଦିଅନ୍ତି। ଏଭଳି ଭାବରେ ଗୁଜବର ଏକ ଶୃଙ୍ଖଳ ସୃଷ୍ଟି ହୁଏ, ଯାହା ଶେଷରେ ସାମାଜିକ ଶାନ୍ତିକୁ ବିପନ୍ନ କରିଥାଏ। ଏହି ପ୍ରକ୍ରିୟାରେ ସତ୍ୟ ଅନେକ ସମୟରେ ପଛରେ ରହିଯାଏ ଏବଂ ମିଥ୍ୟା ଲୋକମାନଙ୍କ ମନରେ ସ୍ଥାୟୀ ପ୍ରଭାବ ପକାଇଦିଏ। ଗୋଷ୍ଠୀଗତ ଚାପ ଦ୍ୱାରା ମିଥ୍ୟା ମଧ୍ୟ ସତ୍ୟର ଆସନ ଗ୍ରହଣ କରେ। ସାମାଜିକ ଅସ୍ଥିରତାର ଆଉ ଏକ ମୁଖ୍ୟ କାରଣ ହେଉଛି ଘୃଣାମୂଳକ ବକ୍ତବ୍ୟ ଓ ବିଭାଜନକାରୀ ପ୍ରଚାର। ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟକ୍ତି ଏବଂ ଗୋଷ୍ଠୀ ନିଜ ନିଜ ସ୍ୱାର୍ଥ ସାଧନ ପାଇଁ ସମାଜରେ ବିଦ୍ୟମାନ ଭେଦଭାବକୁ ଉସକାଇବାର ଚେଷ୍ଟା କରନ୍ତି। ଧର୍ମ, ଜାତି, ଭାଷା, ଅଞ୍ଚଳ କିମ୍ବା ରାଜନୈତିକ ମତଭେଦକୁ ଆଧାର କରି ଏପରି ବିଷୟବସ୍ତୁ ପ୍ରଚାର କରାଯାଏ, ଯାହା ଲୋକମାନଙ୍କ ମଧ୍ୟରେ ସନ୍ଦେହ ଓ ଶତ୍ରୁତା ବଢ଼ାଇଥାଏ। ସମାଜର ସ୍ୱାଭାବିକ ସହାବସ୍ଥାନକୁ ନଷ୍ଟ କରିବାରେ ଏପରି ପ୍ରଚାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଫଳସ୍ୱରୂପ ସାମାଜିକ ସଂହତି ଦୁର୍ବଳ ହୋଇପଡ଼େ।

ସାମାଜିକ ଗଣମାଧ୍ୟମରେ ଯାହା ସ୍ୱଳ୍ପ ଲୋକପ୍ରିୟ ହୁଏ ତା'କୁ ଅଧିକ ଲୋକପ୍ରିୟ କରିବା ଆଳରେ ଅନ୍ୟ ପାଇଁ ସୂଚିତ କରି ପରସି ଦେଇଥାଏ। ଏହାଦ୍ୱାରା ସନ୍ତୁଳିତ ଓ ଯୁକ୍ତିନିଷ୍ଠ ବିଷୟବସ୍ତୁ ତୁଳନାରେ ବିବାଦସ୍ପଦ, ଉତ୍ତେଜନାମୂଳକ ଓ ଆବେଗପୂର୍ଣ୍ଣ ପୋଷ୍ଟ ଅଧିକ ଲୋକପ୍ରିୟ ହୋଇଯାଏ। ଏହା ଏକପ୍ରକାର 'ଇକୋ ଚାମ୍ବର' ସୃଷ୍ଟି କରେ, ଯେଉଁଠାରେ ଲୋକମାନେ କେବଳ ନିଜ ବିଶ୍ୱାସକୁ ସମର୍ଥନ କରୁଥିବା ମତାମତ ଦେଖନ୍ତି ଏବଂ ବିପରୀତ ମତକୁ ଶତ୍ରୁ ବୋଲି ଭାବିବାକୁ ଲାଗନ୍ତି। ଏହି ପ୍ରବୃତ୍ତି ଗଣତାନ୍ତ୍ରିକ ଆଲୋଚନାକୁ ଦୁର୍ବଳ କରିଥାଏ ଏବଂ ସମାଜରେ ଧ୍ରୁବୀକରଣ ବୃଦ୍ଧି କରେ।

ଏହାଛଡ଼ା ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ମତ ପ୍ରକାଶର ସ୍ୱାଧୀନତାକୁ ଅନେକ ସମୟରେ ଦାୟିତ୍ୱହୀନତା ସହ ଗୋଳାଇ ଦିଆଯାଏ। ଗଣତନ୍ତ୍ରରେ ମତପ୍ରକାଶର ସ୍ୱାଧୀନତା ଏକ ମୌଳିକ ଅଧିକାର, କିନ୍ତୁ ଏହା ସହିତ ସାମାଜିକ ଦାୟିତ୍ୱ ମଧ୍ୟ ଜଡ଼ିତ। ଦୁର୍ଭାଗ୍ୟବଶତଃ ଅନେକ ବ୍ୟବହାରକାରୀ ଏହି ଦାୟିତ୍ୱକୁ ଅନୁଭବ କରନ୍ତି ନାହିଁ। ଅପମାନଜନକ ଭାଷା, ବ୍ୟକ୍ତିଗତ ଆକ୍ରମଣ, ଟ୍ରୋଲିଂ, ଚରିତ୍ରହାନି ଓ ଅଶ୍ଳୀଳ ମନ୍ତବ୍ୟ ଆଜି ସାମାଜିକ ଗଣମାଧ୍ୟମର ଏକ ସାଧାରଣ ଦୃଶ୍ୟ ପାଲଟି ଯାଇଛି। ଆଉ ଏକ ଗୁରୁତର ସମସ୍ୟା ହେଉଛି ପ୍ରଯୁକ୍ତିର ଉନ୍ନତି ସହିତ ଏବେ ଏପରି ଭିଡିଓ କିମ୍ବା ଚିତ୍ର ତିଆରି କରିବା ସମ୍ଭବ ହୋଇଛି, ଯାହା ଦେଖି ସାଧାରଣ ଲୋକ ସହଜରେ ଭ୍ରମିତ ହୋଇପାରନ୍ତି। ଏହି ପ୍ରକାରର ଭ୍ରମାତ୍ମକ ସାମଗ୍ରୀ ସାମାଜିକ ଅସ୍ଥିରତାକୁ ଆହୁରି ବଢ଼ାଇପାରେ। କାରଣ ଲୋକମାନେ ଆଖିରେ ଦେଖିଥିବା ଜିନିଷକୁ ସହଜରେ ସତ୍ୟ ବୋଲି ବିଶ୍ୱାସ କରିଥା'ନ୍ତି। ଯୁବପିଢ଼ି ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମଧ୍ୟ ଚିନ୍ତାଜନକ। ସୂଚନାର ଅତ୍ୟଧିକ ପ୍ରବାହ ଓ ନିରନ୍ତର ଡିଜିଟାଲ ସଂପୃକ୍ତତା ଅନେକ ଯୁବକ/ଯୁବତୀଙ୍କୁ ମାନସିକ ଭାବରେ ଅସ୍ଥିର କରୁଛି। ଅନଲାଇନ୍ ଲୋକପ୍ରିୟତାର ମୋହ, ଭାଇରାଲ ହେବାର ପ୍ରତିଯୋଗିତା ଏବଂ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିବାର ପ୍ରବୃତ୍ତି ସେମାନଙ୍କ ମନରେ ଚାପ ସୃଷ୍ଟି କରୁଛି। ଏହା ସାମାଜିକ ସମ୍ପର୍କରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଉଛି।

ତେବେ ଏହା କହିବା ଭୁଲ ହେବ ଯେ ସାମାଜିକ ଗଣମାଧ୍ୟମ କେବଳ ଅସ୍ଥିରତାର କାରଣ। ବାସ୍ତବରେ ଏହା ଏକ ଶକ୍ତିଶାଳୀ ଉପକରଣ। ଏହାର ବ୍ୟବହାର ଉପରେ ନିର୍ଭର କରେ - ଏହା ସମାଜକୁ ଗଢ଼ିବ କି ଭାଙ୍ଗିବ। ଅନେକ ସମୟରେ ସାମାଜିକ ଗଣମାଧ୍ୟମ ଦୁଃସମୟରେ ସହାୟତା ପହଞ୍ଚାଇବା, ରକ୍ତଦାନ, ଶିକ୍ଷା ପ୍ରସାର, ସାମାଜିକ ସଚେତନତା ଏବଂ ଗଣତାନ୍ତ୍ରିକ ଆଲୋଚନାର ଏକ ପ୍ରଭାବଶାଳୀ ମଞ୍ଚ ଭାବରେ ମଧ୍ୟ କାମ କରିଛି। ସମସ୍ୟାଟି ମାଧ୍ୟମରେ ନୁହେଁ, ବରଂ ତାହାର ଦାୟିତ୍ୱହୀନ ବ୍ୟବହାରରେ ରହିଛି। ସାମାଜିକ ଅସ୍ଥିରତାକୁ ରୋକିବା ପାଇଁ ସରକାର, ଗଣମାଧ୍ୟମ ସଂସ୍ଥା, ଶିକ୍ଷାନୁଷ୍ଠାନ, ପ୍ରଯୁକ୍ତି କମ୍ପାନୀ ଏବଂ ସାଧାରଣ ନାଗରିକ ସମସ୍ତଙ୍କର ସମାନ ଭୂମିକା ରହିଛି। ସର୍ବପ୍ରଥମେ ଡିଜିଟାଲ ସାକ୍ଷରତାର ବିକାଶ ଆବଶ୍ୟକ। ଯେକୌଣସି ସୂଚନାକୁ ଅନ୍ଧ ଭାବରେ ବିଶ୍ୱାସ କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା କେତେ ଜରୁରୀ, ତାହା ଲୋକମାନଙ୍କୁ ବୁଝାଇବାକୁ ପଡ଼ିବ। ସେହିପରି ସାମାଜିକ ଗଣମାଧ୍ୟମ କମ୍ପାନୀମାନଙ୍କୁ ଭ୍ରାନ୍ତସୂଚନା, ଘୃଣାମୂଳକ ବିଷୟବସ୍ତୁ ଏବଂ ହିଂସା ଉସକାଉଥିବା ପୋଷ୍ଟ ବିରୋଧରେ ଅଧିକ ସକ୍ରିୟ ହେବାକୁ ପଡ଼ିବ।

ସାମାଜିକ ଗଣମାଧ୍ୟମ ଆଜିର ସମାଜର ଏକ ଅନିବାର୍ଯ୍ୟ ବାସ୍ତବତା। ଏହାକୁ ଏଡ଼ାଇ ଯିବା ସମ୍ଭବ ନୁହେଁ, କିନ୍ତୁ ଏହାକୁ ସୁସ୍ଥ ଓ ଦାୟିତ୍ୱଶୀଳ ଭାବରେ ବ୍ୟବହାର କରିବା ସମ୍ଭବ। ଯଦି ଆମେ ସଚେତନ ନହେବା, ତେବେ ଏହି ମାଧ୍ୟମ ସମାଜରେ ଅବିଶ୍ୱାସ, ଘୃଣା ଓ ଅସ୍ଥିରତାର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିବ। କିନ୍ତୁ ଯଦି ଆମେ ସତ୍ୟ, ସହିଷ୍ଣୁତା, ଯୁକ୍ତିବୋଧ ଓ ଦାୟିତ୍ୱବୋଧ ସହ ଏହାକୁ ବ୍ୟବହାର କରିବା, ତେବେ ଏହା ସାମାଜିକ ସମ୍ପ୍ରୀତି, ଜ୍ଞାନ ବିସ୍ତାର ଏବଂ ମାନବିକ ମୂଲ୍ୟବୋଧର ବିକାଶରେ ଏକ ଅସାଧାରଣ ମାଧ୍ୟମ ହୋଇପାରିବ। ସମାଜର ସ୍ଥିରତା ଏବଂ ଗଣତନ୍ତ୍ରର ସୁସ୍ଥ ବିକାଶ ପାଇଁ ଆମ ସମସ୍ତଙ୍କୁ ଏହି ଦାୟିତ୍ୱବୋଧକୁ ଅନୁଭବ କରିବାକୁ ହେବ। ସାମାଜିକ ଗଣମାଧ୍ୟମ ଶେଷ ପର୍ଯ୍ୟନ୍ତ ମଣିଷର ହାତରେ ଥିବା ଏକ ଶକ୍ତିଶାଳୀ ଆଇନା। ସେଥିରେ ସମାଜର ମୁହଁ ଯେପରି ଦେଖାଯିବ, ତାହା ନିର୍ଭର କରିବ ଆମେ ସେହି ଆଇନାକୁ କିପରି ବ୍ୟବହାର କରୁଛୁ।

ଜଳେଶ୍ୱର(ବାଲେଶ୍ୱର), ମୋ: ୮୧୧୮୦୪୦୩୯୦

## ଭାରତରେ ନୋବେଲ ପୁରସ୍କାର ବିଜେତା ସୀମିତ କାହିଁକି?

ବିଦ୍ୟାଧର ମହାରଣା

ନୋବେଲ ପୁରସ୍କାର ବିଶ୍ୱର ସର୍ବୋଚ୍ଚ ଓ ସର୍ବାଧିକ ସମ୍ମାନଜନକ ପୁରସ୍କାରମାନଙ୍କ ମଧ୍ୟରୁ ଅନ୍ୟତମ। ବିଜ୍ଞାନ, ସାହିତ୍ୟ, ଶାନ୍ତି ଓ ମାନବ କଲ୍ୟାଣ କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ଏହି ପୁରସ୍କାର ପ୍ରତିବର୍ଷ ପ୍ରଦାନ କରାଯାଏ। ସ୍ୱିଡେନର ବୈଜ୍ଞାନିକ ଓ ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ୧୯୦୧ ମସିହାରୁ ଏହି ସମ୍ମାନଜନକ ପୁରସ୍କାର ବିଶ୍ୱରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦାନ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ତ୍ୱ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ଏହି ପୁରସ୍କାର ଦିଆଯାଉଥିଲା। ୧୯୬୯ ମସିହାରେ ଅର୍ଥନୀତିକୁ ଏଥିରେ ଯୋଡ଼ାଯାଇଥିଲା। ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ଆଲଫ୍ରେଡ୍ ନୋବେଲଙ୍କ ମୃତ୍ୟୁଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ।

ନୋବେଲ ପୁରସ୍କାର କେବଳ ଏକ ସମ୍ମାନ ନୁହେଁ, ଏହା ମାନବ ସମାଜ ପାଇଁ ଅସାଧାରଣ ସେବା, ସୃଜନଶୀଳତା ଓ ଜ୍ଞାନର ସ୍ୱୀକୃତି। ଏହି ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ବିଶ୍ୱସ୍ତରରେ ପ୍ରେରଣାର ଉତ୍ସ ହୋଇଥା'ନ୍ତି। ଆଜିର ଯୁଗରେ ନୋବେଲ ପୁରସ୍କାର ବିଶ୍ୱର ସର୍ବୋତ୍କୃଷ୍ଟ ପ୍ରତିଭା ଏବଂ ମାନବ ସେବାକୁ ସମ୍ମାନିତ କରିବାର ଏକ ମହାନ ମାଧ୍ୟମ। ଏହା ମଣିଷମାନଙ୍କୁ ନୂତନ ଆବିଷ୍କାର, ସୃଜନଶୀଳ ଚିନ୍ତାଧାରା ଏବଂ ମାନବ କଲ୍ୟାଣ ପାଇଁ କାମ କରିବାକୁ ପ୍ରେରିତ କରେ। ତେଣୁ ନୋବେଲ ପୁରସ୍କାରର ମହତ୍ତ୍ୱ ଓ ଗରିମା ସମଗ୍ର ବିଶ୍ୱରେ ଅତୁଳନୀୟ। ୨୦୨୫ ସୁଦ୍ଧା ବିଶ୍ୱରେ ୬୦୦ରୁ ଅଧିକ ନୋବେଲ ପୁରସ୍କାର ୧୦୦୦ରୁ ଅଧିକ ବ୍ୟକ୍ତି ଓ ସଂସ୍ଥାକୁ ପ୍ରଦାନ କରାଯାଇଛି। ମାରି କ୍ୟୁରି ଏକମାତ୍ର ମହିଳା ଭାବେ ଭୌତିକ ବିଜ୍ଞାନ (୧୯୦୩) ଓ ରସାୟନ ବିଜ୍ଞାନ (୧୯୧୧)ରେ ନୋବେଲ ପୁରସ୍କାର ପାଇଥିଲେ। ସମ୍ପ୍ରତି ପ୍ରତି ପୁରସ୍କାର ବାବଦରେ ଗୋଟିଏ ସ୍ୱର୍ଣ୍ଣପଦକ ସହିତ ପ୍ରାୟ ୮.୮ କୋଟି ଟଙ୍କା, ଯାହା ୧୧ ନିୟୁତ ସ୍ୱିଡେନ କ୍ରୋନର ଆକାରରେ ଦିଆଯାଏ। ଏ ଯାଏଁ ଯୁକ୍ତରାଷ୍ଟ୍ର ଆମେରିକା ସର୍ବାଧିକ ୪୨୦ ନୋବେଲ ପୁରସ୍କାର ହାସଲ କରିଥିବା ସ୍ଥଳେ ଇଂଲଣ୍ଡ ୧୪୫ ଓ ଜର୍ମାନୀ ୧୧୫ ପୁରସ୍କାର ପାଇଛି। ଭାରତ ମୋଟ ୧୩ ଟି ପୁରସ୍କାର ଏଯାଏଁ ପାଇଛି।

ଭାରତ ସହିତ ନୋବେଲ ପୁରସ୍କାରର ସମ୍ପର୍କ ମଧ୍ୟ ଗୌରବମୟ। ୧୯୧୩ ମସିହାରେ ରବୀନ୍ଦ୍ରନାଥ ଠାକୁର ସାହିତ୍ୟ କ୍ଷେତ୍ରରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ତଥା ପ୍ରଥମ ଏସିଆବାସୀ ଥିଲେ। ଏହାପରେ ସି. ଭି. ରମଣ (୧୯୩୦), ମଦର ଟେରେସା (୧୯୭୯), ସୁବ୍ରମଣ୍ୟମ ଚନ୍ଦ୍ରଶେଖର (୧୯୮୩), ଅମର୍ତ୍ତ୍ୟସେନ୍(୧୯୯୮), କୈଳାସ ସତ୍ୟାର୍ଥୀ (୨୦୧୪) ଓ ଅଭିଜିତ ବାନାର୍ଜୀ (୨୦୧୯) ନୋବେଲ ପୁରସ୍କାର ଲାଭ କରିଛନ୍ତି। ଭେଙ୍କି ରାମକ୍ରିଷ୍ଣନ୍ ୨୦୦୯ ମସିହାରେ ରସାୟନ ଶାସ୍ତ୍ରରେ ନୋବେଲ ପାଇଛନ୍ତି। ଭାରତରେ ଜନ୍ମିତ ହରଗୋବିନ୍ଦ ଖୁରାନା ୧୯୬୮ ମସିହାରେ ଆମେରିକୀୟ ନାଗରିକ ଭାବେ ନୋବେଲ ପୁରସ୍କାର ପାଇଥିଲେ। ମହାତ୍ମା ଗାନ୍ଧୀଙ୍କୁ ଅନେକଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମାଙ୍କିତ କରାଯାଇଥିଲେ ମଧ୍ୟ ସେ ଏହି ସମ୍ମାନ ପାଇପାରିନଥିଲେ, ଯାହା ଆଜି ମଧ୍ୟ ନୋବେଲ ଇତିହାସର ଏକ ଚର୍ଚ୍ଚିତ ବିଷୟ।

କୃଷି କ୍ଷେତ୍ରରେ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ନୋବେଲ ପୁରସ୍କାର ନାହିଁ। ତଥାପି ୧୯୭୦ ମସିହାରେ ନର୍ମାନ ବୋରଲଗ୍ ସବୁଜ ବିପ୍ଳବରେ ତାଙ୍କ ଅବଦାନ ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଥିଲେ। ଭାରତରେ ଡଃ ଏମ୍. ଏସ୍. ସ୍ୱାମୀନାଥନଙ୍କ ସହଯୋଗରେ ଉଚ୍ଚ ଅମଳକ୍ଷମ ଗହମ ଚାଷର ପ୍ରସାର ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହୋଇଥିଲା। କିନ୍ତୁ ପ୍ରଫେସର ସ୍ୱାମୀନାଥନ ନୋବେଲ ପୁରସ୍କାର ପାଇଁ ବିବେଚିତ ହେଲେ ନାହିଁ। ମାର୍କିନ ବୈଜ୍ଞାନିକା ରାଚେଲ କାର୍ସନ ନିରବ ବସନ୍ତ (ସାଇଲେଣ୍ଟ ସ୍ପ୍ରିଙ୍ଗ) ପୁସ୍ତକ ପାଇଁ ୧୯୬୨ ମସିହାରେ ନୋବେଲ ପୁରସ୍କାର ପାଇଥିଲେ। ଏହାଯୋଗୁଁ ବିଶ୍ୱରେ କୀଟନାଶକ ବିଷ ବ୍ୟବହାର କ୍ଷେତ୍ରରେ ନିୟନ୍ତ୍ରଣ ଆସିଥିଲା।

ଏତେ ବଡ଼ ଜନସଂଖ୍ୟା ଏବଂ ଗୌରବମୟ ଶିକ୍ଷା ପରମ୍ପରା ଥିବା ସତ୍ତ୍ୱେ ଭାରତରେ ନୋବେଲ ବିଜେତାଙ୍କ ସଂଖ୍ୟା କାହିଁକି ସୀମିତ? ଏହାପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଗବେଷଣା ଓ ବିକାଶ କ୍ଷେତ୍ରରେ ଭାରତର ବିନିଯୋଗ ଉନ୍ନତ ଦେଶମାନଙ୍କ ତୁଳନାରେ କମ୍। ଦ୍ୱିତୀୟତଃ, ଉଚ୍ଚମାନର ଗବେଷଣା ଭିତ୍ତିଭୂମି ଓ ଆଧୁନିକ ପରୀକ୍ଷାଗାରର ଅଭାବ ଅନେକ ସମୟରେ ଗବେଷକମାନଙ୍କ କାର୍ଯ୍ୟକୁ ବାଧା ଦେଇଥାଏ। ତୃତୀୟତଃ, ଦକ୍ଷ ବୈଜ୍ଞାନିକ ଓ ଗବେଷକମାନଙ୍କର ବିଦେଶଗମନ ଦେଶର ଗବେଷଣା କ୍ଷମତାକୁ ପ୍ରଭାବିତ କରେ। ଏହାଛଡ଼ା ଆମର ଶିକ୍ଷା ବ୍ୟବସ୍ଥାରେ ମୌଳିକ ଚିନ୍ତନ ଓ ଗବେଷଣା ଅପେକ୍ଷା ପରୀକ୍ଷାମୁଖୀ ଅଧ୍ୟୟନକୁ ଅଧିକ ଗୁରୁତ୍ୱ ଦିଆଯାଏ। ଗବେଷଣା କ୍ଷେତ୍ରରେ ପ୍ରଶାସନିକ ଜଟିଳତା, ଦୀର୍ଘମିଆଦୀ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ସହଯୋଗ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଗବେଷଣାର ସୀମିତ ପ୍ରଚାର ମଧ୍ୟ ଦାୟୀ। ଅମର୍ତ୍ତ୍ୟ ସେନ୍, ଅଭିଜିତ ବାନାର୍ଜୀ ଓ ହରଗୋବିନ୍ଦ ଖୁରାନାଙ୍କ ଭଳି ଅନେକ ପ୍ରତିଭା ବିଦେଶରେ ଉନ୍ନତ ଗବେଷଣା ପରିବେଶ ପାଇ ପ୍ରତିଭାର ପୂର୍ଣ୍ଣ ବିକାଶ କରିପାରିଥିଲେ।

ଭାରତରେ ପ୍ରତିଭାର ଅଭାବ ନାହିଁ। ଗବେଷଣା, ନବସୃଜନ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକ ବିନିଯୋଗ, ବିଶ୍ୱସ୍ତରୀୟ ଗବେଷଣା ଭିତ୍ତିଭୂମିର ବିକାଶ ଏବଂ ଯୁବ ପିଢ଼ିକୁ ମୌଳିକ ଚିନ୍ତନ ପାଇଁ ପ୍ରୋତ୍ସାହନ ଦିଆଗଲେ ଭବିଷ୍ୟତରେ ଅଧିକ ଭାରତୀୟ ନୋବେଲ ପୁରସ୍କାର ଅର୍ଜନ କରିପାରିବେ। ଶିକ୍ଷା ବ୍ୟବସ୍ଥାରେ ସୃଜନଶୀଳ ଚିନ୍ତାଧାରା, ଗବେଷଣା ଓ ନବସୃଜନକୁ ଅଧିକ ଗୁରୁତ୍ୱ ଦେବା ଦରକାର। କେବଳ ପରୀକ୍ଷାମୁଖୀ ଶିକ୍ଷା ନୁହେଁ, ବରଂ ଜିଜ୍ଞାସା ଓ ସମସ୍ୟା ସମାଧାନ କ୍ଷମତାକୁ ବିକଶିତ କରିବା ଆବଶ୍ୟକ। ଦ୍ୱିତୀୟତଃ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାନଗୁଡ଼ିକୁ ପର୍ଯ୍ୟାପ୍ତ ଅର୍ଥ, ଆଧୁନିକ ପରୀକ୍ଷାଗାର ଏବଂ ଉଚ୍ଚମାନର ଗବେଷଣା ପରିବେଶ ଯୋଗାଇବା ଦରକାର। ତୃତୀୟତଃ, ପ୍ରତିଭାଶାଳୀ ଯୁବ ଗବେଷକମାନଙ୍କୁ ଦେଶରେ ରହି କାମ କରିବା ପାଇଁ ଆକର୍ଷଣୀୟ ସୁଯୋଗ ଓ ପ୍ରୋତ୍ସାହନ ଦିଆଯିବା ଉଚିତ। ଚତୁର୍ଥତଃ, ଅନ୍ତର୍ଜାତୀୟ ସହଯୋଗ, ଜ୍ଞାନ ବିନିମୟ ଏବଂ ବହୁବିଷୟକ ଗବେଷଣାକୁ ଉତ୍ସାହିତ କରିବା ଦରକାର। ସେହିପରି ସାହିତ୍ୟ, ଶାନ୍ତି ଓ ସାମାଜିକ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ମୌଳିକ ଚିନ୍ତାଧାରା ଓ ବିଶ୍ୱମାନର କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଆବଶ୍ୟକ।

(ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦)

## ଗର୍ଦ୍ଦଭ ପୂଜନ ପରମ୍ପରା

ଓଜସ୍ୱିନୀ

ସବୁ ପଶୁପକ୍ଷୀଙ୍କ ମଧ୍ୟରେ ଗର୍ଦ୍ଦଭ ବା ଗଧକୁ ମୂର୍ଖତା ସହିତ ତୁଳନା କରାଯାଇ ନିକୃଷ୍ଟ ଦୃଷ୍ଟିକୋଣରେ ଦେଖାଯାଏ। ଇତର ପ୍ରାଣୀ ଭାବେ ଗଧକୁ ଅନେକଥର ମନୁଷ୍ୟର ମନ୍ଦ ବୁଦ୍ଧି ଓ ବିବେକ ସହିତ ମଧ୍ୟ ତୁଳନା କରାଯାଏ। ଗଧକୁ ନେଇ ବହୁତ ଆପ୍ତବାକ୍ୟ ରହିଛି। କିନ୍ତୁ ଭାରତୀୟ ଧର୍ମଧାରଣା ଓ ପରମ୍ପରା ଅନୁଯାୟୀ ମା' କାଳରାତ୍ରି ଏବଂ ମାତା ଶୀତଳାଙ୍କ ବାହନ ଗଧକୁ ମଧ୍ୟ କେତେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଉଥିବା ବେଳ ବିଦେଶୀୟ ପରମ୍ପରାରେ ମଧ୍ୟ ଗଧ ଆଦରଣୀୟ ଓ ସମ୍ମାନାସ୍ପଦ ହୋଇଛି।

ରାଜସ୍ଥାନର ବିକାନେର୍‌ଠାରେ ଶୀତଳା ସପ୍ତମୀ ଓ ଶୀତଳା ଅଷ୍ଟମୀରେ ଶୀତଳା ମାତାଙ୍କ ସହିତ ଗଧକୁ ବିଧିବିଧାନର ସହିତ ପୂଜା କରିବାର ପରମ୍ପରା ରହିଛି। ବିଶ୍ୱାସ ରହିଛି ଯେ ଗଧକୁ ପୂଜା କରିବା ଦ୍ୱାରା ମାତା ଶୀତଳାଙ୍କ କୃପା ପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳେ। ମାତା ଶୀତଳାଙ୍କୁ ବାସିବ୍ୟଞ୍ଜନ ଭୋଗ ଲଗାଇବାର ପ୍ରଥା ରହିଛି। ତେଣୁ ମହିଳାମାନେ ସପ୍ତମୀ କିମ୍ବା ଅଷ୍ଟମୀ ପୂର୍ବଦିନରୁ ବ୍ୟଞ୍ଜନ ପ୍ରସ୍ତୁତ କରି ରଖନ୍ତି। ପୂଜା ଦିନ ସକାଳୁ ସ୍ନାନାଦି ସାରି ଶୁଦ୍ଧପୂତ ଭାବେ ମାତା ଶୀତଳାଙ୍କ ମନ୍ଦିରରେ ବ୍ୟଞ୍ଜନଗୁଡ଼ିକୁ ଭୋଗ ଲଗାଇବା ପରେ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା'ନ୍ତି। ଏହାପରେ ଗଧମାନଙ୍କୁ ମଧ୍ୟ ବିଭିନ୍ନ ବ୍ୟଞ୍ଜନ ଅର୍ପଣ କରାଯାଏ ଏବଂ ମାତା ଶୀତଳାଙ୍କ ଭୋଗକୁ ମହିଳାମାନେ ପ୍ରସାଦ ଭାବେ ସେବନ କରନ୍ତି। ମାତା ଶୀତଳା ଓ ଗଧଙ୍କ ଠାରେ ସମର୍ପିତ ଭୋଗକୁ ରୋଗୀ ସେବନ କଲେ ଶୀଘ୍ର ଅରୋଗ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଏହାବ୍ୟତୀତ ଭାରତର ଏଭଳି ଗୋଟିଏ ରାଜ୍ୟ ଅଛି, ଯେଉଁଠି ବର୍ଷର ଗୋଟିଏ ଦିନ ଗଧମାନଙ୍କୁ ବିଭିନ୍ନ ପ୍ରକାର ବସ୍ତ୍ର ଓ ଅଳଙ୍କାରରେ ସଜାଇ ପୂଜାର୍ଚ୍ଚନା କରାଯାଏ। ରାଜସ୍ଥାନର ଭିଲ୍‌ୱାଡ଼ା ଓ ଆଜମେର୍‌ରେ ବସବାସ କରୁଥିବା ମଣ୍ଡଳ ଅଞ୍ଚଳର କୁମ୍ଭାର ସମାଜର ଲୋକମାନେ ଦୀପାବଳୀ କିମ୍ବା ଗୋବର୍ଦ୍ଧନ ପୂଜାର ଦ୍ୱିତୀୟ ଦିନ ଗଧମାନଙ୍କୁ ପୂଜାର୍ଚ୍ଚନା କରିଥା'ନ୍ତି।

### ବିଚିତ୍ର ବିଶ୍ୱାସ

ଉକ୍ତଦିନ ଗଧଙ୍କୁ ବିଭିନ୍ନ ବସ୍ତ୍ର ଓ ଆଭୂଷଣରେ ସଜାଇ ତିଳକ ଲଗାଇ ଆଳତି କରାଯାଏ। ଏହାପରେ ଗଧଙ୍କ ଭିତରେ ଦୌଡ଼ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୁଏ। ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଧର ମାଲିକଙ୍କୁ ପୁରସ୍କୃତ କରାଯାଏ। ଏହାପଛରେ ବିଶ୍ୱାସ ରହିଛି ଯେ, ଗଧମାନେ ହେଉଛନ୍ତି କୁମ୍ଭାର ସମାଜର ଜୀବନଜୀବିକା ପାଇଁ ଏକ ମାଧ୍ୟମ। ମାଟି ଆଣିବାଠାରୁ ଆରମ୍ଭ କରି ମାଟିପାତ୍ର କିଣାବିକା କରିବା ପର୍ଯ୍ୟନ୍ତ ସେମାନେ ଗଧକୁ ନିଜର ସାଧନ ଭାବେ ଉପଯୋଗ କରିଥା'ନ୍ତି। ତେଣୁ ସେମାନେ ଗଧକୁ ଅନ୍ନଦାତା ଏବଂ ଧନ ଉପାର୍ଜନର ମାଧ୍ୟମ ମନେ କରି ତା' ପ୍ରତି ନିଜର କୃତଜ୍ଞତା ବ୍ୟକ୍ତ କରିବା ପାଇଁ ପୂଜାର୍ଚ୍ଚନା କରିଥା'ନ୍ତି।

ବିଦେଶୀୟ ସଂସ୍କୃତିରେ ଗଧର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଅଧିକାଂଶ ୟୁରୋପୀୟ ଦେଶ, ବିଶେଷଭାବେ ଗ୍ରୀସ୍ ଓ ଭୂମଧ୍ୟସାଗରୀୟ ଦେଶରେ, ଗଧକୁ ସାଂସ୍କୃତିକ ଲୋକକଥାର ଅଂଶ ଭାବେ ଗ୍ରହଣ କରାଯାଇଛି। ଲୋକକଥା ଅନୁସାରେ ଗଧକୁ ଲୋକମାନଙ୍କ ସେବା କରିବାର ବରଦାନ ପ୍ରଭୁ ଯିଶୁଖ୍ରୀଷ୍ଟ ଦେଇଛନ୍ତି। ବାଇବେଲ୍‌ରେ ଗଧ ଏକ ପବିତ୍ର ପଶୁ ଭାବେ ବର୍ଣ୍ଣିତ। ମାନ୍ୟତା ରହିଛି ଯେ, ମାତା ମରିୟମ୍ ଗଧ ପିଠିରେ ବସି ବେଥଲ୍‌ହମ୍ ଯାଇଥିଲେ ଏବଂ ପ୍ରଭୁ ଯିଶୁ ଗଧ ଉପରେ ବସି ଜେରୁଜେଲମ୍‌ରେ ପହଞ୍ଚିଥିଲେ। ତେଣୁ ଈଶାହି ଧର୍ମରେ ଗଧକୁ ସେବା, ବିନମ୍ରତା ଓ ଶାନ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଇ ବିଶେଷ ସମ୍ମାନ ପ୍ରଦାନ କରାଯାଇଥାଏ। ପ୍ରାଚୀନ ଇଜିପ୍ଟ ସଭ୍ୟତାରେ ଗଧକୁ ଧନ, ଉର୍ବରତା, ଜ୍ଞାନ ଓ ଐଶ୍ୱର୍ଯ୍ୟର ପ୍ରତୀକ ଭାବେ ଗଣନା କରାଯାଉଥିଲା। ପ୍ରାଚୀନ ୟୁନାନ୍ ଓ ରୋମ୍‌ରେ ଗଧକୁ ମଦିରା ଓ ଉତ୍ସବର ଦେବତା 'ଡାୟୋନିସସ୍'ଙ୍କ ବାହନ ଭାବେ ମାନ୍ୟତା ମିଳିଥିଲା।

ଶତାଧିକ ବର୍ଷ ଧରି ଚାଲିଆସୁଥିବା ଗଧ ପୂଜନର ଏହି ପରମ୍ପରା ପ୍ରକୃତରେ ଅନନ୍ୟ ଭାରତୀୟ ସଂସ୍କୃତିର ବାର୍ତ୍ତା ବହନ କରେ।

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଟିଏମ୍‌ସି ନେତାଙ୍କ ଗିରଫକୁ ନେଇ ଆପ୍‌ର ପ୍ରଶ୍ନ**

# ସର୍କିଟ ହାଉସ୍ ୧୦୯ ନଂ. ରୁମ୍ କାହା ନାଁରେ ହୋଇଥିଲା ବୁକ୍

ପୁରୀ,୧୮।୬(ସମିସ): ତୃଣମୂଳ କଂଗ୍ରେସ ନେତା ତଥା କୋଲକାତା ମ୍ୟୁନିସିପାଲିଟି କର୍ପୋରେସନ ୧୦୮ ନମ୍ବର ୱାର୍ଡର କାଉନ୍‌ସିଲର ସୁଶାନ୍ତ ଘୋଷଙ୍କୁ ପଶ୍ଚିମବଙ୍ଗ ପୁଲିସ ବୁଧବାର ପୁରୀରୁ ଗିରଫ କରିଥିଲା। କୋଲକାତା ଓ ଓଡ଼ିଶା ପୁଲିସ ମିଳିତ ସହଯୋଗରେ ତାଙ୍କୁ ପିପିଲି ଥାନା ଅଧୀନସ୍ଥ କୌଶଲ୍ୟାଗଙ୍ଗ ଅଞ୍ଚଳରୁ ଗିରଫ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ନେଇ ପ୍ରଶ୍ନ ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ସୁଶାନ୍ତ ଘୋଷଙ୍କ ଗିରଫ ହେବା ଘଟଣାର ପୁରା ପ୍ରକ୍ରିୟା ହିଁ ଅନେକ ସନ୍ଦେହ ସୃଷ୍ଟି କରିଛି ବୋଲି କହିଛନ୍ତି ଆପ୍‌ର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ଗୁରୁବାର ପୁରୀ ଜିଲ୍ଲା ଆପ୍ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି, ଅଭିଯୁକ୍ତ ଟିଏମ୍‌ସି ନେତା ଶ୍ରୀ ଘୋଷ କିଛିଦିନ ହେବ ପୁରୀ ସର୍କିଟ୍ ହାଉସ୍‌ର ୧୦୯ ନମ୍ବର୍ ରୁମ୍‌ରେ ରହିଥିଲେ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ତାଙ୍କୁ ସର୍କିଟ ହାଉସ୍‌ରୁ ହିଁ ପୁଲିସ ଗିରଫ କରିଥିଲା। କିନ୍ତୁ ପିପିଲିରୁ ଗିରଫ କରାଯିବା ନେଇ ଯାହା ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ତାହାର ସତ୍ୟତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଯଦି ସେମାନଙ୍କୁ ମିଳିଥିବା ସୂଚନା ସତ୍ୟ, ତେବେ କାହାକୁ ସୁରକ୍ଷା ଦେବାକୁ ଯାଇ ପୁଲିସ ଶ୍ରୀ ଘୋଷଙ୍କୁ ପିପିଲିରୁ ଗିରଫ କରିଛି ବୋଲି କହିଛି। ଏହାର ସତ୍ୟାସତ୍ୟ ପଦାକୁ ଆସିବା ଦରକାର।

■ ପୁରୀରୁ ଗିରଫ ଟିଏମ୍‌ସି ନେତା ସର୍କିଟ ହାଉସ୍‌ରେ ଥିଲେ!
■ ସର୍କିଟ ହାଉସ୍‌ର ରେଜିଷ୍ଟର ଓ ସିସିଟିଭି ଫୁଟେଜ୍ ସାର୍ବଜନୀନ ହେଉ

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ସର୍କିଟ୍ ହାଉସ୍‌ର ସେହି ୧୦୯ ନଂ. ରୁମ୍ ସରକାରୀ ଦଳର ଜଣେ ବିଧାୟକଙ୍କ ନାମରେ ବୁକ୍ ଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ତେବେ ଗିରଫ ଟିଏମ୍‌ସି ନେତାଙ୍କ ସହିତ ସମ୍ପୃକ୍ତ ବିଧାୟକଙ୍କର ସମ୍ପର୍କ କ'ଣ? ରାଜନୈତିକ ସମ୍ପର୍କ ନା ଅନ୍ୟ କିଛି? ବିଧାୟକଙ୍କ ନାଁରେ ବୁକ୍ ହୋଇଥିବା ରୁମ୍‌ରେ ଟିଏମ୍‌ସି ନେତା ରହିଲେ କିପରି ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁରୀ ସର୍କିଟ ହାଉସ୍ ଜିଲ୍ଲାପାଳଙ୍କ ଅଧୀନରେ ରହିଛି। ଜଣେ ବାହାର ରାଜ୍ୟର ଅଭିଯୁକ୍ତ ରାଜନେତା ସର୍କିଟ ହାଉସ୍‌ରେ ରହୁଥିବାବେଳେ ଇଣ୍ଟେଲିଜେନ୍ସ କେମିତି କିଛି ସୁରାକ୍ ପାଉନି? ପଶ୍ଚିମବଙ୍ଗର ବିଭିନ୍ନ ନେତା ପୁରୀରେ ଶରଣ ପଶିବା ଏବଂ ଏଠାରୁ ଗିରଫ ହେବା ପୁରୀର ଛବିକୁ ବି ମଳିନ କରୁଛି। ପୁରୀ ଯେମିତି ଅପରାଧୀଙ୍କ ଶରଣ କ୍ଷେତ୍ର ପାଲଟିଛି ଏଭଳି ବାର୍ତ୍ତା ବାହାରକୁ ଯାଉଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥିବା ସତ୍ତ୍ୱେ ଏକାଧିକଥର (ନିକଟରେ ପୁରୀର ଏକ ହୋଟେଲରୁ ଟିଏମ୍‌ସିର ଜଣେ ପୂର୍ବତନ ବିଧାୟକ ଗିରଫ ହୋଇଥିଲେ) ଏଭଳି ଘଟଣା ସାଧାରଣରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଟିଏମ୍‌ସି ନେତା ଶ୍ରୀ ଘୋଷଙ୍କ ଗିରଫଦାରୀକୁ ନେଇ ଯେଉଁ ଚର୍ଚ୍ଚା ହେଉଛି ବା ଆପ୍ ପାଖରେ ଯେଉଁ ସୂଚନା ପହଞ୍ଚିଛି ତା' ଉପରୁ ପରଦା ହଟିବା ଦରକାର। ଯଥାଶୀଘ୍ର ସର୍କିଟ୍ ହାଉସ୍‌ର ସିସିଟିଭି ଫୁଟେଜ୍ ଏବଂ ରେଜିଷ୍ଟର କପି ସାର୍ବଜନୀନ କରି ସନ୍ଦେହ ଦୂର କରନ୍ତୁ ବୋଲି ଆପ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଆପ୍ ୧୦୯ ନଂ. ରୁମ୍‌ର ୧୬ ଓ ୧୭ ତାରିଖର ସିସିଟିଭି ଫୁଟେଜ ସାର୍ବଜନୀନ କରିବା ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍‌ର ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଜିଲ୍ଲା ଉପସଭାପତି ଅନୀଲ କୁମାର ସେନାପତି ଉପସ୍ଥିତ ଥିଲେ।

**ଫିଲ୍ମ ଷ୍ଟାଇଲରେ ସୁନା ଦୋକାନରୁ ଲୁଟ୍, କର୍ମଚାରୀଙ୍କୁ ଅପହରଣ**

# ପୁଲିସ ଏନକାଉଣ୍ଟର, ୨ ଦୁର୍ବୃତ୍ତ ଗୁରୁତର

ଅନୁଗୋଳ,୧୮।୬(ସମିସ): ତାଳଚେର ସହରରେ ବୁଧବାର ରାତିରେ ଘଟିଥିବା ଚାଞ୍ଚଲ୍ୟକର ସୁନା ଲୁଟ୍ ଘଟଣାର ମାତ୍ର ୧୨ ଘଣ୍ଟା ମଧ୍ୟରେ ପର୍ଦ୍ଦାଫାସ କରିଛି ଅନୁଗୋଳ ପୁଲିସ। ଇନକମ ଟାକ୍ସ ଅଫିସର ଓ ପୁଲିସ ପରିଚୟ ଦେଇ ସୁନା ରିଫାଇନାରୀ ଦୋକାନରୁ ପ୍ରାୟ ୨୯୦ ଗ୍ରାମ ସୁନା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଉଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗକୁ ହଣ୍ଡପା ଚୁଲିଆପୁର ଜଙ୍ଗଲରେ ଗୋଡ଼େଇ ଗୋଡ଼େଇ କାବୁ କରିଛି ପୁଲିସ। ଏହି ସମୟରେ ପୁଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ବେଳେ ମହାରାଷ୍ଟ୍ରର ଦୁଇ ଦୁର୍ଦ୍ଦାନ୍ତ ଲୁଟେରାଙ୍କ ଦେହରେ ଗୁଳି ବାଜିଛି। ସେମାନେ ହେଲେ ମହାରାଷ୍ଟ୍ରର ସଚିନ ଗାଜଗେ ଏବଂ ପ୍ରକାଶ ମାହାନେ। ଉଭୟଙ୍କ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏମାନଙ୍କ ବ୍ୟତୀତ ପୁଲିସ ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ସଦସ୍ୟ ରାଜେଶ ମାଡନେ ଏବଂ ଦେବ ପ୍ରଭାକର ଲୋଖଣ୍ଡେଙ୍କୁ ମଧ୍ୟ ଗିରଫ କରିବାରେ ସଫଳ ହୋଇଛି।

ଗତକାଲି ରାତିରେ ଏକ କଳା ରଙ୍ଗର ଦାମୀ କାରରେ ଆସି ଦୁର୍ବୃତ୍ତମାନେ ତାଳଚେର ହାଟତୋଟାସ୍ଥିତ ଶ୍ରୀ ବାଲାଜୀ ଗୋଲ୍ଡ ଆଣ୍ଡ ସିଲଭର ରିଫାଇନାରୀ ଦୋକାନରେ ପହଞ୍ଚିଥିଲେ। ନିଜକୁ ଭୁବନେଶ୍ୱରରୁ ଆସିଥିବା ପୁଲିସ ଓ ଇନକମ ଟାକ୍ସ କର୍ମଚାରୀ ପରିଚୟ ଦେଇ ସେମାନେ ଦୋକାନରେ 'ରେଡ୍' ବାହାନା କରିଥିଲେ। ଦୋକାନୀଙ୍କୁ ଭୟଭୀତ କରାଇ ପ୍ରାୟ ୨୯୦ ଗ୍ରାମ ଓଜନର ସୁନା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଜବତ କରିବା ସହ ଦୋକାନର ଜଣେ କର୍ମଚାରୀଙ୍କୁ ଜୋରଜବରଦସ୍ତ କାରରେ ବସାଇ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ପରେ ଅନୁଗୋଳ କାଲଟାକ୍ସ ଛକ ନିକଟରେ ସମ୍ପୃକ୍ତ କର୍ମଚାରୀଙ୍କୁ ଛାଡ଼ି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏହି ସମଗ୍ର ଘଟଣା ଦୋକାନର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଘଟଣା ସମ୍ପର୍କରେ ଦୋକାନ ମାଲିକ ତାଳଚେର ଥାନାରେ ଅଭିଯୋଗ କରିବା ପରେ ଅନୁଗୋଳ ଏସପିଙ୍କ ନିର୍ଦ୍ଦେଶରେ ତୁରନ୍ତ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜ୍ ଆଧାରରେ ଲୁଟେରାମାନେ ସମ୍ବଲପୁର ଅଭିମୁଖେ ଯାଉଥିବା ସୁରାକ ପାଇ ପୁଲିସ ସେମାନଙ୍କ ପିଛା କରିଥିଲା। ପଡ଼ୋଶୀ ଢେଙ୍କାନାଳ ସମେତ ରାଜ୍ୟର ସବୁ ଥାନା ଅଞ୍ଚଳରେ ମଧ୍ୟ ପୁଲିସକୁ ଆଲର୍ଟ କରାଯାଇ ନାକାବନ୍ଦୀ କରାଯାଇଥିଲା। ପୁଲିସ ଗୋଡ଼ାଉଥିବା ଜାଣିପାରି ଲୁଟେରାମାନେ ନିଜ ଗାଡ଼ି ଛାଡ଼ି ହଣ୍ଡପା ଥାନା ଅନ୍ତର୍ଗତ ଚୁଲିଆପୁର ଜଙ୍ଗଲ ଭିତରକୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ଲୁଟେରାମାନେ ପୁଲିସ ଉପରକୁ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା।

■ ମିଛ ପୁଲିସ ସାଜି ଲୁଟିଥିଲେ
■ ସତ ପୁଲିସ ଗୁଳିରେ ସାବାଡ଼ ହେଲେ
■ ୪ ଆନ୍ତଃରାଜ୍ୟ ଲୁଟେରା ଗିରଫ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତିନି ମାସ ପରେ...

ମିଳିଛି। ଏହି ସମୟ ମଧ୍ୟରେ କୌଣସି ପକ୍ଷ ନୂତନ କଟକଣା କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଇରାନ ସ୍ପଷ୍ଟ କରିଛି ଯେ ତା'ର ସମୃଦ୍ଧ ୟୁରାନିୟମ ଦେଶ ବାହାରକୁ ଯିବ ନାହିଁ, ବରଂ ଏହାକୁ ପତଳା କରାଯିବା ଉପରେ ବିଚାର କରାଯାଇପାରେ। ତେବେ କ୍ଷେପଣାସ୍ତ୍ର କ୍ଷମତା ଉପରେ କୌଣସି ଆଲୋଚନା ହେବନାହିଁ ବୋଲି ଇରାନ କହିଛି। ଅପରପକ୍ଷରେ ଟ୍ରମ୍ପ ମଧ୍ୟ କହିଛନ୍ତି ଯେ ଆଞ୍ଚଳିକ ସନ୍ତୁଳନ ରକ୍ଷା ପାଇଁ ଇରାନ ପାଖରେ କ୍ଷେପଣାସ୍ତ୍ର ରହିବା ଅନୁଚିତ ନୁହେଁ, କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଆମେରିକୀୟ ସେନା ସେହି ଅଞ୍ଚଳରେ କିଛି ଦିନ ରହିବେ।

ଏହି ବୁଝାମଣା ପ୍ରକ୍ରିୟାରେ ପାକିସ୍ତାନ ମଧ୍ୟସ୍ଥି ସାଜିଥିଲା। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏହାକୁ 'ଇସଲାମାବାଦ ବୁଝାମଣାପତ୍ର' ବୋଲି ଅଭିହିତ କରିଛନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି। ଏହି ଚୁକ୍ତି ଅନ୍ତର୍ଗତ ଯୁଦ୍ଧ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଇରାନରେ ପ୍ରାୟ ୩୦୦ ବିଲିୟନ ଡଲାରର ପୁଞ୍ଜିନିବେଶ କରାଯିବାର ବ୍ୟବସ୍ଥା ରହିଛି। ହର୍ମୁଜ ପ୍ରଣାଳୀ ପୂର୍ବ ସ୍ଥିତିକୁ ଫେରିବ ନାହିଁ ଏବଂ ଏଥିରୁ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଠାରୁ ଶୁଳ୍କ ଆଦାୟ କରାଯିବ ବୋଲି ଇରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାକେର କାଲିବାଫ ସୂଚନା ଦେଇଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଏହି ଡିଜିଟାଲ ଚୁକ୍ତିନାମା ଆନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେବ।

### ଆଜି ବିବାହ ବନ୍ଧନରେ...

ଓ ମାତା ପାର୍ବତୀ ରାଜରାଜେଶ୍ୱର ଏବଂ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ ଶ୍ରଦ୍ଧାଳୁ ଭକ୍ତଙ୍କୁ। ସନ୍ଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମଧ୍ୟରାତ୍ରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀଧାମର ସାହିମେଢ଼ ନୃତ୍ୟ, ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ପଶ୍ଚିମବଙ୍ଗ ମେଦିନିପୁରର ମୟୂରଚୂଳିଆ ବାଦ୍ୟ ଦଳଙ୍କ ସହ ବ୍ରହ୍ମପୁରର ଯୋଡ଼ିଶଙ୍ଖ ନୃତ୍ୟ ଦଳ ପୀଠରେ ପହଞ୍ଚିଯାଇଛନ୍ତି। ବାଜା, ବାଣ ରୋଷଣୀ ସହ ଲକ୍ଷାଧିକ ଭକ୍ତଙ୍କ ଗହଣରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ମନ୍ଦିରର ସେବାୟତ କହିଛନ୍ତି। ଅନ୍ୟପଟେ ପୀଠରେ ସୁରକ୍ଷା ବ୍ୟବସ୍ଥା ପାଇଁ ୩ ଜଣ ମାଜିଷ୍ଟ୍ରେଟ୍‌ଙ୍କ ସହ ଭଦ୍ରକ ଏସ୍‌ପି, ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୨ଜଣ ଅଫିସରଙ୍କ ସହ ୧୪ ପ୍ଲାଟୁନ ଫୋର୍ସ ଓ ଟ୍ରାଫିକ୍ ପୁଲିସ ମୁତୟନ ରହିବେ।

### କନ୍ଧମାଳ ପୁଲିସ...

୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ଥିବା ୧୨୮ ଜଣ ମେଡିକାଲ ଅଫିସର ଓ ଡେଣ୍ଟାଲ ସର୍ଜନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି। ଡାକ୍ତରଖାନାଗୁଡ଼ିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ୍ୟ ଖୋଲାଯାଉଛି। ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗ ନ ଦେଇ ଦୀର୍ଘ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ନିଲମ୍ବନ ହେଲେ...

ଷଡ଼ଯନ୍ତ୍ର ଅଭିହିତ କରି ଏହାପଛରେ ଗଙ୍ଗୱାରଙ୍କ ହାତ ଥିବା ସୌମ୍ୟଙ୍କ ମା କବିତା ସ୍ୱାଇଁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ସୌମ୍ୟଙ୍କୁ ଆଇପିଏସ୍ ଗଙ୍ଗୱାର ନିଜ ଘରେ ରଖି ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିବା ସହ ମୋଡ଼ାଘସା କାମରେ ଲଗାଇଥିଲେ। ତାଙ୍କ ନିଜସ୍ୱ ଜିମ୍‌ରେ ଖଟାଉଥିଲେ। ଏହାକୁ ନେଇ ପରବର୍ତ୍ତି ସମୟରେ ସୌମ୍ୟ ଓ ଦୟାଲ ଗଙ୍ଗୱାର ମଧ୍ୟରେ ଅପଡ଼ ହୋଇଥିଲା। ତାଙ୍କ କଥା ନ ମାନିବାରୁ ସୌମ୍ୟଙ୍କ ବିରୋଧରେ ଗଙ୍ଗୱାର ଷଡ଼ଯନ୍ତ୍ର ଆରମ୍ଭ କରି ଦେଇଥିଲେ। କ୍ଷମତାର ଅପବ୍ୟବହାର କରି ଶେଷରେ ସୌମ୍ୟଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ ଓ ତାଙ୍କ ଦରମା ବନ୍ଦ କରି ଦିଆଯାଇଥିଲା। ତେଣୁ ଗଙ୍ଗୱାରଙ୍କ ଉପରେ ପରିବାର ଲୋକଙ୍କ ସନ୍ଦେହ କେନ୍ଦ୍ରୀଭୂତ ହୋଇଥିଲା।

ଏହି ସମୟରେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ବାଲିଅନ୍ତା ଭିଡ଼ହତ୍ୟା ମାମଲା ଦାୟର କରାଯାଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଣେ କନ୍‌ଷ୍ଟେବଲ୍‌ଙ୍କୁ କିଭଳି ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ମାମଲାର ତଦନ୍ତ କରିବାକୁ ଦିଲ୍ଲୀରୁ ୨ଜଣିଆ ଟିମ୍ ଭୁବନେଶ୍ୱର ଆସିଥିଲା। ଏହାପୂର୍ବରୁ ମେ' ୨୫ ତାରିଖରେ ଏନ୍‌ଏଚ୍‌ଆର୍‌ସି ସୌମ୍ୟ ହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କ୍ରାଇମ୍‌ବ୍ରାଞ୍ଚକୁ ଏକ ରିପୋର୍ଟ ମାଗିଥିଲା। ଏହିଦିନ ଦୟାଲ ଗଙ୍ଗୱାରଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ବଦଳି କରାଯାଇଥିଲା। ଗତମାସ ୨୬ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ରେଳବାଇ ବିଭାଗକୁ ଏକ ଚିଠି ଲେଖି ସୌମ୍ୟଙ୍କୁ କିଭଳି ଭାବେ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା ଏହାର ରିପୋର୍ଟ ଏନ୍‌ଏଚ୍‌ଆର୍‌ସିକୁ ପ୍ରଦାନ କରିବାକୁ କୁହାଯାଇଥିଲା। ଜୁନ୍ ୧ ତାରିଖରେ କମିସନଙ୍କ ଟିମ୍ ଭୁବନେଶ୍ୱର ଆସିଥିଲେ ମଧ୍ୟ ଗଙ୍ଗୱାର କିନ୍ତୁ ରାଜ୍ୟ ଅତିଥି ଭବନରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନଥିଲେ। ଏହାପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ସୌମ୍ୟଙ୍କ ପରିବାର ଲୋକଙ୍କ ସନ୍ଦେହ ବଢ଼ିବାକୁ ଲାଗିଥିଲା। ସେମାନେ ପୁନର୍ବାର ସିବିଆଇ ତଦନ୍ତ ଦାବି କରିଥିଲେ।

### ସମିତି ପରିସରରେ...

ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସମ୍ପୂର୍ଣ୍ଣ ହତାଶ ହୋଇ ସେ ସମିତି ପରିସରରେ ହିଁ ଏକ ଗାମୁଛା ସାହାଯ୍ୟରେ ଝୁଲିପଡ଼ି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ଚାଷୀ ଓ ସ୍ଥାନୀୟ ଲୋକମାନେ ତୁରନ୍ତ ତତ୍ପରତା ପ୍ରକାଶ କରି ଚିତ୍ତରଞ୍ଜନଙ୍କୁ ଉଦ୍ଧାର କରିଥିଲେ ଏବଂ ଗୁରୁତର ଅବସ୍ଥାରେ ଧୂଷୁରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୌଭାଗ୍ୟବଶତଃ, ତୁରନ୍ତ ଚିକିତ୍ସା ଯୋଗୁଁ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସମବାୟ ସମିତି ପରିସରରେ ଚାଷୀ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ କ୍ଷୋଭ ପ୍ରକାଶ ପାଇଥିଲା। ଅସନ୍ତୁଷ୍ଟ ଚାଷୀମାନେ ଧାନ କ୍ରୟ ପ୍ରକ୍ରିୟାରେ ଚାଲିଥିବା ଦୁର୍ନୀତି ଓ ଅବ୍ୟବସ୍ଥାକୁ ନେଇ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସମିତିର ସମସ୍ତ କର୍ମଚାରୀ କାର୍ଯ୍ୟାଳୟରେ ତାଲା ପକାଇ ସେଠାରୁ ଫେରାର୍ ହୋଇଯାଇଛନ୍ତି।

ପ୍ରକାଶ ଯେ, ଚିତ୍ତରଞ୍ଜନଙ୍କ ସ୍ତ୍ରୀ ଗୀତାଞ୍ଜଳି ମଲିକଙ୍କ ନାମରେ ୨୩ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ସରକାରୀ ଟାର୍ଗେଟ୍ ରହିଥିଲା। ଏହା ସତ୍ତ୍ୱେ କେଉଁ ପରିସ୍ଥିତିରେ ତାଙ୍କୁ ଫେରାଇ ଦିଆଗଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ବମକୁରା ସେବା ସମବାୟ ସମିତିର ସମ୍ପାଦକଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ରହିଛି। ଚାଷୀଙ୍କ ଏପରି ଚରମ ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସମ୍ପୂର୍ଣ୍ଣ ଘଟଣାର ଏକ ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଅଞ୍ଚଳର ସମସ୍ତ ଚାଷୀଙ୍କ ଧାନ ଯଥାଶୀଘ୍ର ସରକାରୀ ମୂଲ୍ୟରେ କ୍ରୟ କରିବା ପାଇଁ ସ୍ଥାନୀୟ ଚାଷୀ ସଂଗଠନ ଓ ସାଧାରଣ ଜନତା ଦୃଢ଼ ଦାବି କରିଛନ୍ତି।

### ଭତ୍ତା ପାଇଁ ନୟାନ୍ତ...

ହେଉଛନ୍ତି। କିଏ ଜୀବନ ରକ୍ଷାକାରୀ ଔଷଧ କିଣି ପାରୁ ନାହାନ୍ତି ତ କିଏ ଭୋକ, ଉପାସରେ ରହୁଛନ୍ତି। ଲୋକଙ୍କ ଦୁର୍ଦ୍ଦଶା ଜନମାନସକୁ ଆନ୍ଦୋଳିତ କରୁଥିବା ବେଳେ ସରକାର କ'ଣ ପାଇଁ ଚୁପ୍ ବସିଛନ୍ତି? ଲୋକଙ୍କୁ ହତାଶା ଭିତରକୁ ଠେଲି ନଦେଇ ତୁରନ୍ତ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଉ। ମାନ୍ୟବର ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।


**PUBLIC NOTICE**

It is hereby informed to the general public that certain original property documents deposited with our branch by the borrower/customer as security for credit facilities have been damaged/destroyed due to an accidental fire incident that occurred in the branch premises dated 22.06.2025.

**The details of the property as follows:**

**1) Name of Customer: Susanti Sahoo, Property Address:** Khata No.: 77/604, Plot No.: 656/1592, Mouza: Lathikata, Tahasil/PS: Lathikata, Dist.: Sundargarh, Odisha, PIN-770037, **Document Details:** Original Title Deed/Sale Deed bearing No.: 11711301303 Dated: 02.07.2013 and other related property documents.

**2) Name of Customer: Namita Rana, Property Address:** Khata No.: 119/183, Plot No.: 741/2509, Mouza: Balani, Tahasil/PS: Lathikata, Dist.: Sundargarh, Odisha - 770037, **Document Details:** Original Title Deed/Sale Deed bearing No.: 11712200282, Dated: 21.03.2022 and other related property documents.

Despite diligent efforts, the aforesaid documents could not be retrieved as they were damaged in the accident. Any person having any claim, objection, lien, charge, mortgage or interest in respect of the above mentioned properties are requested to submit the same along with supporting documents to the undersigned within 15 days from the date of publication of this notice.

If no claim is received within the stipulated period, the Bank shall proceed with the issuance of necessary certificates/confirmations regarding loss of documents and take further action as deemed appropriate.

**For and on behalf of State Bank of India**
**Lathikata Branch**
**At/Po: Lathikata, Dist.: Sundargarh, Odisha, PIN-770037**

**FOR SALE**

01 Number of TATA TIGOR CARS & UVS /2024, Registration No.- OD-15-Z-5647, Model- 2024, - ENGINE NO – REVTRN19DVXK45019, CHASSIS NO - MAT63708RKD30756, For Details, contact – 9437019531, Sundaram Finance Ltd., 1st Floor, Sabat Complex, Near Wesco Office, Ainthapalli, Po/dist- Sambalpur-768004

**VEHICLE SALE**

TATA TIAGO, Model - 2024, Registration No- OD-34-U-2309, in as is where is condition Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

By virtue of an affidavit sworn before The Notary Public, Rayagada No. 6456 dated 17.06.2026, by Smt. Shakuntala Dandasena, aged about 45 years, Wife of Late Trinath Dandasena, resident of Beheraguda, PO- Pitamahal, PS- Seskhal, Block/Dist- Rayagada, Pin-765002, Odisha, declare that I have changed the name of my daughter from Hira Dandasena to Harika Dandasena. Henceforth, she shall be known as **Harika Dandasena** for all purposes.

**Sd/- Shakuntala Dandasena**

**ZILLA PARISHAD OFFICE, BALANGIR**

19001/108/2627

Balangir - 767001 (Odisha)
E-mail: ori-dbolangir@od.gov.in
No. 245 / Date: 17/06/2026

**SHORT TENDER CALL NOTICE**

CDO-cum-EO, Zilla Parishad, Balangir invite proposal on behalf of Department of Mission Shakti, Govt. of Odisha for Supply of Assorted specific varieties of Flexible Laminates and Food Packaging Pouches/materials with designing & printing with certain terms & conditions from competent Firms/ Agencies/ Parties having GSTIN no. may apply for the said works.

The tender papers along with details documents, terms & conditions, eligibility, criteria, format etc. for said works can be downloaded from District portal http://balangir.odisha.gov.in.

The undersigned reserves the right to accept or reject any or all the tenders without assigning any reason thereof.

OIPR-19001/19367/1/26-27/0001

CDO-cum-EO,
Zilla Parishad, Balangir

**AFFIDAVIT**

I, Gulnara Khatoon, W/o- Shaikh Jakir, resident of At-Durgapur, Po- Sujanpur, Ps- Jajpur Sadar, Dist- Jajpur, Pin- 755017, Odisha declare by this affidavit No.8492, dtd- 02/06/2026 that now onwards I shall be known as **GULNAR KHATUN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Rayagada No. 1140 dated 17.06.2026, by Sri Jagannath Yadav, aged about 53 years, S/o- Late Munshi Yadav, presently residing at Sai Priya Nagar, Near NVR Public School, Rayagada, PO/PS/Block/Dist- Rayagada, Pin-765001, Odisha, permanent resident of At/PO/PS-Gudari, Dist-Rayagada, Odisha, 765026, declare that I have changed the name of my daughter from Priyanka Kumari to Priyanka Kumari Yadav. Henceforth, she shall be known as **Priyanka Kumari Yadav** for all purposes.

**Sd/- Jagannath Yadav**

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar, dated 17/06/2026 I, Madhusmita Nayak, W/o Philiman Nayak, Address Tarini Nagar, Salia Sahi, Po-RRL, PS- Maitree Vihar, Bhubaneswar, Pin-751013 declare that I have changed the name of my daughter from Nancy Nayak to N Nancy. Henceforth, she shall be known as **N Nancy** for all purposes.

**Madhusmita Nayak**

**GOVERNMENT OF ODISHA,**
**DEPARTMENTOF WATER RESOURCES**

32001/412/2627

**Office of the Executive Engineer,**
**Mechanical Division, Bhawanipatna.**
Email Address: eemechbhawanipatna@gmail.com

**e-Procurement Tender Call Notice No.- EE/MDB-01/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 08 (Eight) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | Varies from 5.84 to ₹ 8.16 lacs. (Excluding GST) |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | 01 (One) calendar month |
| 8. | Date & time of availability of bid documents in the Portal | : | From dt.19.06.2026 (10.00 AM) to dt.29.06.2026 (5.30 PM) |
| 9. | Last date/ time for receipt of bid in the Portal | : | dt.29.06.2026 (up to 5.30 PM) |
| 10. | Date and place of opening of Bid | : | dt.30.06.2026 (12.00 PM onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Executive Engineer, Mechanical Division, Bhawanipatna |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Executive Engineer,
Mechanical Division,
Bhawanipatna

OIPR-32001/32540/1/26-27/0001

**AFFIDAVIT**

By virtue of an affidavit (SL No. 5259, dtd- 18/03/2026) sworn before The Executive Magistrate, Jajpur. I, **Suhana Bibi** (applicant name), W/o Sk Jibrail, permanent resident of At- Pandiagopinathpur, Po- Rekabi Bazar, Ps- Jajpur Sadar, Dist- Jajpur, Odisha, PIN- 755009 declare that I have changed my minor daughter's name from **Janena Parween** (old name) to **Janera Parween** (new name). Henceforth, she shall be known as **Janera Parween** (new name) for all purposes.

**Suhana Bibi**

**AFFIDAVIT**

By virtue of an affidavit sworn before the Executive Magistrate, Kanas, No.- 2337, Dated.- 11.06.2026, I, PRADIPTA KUMAR SAMANTARAY, Vill- Golara, Po-Gadasahi, Ps- Gadisagoda, Dist-Puri, Odisha, Pin-752017, declared that I havechanged my name from PRADIP KUMAR SAMANTARA (Old Name) to PRADIPTA KUMAR SAMANTARAY (New Name), Henceforth. I shall be known as **PRADIPTA KUMAR SAMANTARAY** for all purposes.

**AFFIDAVIT**

By virtue of an affidavit No-1958 sworn before the Executive Magistrate, Champua on dtd- 17/06/2026. I, **Janaki Babanga**, Age 53 yrs, W/o- Surendranath Babanga, permanent residence of At- Jamukundia, Po- Kalhohundula, Ps- Joda, Dist- Keonjhar, Pin- 758038, Odisha, declare that I have changed my minor son's name from **Sambhusamanath Munda** (old name) to **Sambhunath Munda** (new name). Henceforth, he shall be known as **Sambhunath Munda** (new name) for all future purposes.

**Sd/- Janaki Babanga**

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar, dated 05/06/2026 I, Ruturaj Barik, S/o Dipak Barik, Address Tarini Nagar, Salia Sahi, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my son from Sai Barik to Ayush Barik. Henceforth, He shall be known as **Ayush Barik** for all purposes.

**Ruturaj Barik**

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**

13001/903/2627

Phone No.- (06760) 240259
E-Mail ID : e.o.talcher@gmail.com
**No. 2257 / Date: 17.06.26**

**EXPRESSION OF INTEREST**

Expression of interest in the sealed cover and invited from the intending organization/Firms/Persons/NGOs/SHG Groups for **"To Take, Management and day to days Maintenance of the Handidhua Kalyani Mandap for a period of Two Years on Lease Basis under Talcher Municipality"**. The sale of tender paper shall be commenced from **dt.18.06.2026 to dt.25.06.2026** during office hours. The Cost of tender paper is **Rs.2,000/- (Rupees Two Thousand)** only. The last date of receipt sealed cover is **dt.29.06.2026 up to 1:30 PM** and the same will be opened at **3:30 P.M.** The EMD for Each Mandap **Rs.50,000/- (Rupees Fifty Thousand)** only in shape of Cash Deposit Money Receipt / Demand Draft should be enclosed duly in favour of Executive Officer, Talcher Municipality which will be refunded to the unsuccessful bidder after finalization of E.O.I process. They are required to quote the amount of lease for one year to be paid in favour of Executive Officer, Talcher Municipality before execution of agreement in one time. The upset price of the Kalyani Mandap is mention below. They should quote the rate both in words and figures. The copy of PAN Card, Adhaar Card, GST up to date should be enclosed along with E.O.I. The details of terms and conditions are mentioned in the tender paper. The undersigned has the right to accept / reject any or all E.O.I. paper without assigning any reason thereof.

| Sl. No. | Location of the Kalyani Mandap | Unit | Offset Price |
|---|---|---|---|
| 1 | Handidhua Kalyani Mandap | Per One Year | Rs. 4,00,000/- |

**Terms & Conditions:**

1. The period of lease is for two years.
2. No addition and alteration of the building will be taken up by the lessee without the permission of Municipal Authority.
3. He should keep the building as well as premises neat and clean in all times.
4. He should bear the monthly energy charges of the building.
5. Repair of water pumps and electric equipment's will be borne by the lessee.
6. The lessee should hand over the building in good condition at the time of completion of lease period.
7. Disobedience the above terms and conditions will attract cancellation of work order and forfeit of security deposit.

The authority reserved the right to reject or cancel the above E.O.I. without assigning any reason thereof.

**Executive Officer**
**Talcher Municipality**

**OIPR-13001/13077/1/26-27/0015**

**AFFIDAVIT**

By virtue of an affidavit (CF No. 108, dtd- 03/06/2026) sworn before The Executive Magistrate, Bhubaneswar. I, **Khaleeq Ahmad,** S/o- Rafique Ahemad, resident of Nuapatana, VTC Pankal, PS/PS: Nuapatana, Nuapatna, Dist: Cuttack, State: Odisha, Pin: 754035 declare that I have changed my name from **Safique** to **Khaleeq Ahmad** in my birth certificate vide Regd. No. 6341/2006. Henceforth, I shall be known as **Khaleeq Ahmad** for all purposes.

**AFFIDAVIT**

I, SUJAY PANDA alias SUJAY KUMAR PANDA S/o Arun Panda, residing at Immanuel English School, Jhinkar Guda, GP- Tankua, Jeypore, Dist- Koraput, Odisha – 764003. By virtue of an affidavit no2431, Dated 17.06.2026 sworn before Notary, Jeypore, Odisha, I have changed my name and shall be known as **SUJAY ARUN PANDA** for all future purposes

**AFFIDAVIT**

I, Rosanara Bibi, W/o- Hanif Mohammed, resident of At- Betamalia, Po- Alando, Ps- Biride, Dist- Jagatsinghpur, Pin- 754130, Odisha declare by this affidavit No- 20679, date- 17/06/2026 that now onwards I shall be known as **ROSHAN ARA BIBI** for all future purposes.

**AFFIDAVIT**

I, Tapaswini Hota, 43 years, W/o Suchitra Hota of Vill- Narasinghpur P.0.-/PS-Dhusuri Dist-Bhadrak, pin- 756119, declaer by this Affidavit No 6073 Dated 10-06-2026 my adhar card No.2601 6824 7560, that my name Tapaswini Hota, and Susama Hota is one and same person being the Wife of Tapaswini Hota, That my husband Late Suchitra Hota was opened a L.I. C.Policy bearing Pol. No. 586543982 in LIC of India Bhadrak Branch,

ସକାଳ
THE SAKALA



ଧାମନଗର ମେଡିକାଲରେ ଚରମ ଅବହେଳା

# ଜ୍ୱର ରୋଗୀଙ୍କୁ ଦିଆଗଲା କୁକୁର କାମୁଡ଼ା ଇଞ୍ଜେକ୍ସନ

ଦୋବଲ,୧୮।୬(ସମିସ):

ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କ୍ଷେତ୍ରରେ ଏକ ସଂଘାତିକ ଦାୟିତ୍ୱହୀନତା ସାମ୍ନାକୁ ଆସିଛି। ଜଣେ ଜ୍ୱରରେ ପୀଡ଼ିତ ରୋଗୀଙ୍କୁ ସାଧାରଣ ଇଞ୍ଜେକ୍ସନ ବଦଳରେ ଭୁଲ୍‌ବଶତଃ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯାଇଥିବା ନେଇ ଏକ ଗୁରୁତର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସରକାରୀ ମେଡିକାଲର ସୁରକ୍ଷା ଓ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ଦୋବଲ ଜୋନ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଦଳାଙ୍ଗ ଗ୍ରାମର ସାଇକୃଷ୍ଣ ତ୍ରିପାଠୀ ପ୍ରବଳ ଜ୍ୱର ଏବଂ




ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇ ଗୁରୁବାର ଧାମନଗର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଜ୍ୱର ଉପଶମ ପାଇଁ ଔଷଧ ସହିତ ଏକ ଇଞ୍ଜେକ୍ସନ ଲେଖିଥିଲେ। ଏହାପରେ ସାଇକୃଷ୍ଣ ଇଞ୍ଜେକ୍ସନ ନେବା ପାଇଁ ସେଠାରେ ଥିବା ନିର୍ଦ୍ଦିଷ୍ଟ କକ୍ଷକୁ ଯାଇଥିଲେ। କକ୍ଷରେ କାର୍ଯ୍ୟରତ ଥିବା ନର୍ସିଂ ପ୍ରଫେସନାଲ ଦିଦି ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନକୁ ସଠିକ୍ ଭାବେ ନ ଦେଖି ଅତ୍ୟନ୍ତ ବେପରୁଆ ଭାବେ ସାଇକୃଷ୍ଣଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଥିଲେ। ଏହି ଭୁଲ୍ ଇଞ୍ଜେକ୍ସନ ନେବା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତାଙ୍କର ମୁଣ୍ଡ ବୁଲାଇବା ସହ ଜ୍ୱରର ପ୍ରକୋପ ଆହୁରି ବଢ଼ିଯାଇଥିବା ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଥମେ ସେ ଘରକୁ ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଭୁଲ୍ ଇଞ୍ଜେକ୍ସନ ଦେଇଥିବା ସମ୍ପୃକ୍ତ ନର୍ସଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ସହ ଭଦ୍ରକ ଏନ୍‌ଏଚ୍‌ଏମ୍ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅବହେଳିତ ଜିଲ୍ଲା ସର୍କଲ ଜିଏସ୍‌ଟି ରେଞ୍ଜ

## ଭାରପ୍ରାପ୍ତ ଅଧିକାରୀରେ ଚାଲିଛି କାର୍ଯ୍ୟାଳୟ

ବ୍ୟାସନଗର,୧୮।୬(ସମିସ): ରାଜ୍ୟରେ ଦ୍ରବ୍ୟ ଓ ସେବା କର ଅର୍ଥ ଆଦାୟରେ ଯାଜପୁର ରେଞ୍ଜ ବର୍ତ୍ତମାନ ୨ୟ ସ୍ଥାନ ହାସଲ କରିଛି। ବାର୍ଷିକ ୫ହଜାର କୋଟିରୁ ଉଦ୍ଧ୍ୱର୍ ଅର୍ଥ ରାଜ୍ୟ ରାଜକୋଷକୁ ଦେଇଛି। କିନ୍ତୁ ବିଡ଼ମ୍ବନାର ବିଷୟ, କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ (ଆଡିସନାଲ କମିଶନର) ପଦବୀ ପ୍ରାୟ ୩ ମାସରୁ ଅଧିକ ସମୟ ଧରି ଫାଙ୍କା ପଡ଼ିଛି। ମୁଖ୍ୟ ଅଧିକାରୀଙ୍କ ଅନୁପସ୍ଥିତରେ କଟକ ରେଞ୍ଜର ଆଡିସନାଲ କମିଶନର ଏମ୍ ଆର୍ ଆଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଅର୍ଥ ବିଭାଗ ଭାରପ୍ରାପ୍ତ ଅଧିକାରୀ ଭାବେ ଅବସ୍ଥାପିତ କରିଛି। ମୁଖ୍ୟତଃ ସେ କଟକ ଭଳି ସ୍ଥାନରେ ଦାୟିତ୍ୱରେ ଥାଇ ମଧ୍ୟ ଯାଜପୁର ଭଳି ପ୍ରମୁଖ ଜାଗାରେ କାର୍ଯ୍ୟ କରିବେ। ଯେଉଁଥିରେ ବଡ଼ବିଲ, କେନ୍ଦୁଝର, ଯାଜପୁର ସର୍କଲ ଅନ୍ତର୍ଭୁକ୍ତ। ଏଥିରେ ସେ କିପରି ଭାବେ ସୁପରିଚାଳନା କରିବେ ସେ ନେଇ ପ୍ରଶ୍ନ ଉଠୁଛି। ବ୍ୟାସନଗର ଧବଳଗିରିସ୍ଥିତ ଯାଜପୁର ଜିଲ୍ଲାର ଦ୍ରବ୍ୟ ଓ ସେବା କର ସର୍କଲ କାର୍ଯ୍ୟାଳୟର କାନ୍ଥ ଭାଙ୍ଗିରୁଜି ଯାଇଥିବାବେଳେ କେତେବେଳେ ଛାତରୁ ତ କେତେବେଳେ କାନ୍ଥରୁ ପଲସ୍ତରା ଖସୁଛି। ସେହିପରି କେତେବେଳେ ଛାତରୁ ପାଣି ବୋହୁଛି। ଟିକସ ଆଦାୟ କରିବା ନିମନ୍ତେ ପ୍ରତିଷ୍ଠିତ କାର୍ଯ୍ୟାଳୟଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ବିପଦସଙ୍କୁଳ। ନିଜେ ଅଧିକାରୀ ଓ କର୍ମଚାରୀ ଆତଙ୍କିତ ଭାବେ ରହିଥିବାବେଳେ ଦୈନନ୍ଦିନ ଆସୁଥିବା ଟିକସଦାତା ଏବଂ ଟିକସ ପରାମର୍ଶଦାତା ନିଜକୁ ଏଠାରେ ଅସୁରକ୍ଷିତ ମଣୁଛନ୍ତି। ପାଞ୍ଚ ବର୍ଷ ପୂର୍ବରୁ ଏକ ନୂତନ ଅଫିସ ନିର୍ମାଣ ନିମନ୍ତେ ରୂପରେଖ ଦିଆଯାଇଥିଲା। ଟେଣ୍ଡର ମଧ ହେଲା। ଦୁଇ ବର୍ଷରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଆକଳନ ହେଲା। ଏହାକୁ ଦୃଷ୍ଟିରେ ରଖି ସର୍କଲ କାର୍ଯ୍ୟାଳୟଟି ରେଞ୍ଜ ଅଫିସକୁ ସ୍ଥାନାନ୍ତରିତ ହେଲା। ହେଲେ ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଓ ଅପାରଗ ପଣିଆରୁ ଏବେ ସୁଦ୍ଧା କାମ ଆରମ୍ଭ ହୋଇପାରିଲା ନାହିଁ। ଗତ ବର୍ଷ ଅନୁଷ୍ଠିତ ରେଞ୍ଜ ଲେଭୁଲ ପରାମର୍ଶଦାତା ବୈଠକରେ ବରିଷ୍ଠ ସଭ୍ୟ ଯାଜପୁର

**ଟେଣ୍ଡରର ୭ ମାସ ପରେ ବି ହୋଇନି କାର୍ଯ୍ୟାଳୟ ଭୂମିପୂଜନ**

ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ୍‌ର ସଭାପତି ବିବେକାନନ୍ଦ ମହାନ୍ତି ସ୍ୱତନ୍ତ୍ର କମିଶନର ଝରାଶ୍ରୀ ଖୁଣ୍ଟିଆ ଏବଂ ସମ୍ବିତ୍ ପରିଜାଙ୍କ ଦୃଷ୍ଟି ଆକର୍ଷଣ କରି ନୂତନ କାର୍ଯ୍ୟାଳୟ ତୁରନ୍ତ ଚୂଡ଼ାନ୍ତ କରିବାକୁ ଦୃଢ଼ ଦାବି ଜଣାଇଥିଲେ। ପ୍ରତିଶ୍ରୁତି ମିଳିଥିଲା ଡିସେମ୍ବର ମାସ ଭିତରେ କାର୍ଯ୍ୟ ଆରମ୍ଭ ହେବ। ତେବେ ପାଣିକୋଇଲି ପୂର୍ତ୍ତ ବିଭାଗ ପକ୍ଷରୁ ଏ ନେଇ ୭ ମାସ ତଳେ ଟେଣ୍ଡର ଆହ୍ୱାନ କରାଯାଇ ଏଜେନ୍ସି ସ୍ଥିରୀକୃତ ହେଇଥିଲା ବେଳେ କାର୍ଯ୍ୟାଳୟ ଟେଣ୍ଡର ହାତେଇ ଥିବା ଠିକାଦାରଙ୍କ ଏଯାଏଁ ଦେଖା ମିଳୁନି କି କାର୍ଯ୍ୟାଳୟ ସ୍ଥାପନ ପାଇଁ ଶୁଭ ପଡ଼ିପାରିଲା ନାହିଁ। ତେବେ ଏ ନେଇ ଜିଲ୍ଲା ଟ୍ୟାକ୍ସ ବାରର ସଭାପତି ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ କୋରେଇ ବିଧାୟକଙ୍କୁ ଜଣାଇବା ସହିତ ଜିଏସ୍‌ଟିର ଉପରିସ୍ଥ ଅଧିକାରୀ ଏ ଦିଗରେ ଧ୍ୟାନ ଦେବାକୁ ଦାବି କରିଛନ୍ତି।

## କିଆଝର ପଞ୍ଚାୟତରେ ରଜପର୍ବ

ଦାନଗଦୀ/ଟମକା,୧୮।୬(ସମିସ): ଟମକା ଥାନା କିଆଝର ପଞ୍ଚାୟତର ପାଣ୍ଡୁବାହାଲୀ ଗାଁରେ ଆଦିବାସୀ ୟୁଥ୍ କମିଟି ତତ୍ତ୍ୱାବଧାନରେ ସାଗୁନ୍ ରଜ ମହୋତ୍ସବ ୨୦୨୬ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୃତ୍ୟ, ଗୀତ, ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା କରାଯାଇଥିଲା। ଶେଷ ରଜ ମଙ୍ଗଳବାର ଦିନ ସନ୍ଧ୍ୟାରେ ଶିକ୍ଷାବିତ୍ ଚନ୍ଦ୍ରମଣି ସୋରେନ୍‌ଙ୍କ ମଞ୍ଚ ସଂଯୋଜନାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହେଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଯୁବ ସମାଜସେବୀ ସୌମ୍ୟରଞ୍ଜନ ମହାପାତ୍ର ସମ୍ମାନିତ ଅତିଥିଭାବେ ୱାର୍ଡ ସଭ୍ୟ ଫଗୁ ହେମ୍ବ୍ରମ ଯୁବ ଆଦିବାସୀ ନେତା ଲକ୍ଷ୍ମଣ ସୋରେନ୍, ରାମଦାସ ହାସଦାଃ, ଜିତେନ ମାଝୀ ଉପସ୍ଥିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଓଡ଼ିଆ ପରମ୍ପରାର ଐତିହ୍ୟ, ସଂସ୍କୃତିକୁ ବଜାୟ ରଖିବାରେ ମହୋତ୍ସବ ମାଧ୍ୟମରେ ଭାଇଚାରା ବଢ଼ାଇବା ଲକ୍ଷ୍ୟରେ ଆଦିବାସୀ ଭାଇମାନଙ୍କ ଦ୍ୱାରା ଏପରି ନିଆରା କାର୍ଯ୍ୟକ୍ରମ କରିଥିବାରୁ ମୁଖ୍ୟ ଅତିଥି କମିଟିକୁ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବ କାର୍ଯ୍ୟକ୍ରମରେ ଗଜଟୁଡୁ, ରାଜୁ ଟୁଡୁ, ରାଜୁ ହେମ୍ବ୍ରମ୍, ରାମ ଟୁଡୁ, କରୁଣାକର ଟୁଡୁ, ଲକ୍ଷ୍ମଣ ଟୁଡୁ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଯୋଗ ଦେଇ ରଜର ମଜା ଉପଭୋଗ କରୁଥିଲେ।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର,୧୮।୬(ସମିସ): ଯାଜପୁର ଶ୍ରୀଜଗନ୍ନାଥଜିଉଙ୍କର ରଥଯାତ୍ରା ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ତହସିଲଦାର ରବି ନାରାୟଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପୁରୋହିତ ହୃଷୀକେଶ ପତି ଓ ପୂଜକ ବାସୁଦେବ ପାଣି ସ୍ତୋତ୍ର ପାଠ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ଯାଜପୁର ତହସିଲର ପୂର୍ବତନ ମୁଖ୍ୟ କିରାଣି ଅଶୋକ କୁମାର ସାହୁ ନୂତନ ଟ୍ରଷ୍ଟ ବୋର୍ଡ ଗଠନର ଆବଶ୍ୟକତା ଓ ବାର୍ଷିକ ଆୟବ୍ୟୟର ହିସାବ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୂର୍ବତନ ପୌର ପରିଷଦ ସଭ୍ୟ ଉମାକାନ୍ତ ପରିଡ଼ା ମନ୍ଦିରରେ ରଙ୍ଗ ଦେବା, ଗୁମାସ୍ତା ଜନାର୍ଦ୍ଦନ ମିଶ୍ର ତିନି ରଥ କାଠ, ପୁରୁଣା କନା ବଦଳିବା ଏବଂ ନୀତି ନିର୍ଘଣ୍ଟ ସମ୍ପର୍କରେ କହିଥିଲେ। ପୁରୋହିତ ହୃଦାନନ୍ଦ ପତି ଦେବସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ରଥ ପ୍ରତିଷ୍ଠା, ଗୁଣ୍ଡିଚା ଯାତ୍ରା, ହେରା ପଞ୍ଚମୀ, ବାହୁଡ଼ା ଯାତ୍ରା, ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ଭବ ପ୍ରସାଦ ଦାସ ପୂର୍ବ ବର୍ଷଠାରୁ ରଥଯାତ୍ରାକୁ ଆହୁରି ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଯାଜପୁର ପୌର ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ପୌର ପରିଷଦ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାସହ ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗର ରଥଯାତ୍ରା ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ତହସିଲଦାର ଅଜୟ ପଣ୍ଡା, ମହନ୍ତ ପ୍ରଶାନ୍ତ ଦାଶ, ଏସଡିଓ କୈଳାସ ଶେଖର ସାହୁ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଡ.ମନୋଜ ସେନାପତି, କୃଷ୍ଣଚନ୍ଦ୍ର ମିଶ୍ର,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଦୀପକ ନାୟକ, ଶଙ୍କର ସାହୁ, ସୁଶାନ୍ତ ଖୁଣ୍ଟିଆ, କାଶୀନାଥ ପରିଡ଼ା, ରବିନାରାୟଣ ରାଉତ, ବିଶ୍ୱଜିତ ମିଶ୍ର, ଭୁବନ ମୋହନ ସେଠୀ, ଭାସ୍କର ମହାନ୍ତି, ପ୍ରକାଶ ଚନ୍ଦ୍ର ପରିଡ଼ା, ଚୈତନ୍ୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ତେଇ ନଦୀରେ ଡଙ୍ଗା ବୁଡ଼ି; ଜଣେ ନିଖୋଜ

ଭଦ୍ରକ,୧୮।୬(ସମିସ): ଡଙ୍ଗା ବୁଡ଼ିଯିବାରୁ ଜନୈକ ଯୁବକ ନିଖୋଜ ଅଛନ୍ତି। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଓ ବସୁଦେବପୁର ବ୍ଲକ୍‌କୁ ସଂଯୋଗ କରୁଥିବା ମନ୍ତେଇ ନଦୀର ବାଲିଆପାଳ ଘାଟ ନିକଟରେ।

ସୂଚନା ମୁତାବକ, ଦୀର୍ଘ ଦୁଇ ବର୍ଷ ହେବ ଉକ୍ତ ସ୍ଥାନରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୩ଜଣ ଯୁବକ ଗୁରୁବାର ପୋଲ ନିକଟରେ ଡଙ୍ଗା ସାହାଯ୍ୟରେ ନଦୀ ପାର୍ ହେଉଥିବାବେଳେ ଡଙ୍ଗାଟି ବୁଡ଼ି ଯାଇଥିଲା। ନଦୀର ପ୍ରଖର ସୁଅରେ ତିନି ଜଣ ଯୁବକ ଭାସି ଯାଉଥିବା ଦେଖି ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଉଦ୍ଧାର କରିଥିବାବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ନିଖୋଜ ଯୁବକ ଜଣକ ହେଉଛନ୍ତି ଚାନ୍ଦବାଲି ବ୍ଲକ୍ ଯଶୀପୁର ପଞ୍ଚାୟତର ଚକ୍ରଧର ବେହେରାଙ୍କ ପୁଅ ବିଜୟ ବେହେରା। ବିଜୟ କିଛିଦିନ ଅନ୍ତରରେ ଡଙ୍ଗା ସାହାଯ୍ୟରେ ନଦୀ ମଧ୍ୟରେ ନିର୍ମାଣାଧୀନ ପୋଲର ଭିଡିଓ ଉତ୍ତୋଳନ କରି ଠିକା ସଂସ୍ଥାକୁ ପ୍ରଦାନ କରି କିଛି ଟଙ୍କା ପାଆନ୍ତି। ମାତ୍ର ଗୁରୁବାର କୌଣସି କାରଣରୁ ଡଙ୍ଗାଟି ବୁଡ଼ି ଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଜୟଙ୍କର କୌଣସି ପତ୍ତା ମିଳିନାହିଁ। ଏହି ଘଟଣା ପରେ ବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଠିକା ସଂସ୍ଥାର କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ଅସ୍ଥାୟୀ ଡଙ୍ଗା ବ୍ୟବହାର ସମୟରେ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ସାମଗ୍ରୀ ଓ ଲାଇଫ୍ ଜ୍ୟାକେଟ୍ ବ୍ୟବସ୍ଥା ଥିଲା କି ନାହିଁ, ତାହାର ତଦନ୍ତ ଦାବି କରାଯାଇଛି। ନିଖୋଜ ଯୁବକଙ୍କ ସନ୍ଧାନ ଜାରି ରହିଥିବାବେଳେ ଘଟଣାକୁ ନେଇ ଅଞ୍ଚଳରେ ଚିନ୍ତାର ପରିବେଶ ସୃଷ୍ଟି ହୋଇଛି।



ଖୋଲିଲା ସ୍କୁଲ; ଆରମ୍ଭ ହେଲା ନୂତନ ଶିକ୍ଷାବର୍ଷ

## ଜିଲ୍ଲାପାଳଙ୍କ ବାପୁଜୀ ନଗର ୟୁପି ସ୍କୁଲ ପରିଦର୍ଶନ

ଭଦ୍ରକ,୧୮।୬(ସମିସ): ଦୀର୍ଘ ଦେଢ଼ ମାସର ଛୁଟି ପରେ ଗୁରୁବାର ଖୋଲିଛି ବିଦ୍ୟାଳୟ। ଛାତ୍ରଛାତ୍ରୀମାନେ ଛୁଟି କଟାଇ ସ୍କୁଲକୁ ଫେରିଛନ୍ତି। ଆରମ୍ଭ ହୋଇଗଲା ନୂତନ ଶିକ୍ଷାବର୍ଷ। ଗୁରୁବାର ବିଦ୍ୟାଳୟ ଖୋଲିବା ଅବସରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବାପୁଜୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗେଲପୁରକୁ ଅଚାନକ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରେଣୀ ଗୃହକୁ ଯାଇ ପ୍ରଥମ ଦିନରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ନୂଆ ପାଠ୍ୟପୁସ୍ତକ ବଣ୍ଟନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ପାଠପଢ଼ା, ପାନୀୟ ଜଳ, କ୍ଲାସ ରୁମ୍, ଶୌଚାଳୟ, ମଧ୍ୟାହ୍ନଭୋଜନ ଓ ବିଦ୍ୟାଳୟରେ ମିଳୁଥିବା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ଜିଲ୍ଲାପାଳ କହିଥିଲେ ଯେ, ନୂତନ ଶିକ୍ଷାବର୍ଷ ଆରମ୍ଭରୁ ହିଁ ଗୁଣାତ୍ମକ ଶିକ୍ଷା, ଶତ ପ୍ରତିଶତ ନାମଲେଖା ଓ ଉପସ୍ଥାନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେବାକୁ



ନିର୍ଦ୍ଦେଶ ଦେଇଚନ୍ତି। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗିଣ ବିକାଶ ପାଇଁ ସମସ୍ତ ଶିକ୍ଷା କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଭଦ୍ରକରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍

ଭଦ୍ରକ,୧୮।୬(ସମିସ): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଡିଡିଏମ୍‌ଏ), ଭଦ୍ରକ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ "ବିପର୍ଯ୍ୟୟ ପ୍ରସ୍ତୁତି-୨୦୨୬' ଉପରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜିଲ୍ଲାର ସମସ୍ତ ବ୍ଲକ୍‌ରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଆୟୋଜନ କରାଯିବ। ଏହି ଅଭ୍ୟାସ ମାଧ୍ୟମରେ ପୂର୍ବ ସତର୍କବାଣୀ, ସ୍ଥାନାନ୍ତରଣ, ଉଦ୍ଧାର କାର୍ଯ୍ୟ, ଚିକିତ୍ସା ସେବା, ଆଶ୍ରୟସ୍ଥଳ ପରିଚାଳନା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ କ୍ଷମତାର ପରୀକ୍ଷା କରାଯିବ। ଯଦ୍ୱାରା ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରାଯିବ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ




ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୋଭେନ୍ଦ୍ର କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଏସ୍‌ଏଲ୍ ପ୍ରସାଦ ସେଠୀ, ନୋଡାଲ ଅଧିକାରୀ ମେଘନାଥ ବେହେରା ଉପସ୍ଥିତ ଥିଲେ। ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବନ୍ୟା, ବାତ୍ୟା ଭଳି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗର ଭୂମିକା, ସମନ୍ୱୟ ଓ ପ୍ରତିକ୍ରିୟା ଯୋଜନା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗକୁ ଆଗୁଆ ପ୍ରସ୍ତୁତି ଓ ତୁରନ୍ତ ପ୍ରତିକ୍ରିୟା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଫତେପୁରରେ ଜଗନ୍ନାଥ ଶପ୍ତା ପୂଜା ଉଦ୍‌ଯାପିତ


ଅସୁରାଳି,୧୮।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଫତେପୁର ଗ୍ରାମ ପଞ୍ଚାୟତ ଅଧୀନ ଧର୍ମଗତପୁର (ବନ୍ଧମୁଣ୍ଡ) ଠାରେ ଶ୍ରୀଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଶପ୍ତା ପୂଜା, ଭାଗବତ ପରାୟଣ ଓ ତ୍ରିଦିବସବ୍ୟାପୀ ଓଡ଼ିଆ ସଂସ୍କୃତିର ମହାନ ଗଣପର୍ବ ରଜ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ଜେନା, ଶ୍ରୀକାନ୍ତ ଜେନା, ଶରତ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ରଜ ପର୍ବ ଆମକୁ ଆତ୍ମୀୟତାର ସୂତ୍ରରେ କିପରି ବାନ୍ଧି ରଖିଛି ଆଲୋଚନା କରିଥିଲେ। ଏହି ଅବସରରେ ନୃସିଂହ



ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ସହିତ ମହିଳାମାନଙ୍କ ଦ୍ୱାରା ଓଡ଼ିଆ ଭାଗବତ ପାଠ କରାଯାଇଥିଲା। ରଜ ସଂକ୍ରାନ୍ତି ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ପ୍ରତିଭା ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାରସ୍ୱତ ସାଧକ, ସଙ୍ଗୀତକାର ମନୋଜ ପଣ୍ଡା, ଫତେପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରଞ୍ଜନ ପଣ୍ଡା, ସମାଜସେବୀ ତଥା ଉଦ୍ୟୋଗପତି ସୁରଜ ସାହୁ, ଆଧ୍ୟାତ୍ମିକ ପ୍ରବଚକ ସୁବାସ ନାୟକ, ପ୍ରାକ୍ତନ ସରପଞ୍ଚ ବିନୋଦ ବାବୁ, ବରେଣ୍ୟ ଜେନା, କୁମୁଦିନୀ ପତି, ବୁଦ୍ଧିରାମ ଜେନା, କୈଳାସ ଜେନାଙ୍କୁ ସେମାନଙ୍କର ବିଭିନ୍ନ କ୍ଷେତ୍ରରେ ସାମାଜିକ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ୩ଦିନ ଧରି ଏହି ମହୋତ୍ସବକୁ ଶ୍ରୀଜଗନ୍ନାଥ ଯୁବ ପରିଷଦ ଓ ଧର୍ମଗତପୁର (ବନ୍ଧମୁଣ୍ଡ) ର ଗୋପିନାଥ ଜେନା, ଯୁଧିଷ୍ଠିର ଯେନା, ରାମଚନ୍ଦ୍ର ଜେନା, ଗୋବିନ୍ଦ ଚନ୍ଦ୍ର ଜେନା ଓ ଗ୍ରାମବାସୀ ଅକୁଣ୍ଠ ସହଯୋଗ କରି ଶୃଙ୍ଖଳିତ ଭାବେ ସମ୍ପାଦନ କରିଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋଳି ଖେଳ, ଝୋଟି ଚିତା, ପିଠା ତିଆରି ପ୍ରତିଯୋଗିତାକୁ ଶତାଧିକ ଲୋକ ଉପଭୋଗ କରିଥିଲେ।

ଆସକ୍ତିର ଶିକାର ଯୁବପିଢ଼ି

# ଚିନ୍ତା ବଢ଼ାଇଲାଣି ଡିଜିଟାଲ ମାନିଆ





ବନ୍ତ/ଆଗରପଡ଼ା,୧୮।୬(ସମିସ):

ଯୁଗର ତାଳେ ତାଳେ ନିଜର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାକୁ ଯାଇ ଯୁବପିଢ଼ି ବିଭିନ୍ନ ପ୍ରକାର ଆସକ୍ତିର ଶିକାର ହେବାରେ ଲାଗିଛନ୍ତି। ଯାହା ଫଳରେ ଏକ ଶୁଦ୍ଧ ସମାଜ ଗଠନରେ ପ୍ରତିବନ୍ଧକ ସୃଷ୍ଟି ହେବାରେ ଲାଗିଛି। ଆଧୁନିକ ଯୁଗରେ ଯୁବକମାନେ ସାମାଜିକ ଗଣମାଧ୍ୟମ, ମାଦକଦ୍ରବ୍ୟ ଓ ଅନ୍‌ଲାଇନ୍ ଗେମିଂ ଭଳି ବିଭିନ୍ନ ଆସକ୍ତିର ଶିକାର ହୋଇପଡୁଛନ୍ତି। ଯୁବକମାନେ ଗଣମାଧ୍ୟମର ଶିକାର ହେବାର ପ୍ରଧାନ କାରଣ ହେଉଛି ଏହାର ସହଜ ଉପଲବ୍ଧତା ଏବଂ ଆକର୍ଷଣୀୟତା। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଭଳି ପ୍ଲାଟ୍‌ଫର୍ମଗୁଡ଼ିକ ଯୁବପିଢ଼ିଙ୍କୁ ଘଣ୍ଟାଘଣ୍ଟା ବାନ୍ଧି ରଖିପାରୁଛନ୍ତି। ଯଦ୍ୱାରା ଯୁବପିଢ଼ି ଭର୍ଚୁଆଲ୍ ଦୁନିଆରେ ହଜିଯିବା ସହ ବାସ୍ତବ ଜୀବନରୁ ଦୂରେଇ ଯାଉଛନ୍ତି। ଅତ୍ୟଧିକ ସାମାଜିକ ଗଣମାଧ୍ୟମ ବ୍ୟବହାର ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି। ଏହାର ବହୁଳ ବ୍ୟବହାର ଦ୍ୱାରା ଅବସାଦ, ଚିନ୍ତା ଏବଂ ନିଦ୍ରାହୀନତା ଭଳି ସମସ୍ୟା ବଢ଼ିବାରେ ଲାଗିଛି।

ମାଦକ ଦ୍ରବ୍ୟ ଆସକ୍ତି ଆଉ ଏକ ବଡ଼ ସମସ୍ୟା। ଯୁବକମାନେ ପିୟର୍ ପ୍ରେସର୍ ଯୋଗୁଁ ଏହି ପଥକୁ ଆପଣାଇଥା'ନ୍ତି। ସ୍କୁଲ ଏବଂ କଲେଜରେ ସାଥୀଙ୍କ ପ୍ରଭାବରେ ସେମାନେ ଧୂମ୍ରପାନ, ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ ଆରମ୍ଭ କରନ୍ତି। ଯାହା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଅନେକ ଯୁବକ ଏହି ଆସକ୍ତିରୁ ମୁକ୍ତି ପାଇବା ପାଇଁ ସଂଘର୍ଷ କରନ୍ତି କିନ୍ତୁ ସମାଜର ଅବହେଳା ଏବଂ ପରିବାରର ଅଭାବରୁ ସେମାନଙ୍କ ଏହି ଆସକ୍ତି ବଢ଼ିବାରେ ଲାଗେ। ବର୍ତ୍ତମାନ ରାଜ୍ୟରେ ମାଦକ ଦ୍ରବ୍ୟ ଆସକ୍ତି ଏକ ମହାମାରୀ ରୂପ ନେବାରେ ଲାଗିଛି; ଯଦ୍ୱାରା ଲକ୍ଷାଧିକ ଯୁବଗୋଷ୍ଠୀଙ୍କ ଜୀବନ ନଷ୍ଟ ହେବାରେ ଲାଗିଛି। ଅନ୍‌ଲାଇନ୍ ଗେମିଂ ଏବଂ ଗ୍ୟାମ୍ବ୍ଲିଂ ଯୁବଗୋଷ୍ଠୀଙ୍କୁ ବହୁଳ ଭାବରେ ଆସକ୍ତ କରୁଛି। ଫ୍ରି ଫାୟର୍, ବିଜିଏମ୍‌ଆଇ ଓ ପବ୍‌ଜି ଭଳି ଗେମ୍‌ଗୁଡ଼ିକ ଯୁବପିଢ଼ିଙ୍କୁ ବହୁମାତ୍ରାରେ ଆକର୍ଷଣ କରୁଛି। ଏହି ଗେମ୍ ଖେଳିବାକୁ ଯାଇ ସେମାନେ ପଢ଼ାପଢ଼ିରେ ଅବହେଳା କରିବା ସହ ନିଜ ଭବିଷ୍ୟତକୁ ନଷ୍ଟ କରିବାରେ ଲାଗିଛନ୍ତି। ଅନେକଙ୍କ କ୍ଷେତ୍ରରେ ଏହି ଆସକ୍ତି ଆତ୍ମହତ୍ୟା ପର୍ଯ୍ୟନ୍ତ ନେଇଯାଉଛି। ଗ୍ୟାମ୍ବ୍ଲିଂ ଆପ୍ ମାଧ୍ୟମରେ ଯୁବକମାନେ ଟଙ୍କା ହରାଇ ଆର୍ଥିକ ସଙ୍କଟରେ ପଡୁଥିବା ଦେଖିବାକୁ ମିଳୁଛି। ଏହା ଦ୍ୱାରା ସାଇବର କ୍ରାଇମ୍ ବଢ଼ିବାରେ ଲାଗିଛି। ଏହିସବୁ ସମସ୍ୟାର ମୁଖ୍ୟ ଆଧାର ହେଉଛି ଆଧୁନିକ ଟେକ୍ନୋଲୋଜିର ଅପବ୍ୟବହାର। ଯୁବପିଢ଼ି ଏହିସବୁ ଆସକ୍ତିର ଶିକାର ହେବାର କାରଣ ପରିବାରର ଅଭାବ, ଶିକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ ସମାଜର ଚାପ। ପରିବାରରେ ଅଭିଭାବକମାନେ ସେମାନଙ୍କ ସନ୍ତାନଙ୍କ ଗତିବିଧି ଉପରେ ନଜର ନ ରଖିବାରୁ ଓ ତାଙ୍କୁ ସମୟ ନ ଦେବାରୁ ସେମାନେ ବାହ୍ୟ ପ୍ରଭାବରେ ପଡ଼ି ଏହିସବୁ ଆସକ୍ତିର ଶିକାର ହୋଇଥା'ନ୍ତି। ସେହିପରି ଶିକ୍ଷା ବ୍ୟବସ୍ଥାରେ ଜୀବନ କୌଶଳ ଶିକ୍ଷାର ଅଭାବ ହିଁ ଏହାର ଆଉ ଏକ କାରଣ। ତେଣୁ ଏହି ଆସକ୍ତିର ସମାଧାନ ପାଇଁ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଆସକ୍ତି ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ୍। ସରକାର ମାଦକଦ୍ରବ୍ୟ ବିରୋଧୀ ଅଭିଯାନକୁ ଦୃଢ଼ କରିବା ସହିତ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକର ନିୟନ୍ତ୍ରଣ କରିବା ଦରକାର। ସେହିଭଳି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ସଚେତନତା ଅଭିଯାନକୁ ଜୋର୍‌ଦାର କରିବା ଆବଶ୍ୟକ। ଯେହେତୁ ଯୁବପିଢ଼ି ଦେଶର ଭବିଷ୍ୟତ; ସେମାନ ନିଜେ ସଚେତନ ହେବା ଆବଶ୍ୟକ। ସେମାନେ ସଚେତନ ହୋଇ ଆସକ୍ତିରୁ ନିବୃତ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

### ଭର୍ଚୁଆଲ୍ ଦୁନିଆରେ ହଜି ବାସ୍ତବ ଜୀବନରୁ ଦୂରେଇ ଯାଉଛନ୍ତି ଯୁବପିଢ଼ି

### ସେମାନଙ୍କ ମତରେ...



ଯୁବପିଢ଼ିଙ୍କୁ ମାଦକଦ୍ରବ୍ୟ ଆସକ୍ତିରୁ ନିବୃତ୍ତ ରଖିବା ପାଇଁ ସରକାରଙ୍କ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ଶିକ୍ଷାନୁଷ୍ଠାନ ନିକଟରେ ଗଢ଼ିଉଠିଥିବା ଦୋକାନ ଆଦିରେ ମାଦକଦ୍ରବ୍ୟ ବିକ୍ରି ଉପରେ କଟକଣା କରାଯିବା ସହ ବିଭିନ୍ନ ସମୟରେ ଚଢ଼ଉ ମଧ୍ୟ ହେଉଛି। ସାଇବର କ୍ରାଇମ୍ ଉପରେ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଯୁବପିଢ଼ିଙ୍କୁ ବିଭିନ୍ନ ଆସକ୍ତିର ଶିକାର ହେବାରୁ ନିବୃତ୍ତ ରଖିବା ପାଇଁ ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି।

**ରାଜେଶ କୁମାର ସେଠୀ,** ଆଗରପଡ଼ା ଥାନା ଅଧିକାରୀ



ସରକାର ମାଦକଦ୍ରବ୍ୟ ବିରୋଧୀ ଅଭିଯାନକୁ ଦୃଢ଼ କରିବା ସହିତ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକର ନିୟନ୍ତ୍ରଣ କରିବା ଦରକାର। ସେହିଭଳି ସାମାଜିକ ଗଣମାଧ୍ୟମ, ମାଦକଦ୍ରବ୍ୟ ଓ ଅନ୍‌ଲାଇନ୍ ଗେମିଂ ଭଳି ବିଭିନ୍ନ ଆସକ୍ତିର ଶିକାର ହେଉଥିବା ଯୁବପିଢ଼ିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନୂତନ ଆଇନ ପ୍ରଣୟନ କରିବା ଦରକାର।

**ମନ୍ମଥ ଦାସ,** ଯୁବ ସମାଜସେବୀ, ଆଗରପଡ଼ା



ପୁଲିସ ପାଟ୍ରୋଲିଂକୁ ଜୋର୍‌ଦାର୍ କରିବା ସହ ପ୍ରତି ପଞ୍ଚାୟତରେ ସରକାରୀ ନିୟମକୁ କଡ଼ାକଡ଼ିଭାବେ ପାଳନ କରାଗଲେ ଯୁବପିଢ଼ିଙ୍କ ମାଦକଦ୍ରବ୍ୟ ପ୍ରତି ଆସକ୍ତି ଉପରେ ରୋକ୍ ଲଗାଯାଇପାରନ୍ତା। ଏକ ସଚେତନ ନାଗରିକ ହିସାବରେ ମୋ ପଞ୍ଚାୟତରେ ଯୁବପିଢ଼ିଙ୍କୁ ବିଭିନ୍ନ ଆସକ୍ତିରୁ ନିବୃତ୍ତ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରି ଏକ ଶୁଦ୍ଧ ସମାଜ ଗଠନ ଦିଗରେ ମୋ ପ୍ରୟାସ ଜାରି ରଖିବି।

**କିଶୋର ରାଉତ,** ଯୁବ ବିଜେଡି ସଭାପତି, କାଦବରାଙ୍ଗ ପଞ୍ଚାୟତ



ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଆସକ୍ତିରୁ ଦୂରେଇ ରହିବା ପାଇଁ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ମୋବାଇଲ୍ ଫୋନ୍‌କୁ ଶିକ୍ଷାନୁଷ୍ଠାନ ପରିସରକୁ ଆଣିବା ପାଇଁ ବାରଣ ମଧ୍ୟ କରାଯାଇଛି। ଆଗାମୀ ଭବିଷ୍ୟତ ପିଢ଼ିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯାଇ ଆବଶ୍ୟକ ମୁତାବକ ସଚେତନ କରାଯାଉଛି।

**ନିରଞ୍ଜନ ଖିଲାର,** ସହକାରୀ ଶିକ୍ଷକ

# ନଦୀରେ ବୁଡ଼ିଯାଇ ଛାତ୍ର ମୃତ

ବାରିକପୁର,୧୮।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ମଣୀନାଥପୁର ନିକଟସ୍ଥ ବୈତରଣୀ ନଦୀରେ ବୁଡ଼ିଯାଇ ଜଣେ ଛାତ୍ରଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ବରାହ ନୂଆପଡ଼ା ଗ୍ରାମର ପ୍ରଶାନ୍ତ ନାୟକଙ୍କ ପୁଅ କାହ୍ନା(୧୫) ଗୁରୁବାର ଅପରାହ୍ଣରେ ଗାଧୋଇବା ପାଇଁ ନଦୀର ଦେବୀଗଡ଼ା ଘାଟକୁ ଯାଇଥିଲେ। ସାଙ୍ଗମାନଙ୍କ ସହିତ ଗାଧୋଇବା ବେଳେ ଚୋରା ବାଲି ଖାଦାନ ଗଣ୍ଡରେ ସେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଛାତ୍ର ଜଣଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସରସଦାଠାରେ ରଜ ଉତ୍ସବ ଉଦ୍ଯାପିତ

ବାରିକପୁର,୧୮।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ବରଦା ବଜାରଠାରେ ରଜ ଉତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ସନ୍ଧ୍ୟାରେ ବରଦା ଗଣେଶ କମିଟି ସଭାପତି ରାମଚନ୍ଦ୍ର ସେନାପତି ଓ ସମ୍ପାଦକ ଅଖିଳ ଚନ୍ଦ୍ର କର ଅତିଥି ଭାବେ ଯୋଗଦେଇ ଏଭଳି ଉତ୍ସବ ଆୟୋଜନକୁ ସାଧୁବାଦ ଜଣାଇଥିଲେ। ଗାଁ ମାଟିରେ ସମବେତ ରଜ ଉତ୍ସବ ପାଳନ ଭାଇଚାରା ସୃଷ୍ଟି କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସାହୁ, ଚନ୍ଦ୍ରମଣି ଜେନା, ଯୁଗରାଜ ସାହୁ, ଗଣେଶ ଜେନା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ମୀନାବଜାର, ରଜଦୋଳି ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଖପାଖ ଗ୍ରାମର ବହୁ ଜନସାଧାରଣ ଯୋଗଦେଇଥିଲେ।

# ବୈଦିକ ସମ୍ବର୍ଦ୍ଧନା ଉତ୍ସବ



ବାରିକପୁର,୧୮।୬(ସମିସ): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଣ୍ଡାରିପୋଖରୀ ଶାଖାଠାରେ ଗୁରୁବାର ଏକ ବୈଦିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାଖା ସଞ୍ଚାଳିକା ବିକେ ସରସ୍ୱତୀ ଭଉଣୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମାଉଣ୍ଟ ଆବୁ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା ବ୍ରହ୍ମାକୁମାର ଆମପ୍ରକାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଆଧ୍ୟାତ୍ମିକ ଶିକ୍ଷା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ରଞ୍ଜୁ ଦିଦି, ଶିଳ୍ପା ଦିଦି ଓ ବିକେ ସୌଭାଗ୍ୟ ଯୋଗଦେଇଥିଲେ। ଉକ୍ତ ସମ୍ବର୍ଦ୍ଧନା ଉତ୍ସବକୁ ବିକେ କିଶୋର, ଅଶୋକ, ଶ୍ରୀକାନ୍ତ, ଜିତୁ, ବିଜୟ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ବହୁ ଅନୁଗତ ଯୋଗଦେଇଥିଲେ।

# ରମ୍ଭିଳା ବୀଣାପାଣି ବିଦ୍ୟାଳୟରେ ପୁଣ୍ୟାତ୍ମାଙ୍କୁ ଶ୍ରଦ୍ଧାସୁମନ



ଭଦ୍ରକ,୧୮।୬(ସମିସ): ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବରେଣ୍ୟ ସାହିତ୍ୟିକ ସ୍ୱର୍ଗତ ନିତ୍ୟାନନ୍ଦ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ରମ୍ଭିଳା ପଞ୍ଚାୟତର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁଣ୍ୟ ଆତ୍ମାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଯୁବପିଢ଼ି ଏହି ମହାନ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ବକ୍ତା ମତ ରଖିଥିଲେ। ପୁରାତନ ଛାତ୍ର ଆନନ୍ଦ ମହାପାତ୍ର, ତାପସ ମହାପାତ୍ର, ମଦନ ପଣ୍ଡା, ନକୁଳ ରାଉଳ, ଲକ୍ଷ୍ମୀଧର ଛତାର, ଶମ୍ଭୁନାଥ ବେହେରା, ଶତ୍ରୁଘ୍ନ ମହାପାତ୍ର, ଅକ୍ଷୟ ଶୁକ୍ଳ, ଗୟାଧର ପ୍ରଧାନ, ରମେଶ ନାୟକ, ଶ୍ରୀଧର ମହାପାତ୍ର, ରମାକାନ୍ତ ବାରିକ, ସନ୍ଧ୍ୟାରାଣୀ ମହାପାତ୍ର, ଜଗବନ୍ଧୁ ମହାପାତ୍ର, ବୃନ୍ଦାବନ ରାଉଳ ଅଂଶ ଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ ତଥା ପୁରାତନ ଛାତ୍ର କୈଳାଶ ମହାପାତ୍ର ଧନ୍ୟବାଦ ପୂର୍ବକ ମହାପ୍ରଭୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ।

# ୩ ପ୍ରକଳ୍ପ ଉଦ୍‌ଘାଟନକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

ଭଦ୍ରକ,୧୮।୬(ସମିସ)




ଭଦ୍ରକ ପୌର ପରିଷଦ ଦ୍ୱାରା ଅନୁମୋଦିତ ୩ଟି ପ୍ରକଳ୍ପର ଉଦ୍‌ଘାଟନକୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଭଦ୍ରକ ପୌରାଞ୍ଚଳସ୍ଥିତ ୬ନଂ ୱାର୍ଡ ମଠସାହିରେ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମାର୍ଟ ଶ୍ମଶାନ, ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ଆଧୁନିକ ସୁଲଭ ଶୌଚାଳୟ ଓ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟରେ ଇଭି ଚାର୍ଜିଂ ଷ୍ଟେସନର ଗୁରୁବାର ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ଫଳକ ମଧ୍ୟ ଲଗାଯାଇଥିଲା। ଏହି ଫଳକରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ, ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ବହନ କରୁଥିବା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନାମ ଉଲ୍ଲେଖ ଥିଲା। ତେବେ ଉଦ୍‌ଘାଟନ ପୂର୍ବରୁ ଭଦ୍ରକ ପୌରାଧ୍ୟକ୍ଷା କାଉନ୍‌ସିଲରମାନଙ୍କୁ ନେଇ ଅଚାନକ ଏହି ୩ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହି ଘଟଣାକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଶାସକ ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ସାଂସଦ ଶ୍ରୀ ସେଠୀ, ବିଧାୟକ ଶ୍ରୀ ମହାପାତ୍ର ଓ ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ନେତୃତ୍ୱରେ ଶାସକ ଦଳର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସାଂସଦ ଓ ବିଧାୟକ ଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳର ସମର୍ଥକମାନେ ଜିଲ୍ଲାପାଳଙ୍କ ମୁଖ୍ୟ କାର୍ଯ୍ୟାଳୟର ପ୍ରବେଶ ପଥକୁ ଦୀର୍ଘ ଏକ ଘଣ୍ଟା ଧରି ଅବରୋଧ କରି ବସି ରହିଥିଲେ। ଜିଲ୍ଲାପାଳଙ୍କ ଚାମ୍ବରରେ ଏହି ଘଟଣା ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ପିଡି ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ରୁଦ୍ଧଦ୍ୱାରରେ ଆଲୋଚନା ଜାରି ରହିଥିଲା। ପରେ ସାଂସଦ ଓ ବିଧାୟକ ବାହାରକୁ ଆସି ଅସନ୍ତୁଷ୍ଟ ସମର୍ଥକମାନଙ୍କୁ ବୁଝାସୁଝା କରି ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହି ବିବାଦୀୟ ଘଟଣାକୁ ନେଇ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯେହେତୁ ୩ଟି ପ୍ରକଳ୍ପ ଭଦ୍ରକ ପୌର ପରିଷଦ ପାଣ୍ଠିରେ ନିର୍ମାଣ କରାଯାଇଛି, ଏହି ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଯାହାଫଳରେ କାଉନ୍‌ସିଲରମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଟେଲିଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଏହି କାର୍ଯ୍ୟକ୍ରମରେ ପୌରପାଳିକାକୁ ବାଦ୍ ଦେବା ଘଟଣା କାଉନ୍‌ସିଲରମାନଙ୍କୁ ଅପମାନିତ କରିବା ସହ ପୌରପାଳିକାର ମର୍ଯ୍ୟାଦା ହାନୀ ଘଟିଛି। ଏଣୁ ସେ ଏଭଳି ଏକ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିଲେ। ଅନ୍ୟପକ୍ଷରେ ସାଂସଦ ଶ୍ରୀ ସେଠୀ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଏହା ଏକ ନୀଚ ଚିନ୍ତାଧାରାର କାର୍ଯ୍ୟ। ରାଜନୈତିକ ଫାଇଦା ଉଠାଇବା ପାଇଁ ବିରୋଧୀମାନଙ୍କର ଏହା ଏକ ନାଟକ ବୋଲି ସେ କହିଥିଲେ। ସେହିପରି ବିଧାୟକ ଶ୍ରୀ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଲେ ଯେ ଆଜି ପର୍ଯ୍ୟନ୍ତ ଆମ ଦଳ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ଆକ୍ରୋଶମୂଳକ ଭାବେ ଅପମାନିତ କରିନାହିଁ। ଆଜିର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଓ ସାଂସଦଙ୍କୁ ବୁଧବାର ରାତିରେ ଉଦ୍‌ଘାଟନ ସମ୍ପର୍କରେ ମୋବାଇଲ୍ ମାଧ୍ୟମରେ ଜଣାଇଥିଲେ। ସେହିପରି ପୌରାଧ୍ୟକ୍ଷାଙ୍କୁ ନିର୍ବାହୀ ଅଧିକାରୀ ଟେଲିଫୋନ୍ ଯୋଗେ ଏ ସମ୍ପର୍କରେ ସୂଚନା ଦେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ପୌରାଧ୍ୟକ୍ଷା ତାଙ୍କ ଫୋନ୍ ଉଠାଇ ନ ଥିଲେ। ସାଂସଦ, ବିଧାୟକ ଓ ଜନପ୍ରତିନିଧିମାନେ ଅନୁପସ୍ଥିତି ଥିବା ସତ୍ତ୍ୱେ କାର୍ଯ୍ୟକ୍ରମର ଯଥାସମୟ ପୂର୍ବରୁ ଏହାକୁ ଉଦ୍‌ଘାଟନ କଲେ। ଏହା ଭଦ୍ରକବାସୀ ଦେଖୁଛନ୍ତି। ଭଦ୍ରକବାସୀ ବିଗତ ଦିନରେ ଯେଉଁ ଭୁଲ୍ କରିଥିଲେ, ତାହା ଆଗାମୀ ଦିନରେ ସେ ଭୁଲ୍ କରିବେ ନାହିଁ ବୋଲି ବିଧାୟକ କହିଥିଲେ।

● ଓଡ଼ିଶାରେ ବୟସ୍କ ବ୍ୟକ୍ତିଙ୍କ ଦେଶାନ୍ତରୀୟ ଅଧ୍ୟୟନ

# ଭଦ୍ରକରେ ଚାଲିଛି ଦ୍ୱିତୀୟ ପର୍ଯ୍ୟାୟ ସର୍ଭେ

ଭଦ୍ରକ,୧୮।୬(ସମିସ): କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଇନିସିଏଟିଭ୍ (ଆରଡିଆଇ), ନୂଆଦିଲ୍ଲୀ ଦ୍ୱାରା ଭାରତରେ ବୟସ୍କ ବ୍ୟକ୍ତିଙ୍କ ଦେଶାନ୍ତରୀୟ ଅଧ୍ୟୟନର ଦ୍ୱିତୀୟ ପର୍ଯ୍ୟାୟ ସର୍ଭେକ୍ଷଣ ଭଦ୍ରକ ଜିଲ୍ଲାରେ ଆରମ୍ଭ ହୋଇଛି। ଏହି ସର୍ଭେ କୁଡ଼ିଆମାଳ, ସମିଆ, ବହୁଦରଡ଼ା ଏବଂ ଭଦ୍ରକ ପୌରାଞ୍ଚଳର ୧୧ ଓ ୨୯ ନମ୍ବର ୱାର୍ଡରେ କରାଯାଉଛି। ସର୍ଭେ ସମୟରେ ବୟସ୍କ ବ୍ୟକ୍ତିଙ୍କ ରକ୍ତଚାପ, ଚକ୍ଷୁ, ଉଚ୍ଚତା, ଓଜନ ଏବଂ ଫୁସ୍‌ଫୁସ୍ ସମ୍ବନ୍ଧୀୟ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଟିମ୍‌ରେ ଡା. ସଞ୍ଜୀବ ପଟେଲ ଓ ଅନ୍ୱେଷ ମହାନ୍ତଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର ପରିଚାଳକ ବଳରାମ ବେହେରା, ଅନିଲ ସ୍ୱାଇଁ, ଅଭିଷେକ ସେଠୀ, ବର୍ଷାରାଣୀ ସାହୁ, ଦୀପ୍ତିରାଣୀ ଜେନା ଏବଂ ଏଏନ୍‌ଏମ୍ ସରୋଜିନୀ ବେହେରା ଏହି କାର୍ଯ୍ୟରେ ସାମିଲ୍ ଅଛନ୍ତି। ଡା. ପଟେଲଙ୍କ କହିବାନୁସାରେ, ୪୫ ବର୍ଷରୁ ଅଧିକ ବୟସର ନାଗରିକମାନଙ୍କ ସାମାଜିକ, ଅର୍ଥନୈତିକ, ଶାରୀରିକ, ମାନସିକ ଏବଂ ପାରିପାର୍ଶ୍ୱିକ ପରିବେଶ ଉପରେ ଏହି ଅଧ୍ୟୟନ କରାଯାଉଛି। ଏହାର ଫଳାଫଳ ଭବିଷ୍ୟତରେ ବୟସ୍କ ନାଗରିକଙ୍କ ପାଇଁ ସରକାରୀ ନୀତି ଓ ଯୋଜନା ପ୍ରଣୟନରେ ସହାୟକ ହେବ। ଜନସଂଖ୍ୟା ବିଶାରଦ ଜମ୍ବୁବତୀ ମୁଦୁଲି ସୂଚନା ଦେଇଛନ୍ତି ଯେ, ପ୍ରଥମ ପର୍ଯ୍ୟାୟ ସର୍ଭେର ଫଳାଫଳ ଆଧାରରେ କେନ୍ଦ୍ର ସରକାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଏବଂ ବୟସ୍କଙ୍କ ପାଇଁ ଚିକିତ୍ସାଳୟରେ ସଂରକ୍ଷିତ ଶଯ୍ୟା ଭଳି ବିଭିନ୍ନ ଯୋଜନା ପ୍ରଚଳନ କରିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ସୁଶୀଳ ସାହୁ, ଡା. ସଞ୍ଜୀବ



ପଟେଲ ଓ ରାଜ୍ୟ ସଂଯୋଜକ ହେମରାଜ କୁମାର ଏହି ସର୍ଭେକୁ ସଫଳ କରିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ସିଏଚ୍‌ଓ, ଏଏନ୍‌ଏମ୍, ଜନପ୍ରତିନିଧି ଓ ସାଧାରଣ ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି।

# ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚିତ



ଦୋବଲ,୧୮।୬(ସମିସ): ଧାମନଗର ବ୍ଲକ୍ ମୁସ୍ତାଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆ ଗ୍ରାମର ସମାଜସେବୀ କାମଦେବ ପ୍ରଧାନ ଓ ପଞ୍ଚାଳୀ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଅତିଥି ଭାବେ ଧାମନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଧାମନଗର ବ୍ଲକ୍‌ର ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ସେକ୍ ମୁସ୍ତାକ୍, ନାରାୟଣ ସାହାଣୀ, ରମେଶ ବେହେରା, ଜସିମୁଦ୍ଦିନ ଖାଁ, ଲକ୍ଷ୍ମୀଧର ପ୍ରଧାନ, ଅରୁଣ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଚାରୁଲତା ପ୍ରଧାନ ଉପସ୍ଥିତ ରହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି।

■ ୱାର୍ଡ ସଭ୍ୟ ଜଗନ ହତ୍ୟା ଘଟଣା

# ୨ ବର୍ଷ ପୂର୍ବରୁ ହୋଇଥିଲା ପ୍ରଥମ ଆକ୍ରମଣ

ବାରିକପୁର,୧୮।୬(ସମିସ): ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ ଉତ୍ତରାଗଡ଼ିଆ (କଟରାଗଡ଼ିଆ) ୧୩ ନଂ ୱାର୍ଡ ସଦସ୍ୟ ଜଗନ ସାହୁଙ୍କ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଟିମା ସହିତ ଅନ୍ୟ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଉକ୍ତ ଘଟଣାଟି ବ୍ଲକ୍ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ତେବେ ୨ ବର୍ଷ ପୂର୍ବରୁ ୨୦୨୪ରେ ଜଗନଙ୍କୁ ଟିମା ହତ୍ୟା ଉଦ୍ୟମ କରିଥିଲା। ଏଥିରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ସୂଚନା ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟାରେ କଟରାଗଡ଼ିଆ ଗାଁ କେନାଲ ମୁଣ୍ଡ ପୋଲ ଉପରେ ୱାର୍ଡ ସଭ୍ୟ ଜଗନ ଓ ମୁଖ୍ୟ ଅଭିଯୁକ୍ତ ରତ୍ନାକର ସାହୁ (ଟିମା) ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସରକାରୀ ଜାଗା ଜବରଦଖଲ ନେଇ ଟିମା ପରିବାର ସହ ଗ୍ରାମବାସୀଙ୍କ ବିବାଦ ରହିଥିଲା। ଯେଉଁ ବିବାଦରୁ ୨୦୨୪ ମସିହାରେ ମଧ୍ୟ ଅଭିଯୁକ୍ତ ଟିମା ଜଗନକୁ ଛୁରିରେ ଆକ୍ରମଣ କରିଥିଲା। ସେତେବେଳେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏବେ ବି ଉକ୍ତ ମାମଲା ବିଚାରାଧୀନ ରହିଛି। ତେଣୁ ଉକ୍ତ ଘଟଣାକ୍ରମକୁ ନେଇ ବୁଧବାର ବଚସା ହୋଇଥିବାବେଳେ ଟିମା ଜଗନଙ୍କୁ ଜୀବନରୁ ମାରିବା ପାଇଁ ଧମକ ଦେଇଥିଲା। ଏହାର କିଛି ସମୟ ପରେ ଜଗନ ଓ ତାଙ୍କର ସହଯୋଗୀ ବଟକୃଷ୍ଣ ସାହୁ ଟିମାକୁ ଏ ବାବଦରେ ପୁନର୍ବାର ପଚାରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ପୂର୍ବରୁ ଯୋଜନାବଦ୍ଧ ଭାବେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଦୁହିଁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ବେକ ଓ ଛାତିରେ ଆଘାତ ଯୋଗୁଁ ୱାର୍ଡ ସଭ୍ୟ ଜଗନ ଅଧିକ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ଦୁଇ ଜଣଙ୍କୁ ମେଡିକାଲ ଆଣିଥିବାବେଳେ ଡାକ୍ତର ଜଗନଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମୟ ମଧ୍ୟରେ ଗ୍ରାମର ଜଗଦାନନ୍ଦ ନାୟକ ଆକ୍ରମଣକାରୀକୁ ବାଇକ୍‌ରେ ବସାଇ ଘଟଣାସ୍ଥଳରୁ ନେଇ ଯାଇଥିଲା। ଖବରପାଇ ପୁଲିସ ତତ୍‌କ୍ଷଣାତ୍ ଉକ୍ତ ଅଞ୍ଚଳରେ ପହଞ୍ଚିଥିବାବେଳେ ଫେରାର୍ ହୋଇଥିବା ମୁଖ୍ୟ ଅଭିଯୁକ୍ତକୁ ଉତ୍ତରାଗଡ଼ିଆ ଗ୍ରାମବାସୀ ଅଟକ ରଖିଥିବା ପୁଲିସ ଜାଣିବାକୁ ପାଇଥିଲା। ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ରତ୍ନାକର ଓରଫ ଟିମାକୁ ନିଜ ହେପାଜତକୁ ଆଣି ତା'ର ବାପା ହରିହର ସାହୁ ଓ ସହଯୋଗୀ ଜଗଦାକୁ ଅଟକ ରଖିଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା ଓ ପୁଲିସ ଉପଖଣ୍ଡ ଅଧିକାରୀ ବିଷ୍ଣୁ ଚରଣ ବାରିକ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି। ମୃତକଙ୍କ ସହଯୋଗୀ ବଟକୃଷ୍ଣ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରୁ ଦୁଇଟି ବାଇକ୍ ଓ ମାରଣାସ୍ତ୍ରକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ୱାର୍ଡ ସଦସ୍ୟଙ୍କ ପତ୍ନୀ ସୁଭଦ୍ରା ସାହୁଙ୍କ ଅଭିଯୋଗ କ୍ରମେ ମୁଖ୍ୟ ଅଭିଯୁକ୍ତ ରତ୍ନାକର ସହିତ ହରିହର ଓ ଜଗଦାନନ୍ଦକୁ ଗୁରୁବାର ପୁଲିସ କୋର୍ଟ ଚାଲାଣ କରିଛି। ଏନେଇ ୩୦୧/୨୬ରେ ଏକ ମାମଲା ରୁଜୁ ହୋଇଛି।



ମୁଖ୍ୟ ଅଭିଯୁକ୍ତ ଟିମା ସମେତ ୪ କୋର୍ଟ ଚାଲାଣ

## ଧାମନଗରରେ ବେଆଇନ ବାଲି ଲୁଟ୍

# ବିପଦରେ ନଦୀବନ୍ଧ, ରାସ୍ତା

ଦୋବଲ,୧୮।୬(ସମିସ)



ଧାମନଗର ତହସିଲ୍ ଅଞ୍ଚଳରେ ବୈତରଣୀ ଓ ଗେଙ୍ଗୁଟି ନଦୀ ଶଯ୍ୟାରୁ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରାଶାସନିକ ଉଦାସିନତା ଓ ବିଭାଗୀୟ ସମନ୍ୱୟ ଅଭାବରୁ ବାଲି ମାଫିଆମାନେ ସମ୍ପୂର୍ଣ୍ଣ ବେପରୁଆ ହୋଇପଡ଼ିଛନ୍ତି। ଯାହାଫଳରେ ସ୍ଥାନୀୟ ଅଞ୍ଚଳର ଭୂଗୋଳ ବଦଳିବା ସହ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହେଉଛି। ଆନନ୍ଦପୁର ପଞ୍ଚାୟତର ଆନନ୍ଦପୁର-ସିଦ୍ଧେଶ୍ୱର ବୈତରଣୀ ସେତୁ ନିକଟ, ବୁଢ଼ା ମହାଦେବ ମନ୍ଦିର ପାଶ୍ୱର୍, ମାନଲାପୁରର କଚେରୀ ବାଡ଼ି ଏବଂ ଉଢ଼େଇପୁର ମଲ୍ଲିମାହାରା ଅଞ୍ଚଳ, ଖଡ଼ିପଦା ପଞ୍ଚାୟତର ବୈକୁଣ୍ଠି ନିକଟସ୍ଥ ନଦୀପଠା, ସୋହଡ଼ା ପଞ୍ଚାୟତର କଣ୍ଟାପାରି ବରଗଛ ପାଖ ଏବଂ ଷେଣ୍ଢ଼ପୁର-କଟିକଟା ପୋଲ ପାଖରୁ, ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ବାସୁଦେବ ମନ୍ଦିର ପାଖରେ ବୈତରଣୀରୁ ବେଧଡ଼କ ବାଲି ଉଠାଯାଉଛି। ସେହିପରି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍ ସୀମା ଷୋଳମପୁର ପଞ୍ଚାୟତର ଦାଣ୍ଡକୂଳ ରାଉତସାହି ପଛପଟ ଗେଙ୍ଗୁଟି ନଦୀ ଶଯ୍ୟାରୁ ବାଲି ଚେରି ହେଉଛି। ଏହାଦ୍ୱାରା ନଦୀ ବନ୍ଧ ଓ ରାସ୍ତା ଦୁର୍ବଳ ହେବାରେ ଲାଗିଛି।

ଆନନ୍ଦପୁର ପଞ୍ଚାୟତର ୩୦ରୁ ଅଧିକ ଟ୍ରାକ୍ଟର ଓ ଟ୍ରକ୍ ମାଲିକ ଏହି ବେଆଇନ କାରବାରରେ ସାମିଲ୍ ଅଛନ୍ତି। ରାତି ୧୦ଟା ପରେ ନଦୀ ଶଯ୍ୟାରେ ପ୍ରୋକ୍ଲିନ୍ ଓ ଡ୍ରୋଜର ଲଗାଇ ବାଲି ଠୁଳ କରାଯାଉଛି ଏବଂ ପାହାନ୍ତିଆରୁ ତାହାକୁ ଚାଲାଣ କରାଯାଉଛି। କେତେକ ବ୍ୟକ୍ତି ନିଜ ବାଡ଼ିରେ ମଧ୍ୟ ବାଲି ମେସିନ୍ ସାହାଯ୍ୟରେ ଠୁଳ କରି ରଖୁଛନ୍ତି। ଜଣେ ପ୍ରଭାବଶାଳୀ ବ୍ୟକ୍ତି ଉଢ଼େଇପୁର ଓ ମାନଲାପୁର ଅଞ୍ଚଳରେ ନିଜ ପ୍ରୋକ୍ଲିନ୍ ମେସିନ୍ ଦ୍ୱାରା ବେଆଇନ ଭାବେ ବାଲିଘାଟ ଚଳାଉଛନ୍ତି ଏବଂ ପ୍ରତିଦିନ ରାତିରେ ୧୦ରୁ ଅଧିକ ହାଇୱାରେ ବାଲି ଚାଲାଣ କରୁଛନ୍ତି। ଏପରିକି ବୈତରଣୀ ନଦୀର ଏକ କୁଦରୁ ମାଟି ତାଡ଼ି ତା' ତଳେ ଥିବା ସମସ୍ତ ବାଲି ଖାଲି କରିସାରିଲେଣି। ଏହି ବେଆଇନ ଖନନ ଯୋଗୁଁ ଷେଣ୍ଢ଼ପୁର-ଉଢ଼େଇପୁର ବନ୍ଧ ରାସ୍ତା ଦୁର୍ବଳ ହେବାରେ ଲାଗିଛି। ବଡ଼ ବଡ଼ ହାଇୱାଗୁଡ଼ିକ ଷେଣ୍ଢ଼ପୁର ପୋଲଠାରୁ ନଦୀବନ୍ଧ ଦେଇ ମଲ୍ଲିମାହାରା ଓ କଚେରୀବାଡ଼ି ଘାଟକୁ ଯାଉଛନ୍ତି। ଦୈନିକ ୫୦ରୁ ଅଧିକ ଟ୍ରିପ୍ ବାଲି ଚୋରି ହେଉଥିବା ବେଳେ ଗାଁ ରାସ୍ତାରେ ୫୦ରୁ ୬୦ ଟନ୍ ଓଜନର ଭାରୀଯାନ ଚଳାଚଳ ଯୋଗୁଁ ଗ୍ରାମ୍ୟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେଉଛି ଓ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ବାଲି ଚୋରି ରୋକିବାରେ ଧାମନଗର ଥାନା ପୁଲିସ, ତହସିଲ୍ ଓ ଖଣି ବିଭାଗ ମଧ୍ୟରେ କୌଣସି ସମନ୍ୱୟ ନାହିଁ। ୨୦୨୨ରେ ରାଜ୍ୟ ସରକାର ବାଲିଘାଟ ନିଲାମ ଦାୟିତ୍ୱ ରାଜସ୍ୱ ବିଭାଗ ବଦଳରେ ଖଣି ବିଭାଗକୁ ହସ୍ତାନ୍ତର କରିବା ପରଠାରୁ ତହସିଲ୍ କାର୍ଯ୍ୟାଳୟ ଏଥିରୁ ନିଜକୁ ଦୂରେଇ ରଖିଛି। ଅପରପକ୍ଷରେ ଖଣି ବିଭାଗରେ କର୍ମଚାରୀଙ୍କ ଘୋର୍ ଅଭାବ ଦେଖାଦେଇଛି। ଭଦ୍ରକ ଭଳି ଏକ ବଡ଼ ନଦୀ ପ୍ରଧାନ ଜିଲ୍ଲା ପାଇଁ ମାତ୍ର ଜଣେ କନିଷ୍ଠ ଖଣି ଅଧିକାରୀ (ସୌମ୍ୟରଞ୍ଜନ ଦ୍ୱିବେଦୀ) ଅଛନ୍ତି। ଯାହାଙ୍କ ପାଇଁ ସବୁଆଡ଼େ ନଜର ରଖିବା ସମ୍ଭବ ହେଉନାହିଁ। ରାଜ୍ୟ ସରକାରଙ୍କ ବାଲୁକା ନୀତି-୨୦୨୧, ଓଏମ୍‌ଏମ୍‌ସି ନୀତି-୨୦୧୬ ଏବଂ ସଷ୍ଟେନେବଲ ସ୍ୟାଣ୍ଡ ମାଇନିଂ ଗାଇଡ୍‌ଲାଇନ୍ ଅନୁଯାୟୀ, ଥାନାର ସବ୍‌ଇନ୍‌ସପେକ୍ଟରଙ୍କଠାରୁ ଉପର ପାହ୍ୟାର ଅଧିକାରୀ ଏବଂ ତହସିଲ୍‌ର ରେଭିନ୍ୟୁ ସୁପରଭାଇଜରଙ୍କଠାରୁ ଉପର ପାହ୍ୟାର ଅଧିକାରୀମାନେ ବେଆଇନ ବାଲିଘାଟ ଉପରେ ଚଢ଼ଉ କରିବାକୁ ସମ୍ପୂର୍ଣ୍ଣ କ୍ଷମତାପ୍ରାପ୍ତ।

ଏହିସବୁ ଆଇନଗତ ବ୍ୟବସ୍ଥା ଥାଇ ମଧ୍ୟ ସ୍ଥାନୀୟ ପୁଲିସ ଓ ତହସିଲ୍ କର୍ମଚାରୀମାନେ ବାଲି ମାଫିଆଙ୍କ ସହ ସଲାସୁତରା କରି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ନିକଟରେ ଖଣି ବିଭାଗ ପକ୍ଷରୁ ଆନନ୍ଦପୁରରେ ୩ ଜଣଙ୍କ ବାଡ଼ିରେ ଚଢ଼ଉ କରି ଜରିମାନା କରାଯାଇଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଏହି ବେଆଇନ କାରବାର ଉପରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ପ୍ରଶାସନିକ ସମନ୍ୱୟ ଅଭାବରୁ ବେପରୁଆ ବାଲି ମାଫିଆ

# ଇସ୍‌ଲାମିକ୍ ନୂତନ ବର୍ଷ ପାଳନ ଉପଲକ୍ଷେ ଜଲ୍‌ସା



ଧାମନଗର,୧୮।୬(ସମିସ): ପବିତ୍ର ମହରମ ମାସ ହେଉଛି ଇସ୍‌ଲାମିକ୍ ଧର୍ମର ନୂତନ ବର୍ଷ। ଧାମନଗର ଅଞ୍ଚଳରେ ଜସନେ୍ ୟାଦେ-ହୋସେନଙ୍କ ସ୍ମୃତି ଉଦ୍ଦେଶ୍ୟ ତଥା ଏହି ନୂତନ ବର୍ଷ ପାଳନ ଅବସରରେ ବୁଧବାର ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ ପଠାଣ ମହିଲା ଗ୍ରାମସ୍ଥିତ ବଡ଼େଖାନ ଗାଜିବାବାଙ୍କ ଆସ୍ଥାନ ପ୍ରାଙ୍ଗଣରେ ରାତି ପ୍ରାୟ ୯ଟା ସମୟରେ ଜଲସା କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ୟାଦେ-ହୋସେନ କମିଟି ତରଫରୁ ଆୟୋଜିତ ଜଲସା କାର୍ଯ୍ୟକ୍ରମ ମୌଲାନା ସେକ୍ ସାହାବୁଦ୍ଦିନଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ଖାନକା ସରିଫ ମତଓଲ୍ଲି ସୟଦ ହବିବ୍ ରଜା ହବିବି ଯୋଗଦେଇ ଇସ୍‌ଲାମିକ ନୂତନ ବର୍ଷ ଏବଂ ଜସନେ୍ ୟାଦେ-ହୋସେନଙ୍କ ସ୍ମୃତି ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୌଲାନା ସାଦାତ ହୋସେନ, ମୌଲାନା ମସକୁର, ମୌଲାନା ମୋବାରକ, ହୋସେନ ମୋବାରକ, ସମସେ ତବରେଜ (ଗିରୀଡି), ସାହିଦ ରଜା ହବିବି, ସାଓନ ରଜା ହସନ ପ୍ରମୁଖ ଜଲସା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାମର ମୁରବି ଗୋଲାମ ଜିଲାନି ହବିବି ଉପସ୍ଥିତ ଥିବାବେଳେ କମିଟି ସଭାପତି ସେକ୍ ସମିମ, ସମ୍ପାଦକ ସେକ୍ ଏନ୍‌ଜାମୁଲ, ବେସାରତ ଖାଁ ଓ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


### ନିଜ ନିର୍ବାଚନମଣ୍ଡଳୀରେ ଅଧିକାରୀଙ୍କ ଏସ୍‌ଆଇଆର୍ କାର୍ଯ୍ୟ ଅଭିଯୋଗ

# ଆନନ୍ଦପୁର ଉପଜିଲ୍ଲାପାଳଙ୍କ ତଦନ୍ତ ଶେଷ କେବେ?

ଆନନ୍ଦପୁର, ୧୮।୬(ସମିସ)

ବିଡିଓଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ଏସଆଇଆର୍ ସମୟରେ ନିଜ ନିର୍ବାଚନମଣ୍ଡଳୀରେ ରହି କାର୍ଯ୍ୟ କରିପାରିବେ ନାହିଁ ବିଡିଓ; ହେଲେ ଘଷିପୁରା ନିର୍ବାଚନମଣ୍ଡଳୀ ଘଟଗାଁ ବ୍ଲକ ଏହାର ଖୋଲା ଉଲ୍ଲଂଘନ ହୋଇଛି। ଏନେଇ ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ଗତ ଜାନୁଆରୀ ୨୪ ତାରିଖରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ପାଇଁ ରାଜ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ନିରବ ରହିବା ଚିନ୍ତାର କାରଣ ହୋଇଛି। ଶ୍ରୀ ସାହୁଙ୍କ ଅଭିଯୋଗ ଅଭିଯୋଗ ଆଧାରରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମେ ୭ ତାରିଖରେ ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା କେନ୍ଦୁଝର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ଅପରପକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମେ ୧୨ ତାରିଖରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏ ଦିଗରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମାତ୍ର ସମାନ ଦିନରେ ଯଜ୍ଞପ୍ରସାଦ ସାହୁଙ୍କ ନାମକୁ ବ୍ୟବହାର କରି



କେହି ଜଣେ ଦୁର୍ବୃତ୍ତ ଘଟଣାକୁ ଚପାଇ ଦେଇ ଅନ୍ୟ ଜଣେ କର୍ମଚାରୀଙ୍କ ନାମରେ ଭିତ୍ତିହୀନ ଅଭିଯୋଗ କରିଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ବିଡିଓଙ୍କୁ ସୁରକ୍ଷା ଦେବାକୁ ଏହି ହୀନ ଉଦ୍ୟମ କରାଯାଇଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଆଜି ଘଷିପୁରାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯଜ୍ଞପ୍ରସାଦ ସାହୁ ଏହି ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଗାଁ ବିଡିଓ ଶ୍ରୀ ବଳଙ୍କୁ ବଦଳି କରିବା ପାଇଁ ସେ ନିଜର ଦାବି ଦୋହରାଇଛନ୍ତି।

### ଘଟଗାଁ ବିଡିଓଙ୍କୁ ପ୍ରଶାସନର ସୁରକ୍ଷା
### ଧରା ପକାଇଲା ମୋବାଇଲ ନମ୍ବର

ସେହିପରି ଗତ ମେ ୧୨ ତାରିଖରେ ମୋବାଇଲ ନମ୍ବର ୭୩୨୮୮୩୭୫୭୮କୁ ବ୍ୟବହାର କରି କେହି ଜଣେ ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଯଜ୍ଞପ୍ରସାଦଙ୍କ ନାମକୁ ଅପବ୍ୟବହାର କରିଥିବା ଦର୍ଶାଯାଇଛି। ତେବେ ଶ୍ରୀ ସାହୁ ଏ ସଂକ୍ରାନ୍ତରେ କିଛି ଜାଣି ନଥିବା ଓ ଏହି ମୋବାଇଲ ନମ୍ବର ତାଙ୍କର ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ଏହି ମୋବାଇଲ ନମ୍ବର କାହାର ଓ ଯଜ୍ଞପ୍ରସାଦ ସାହୁଙ୍କ ନାମ ଏବଂ ଘର ଠିକଣା ନେଇ କାହିଁକି ଅଭିଯୋଗ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି। ଏଭଳି ମିଥ୍ୟା ଅଭିଯୋଗ ପଛରେ କାହାର ହାତ ଅଛି ବୋଲି ଶ୍ରୀ ସାହୁ ପ୍ରଶାସନଠାରୁ ଉତ୍ତର ଚାହିଁଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ତେଲକୋଇ, ୧୮।୬(ସମିସ): ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯାଉଥିବା ବେଳେ କେନ୍ଦୁଝର ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁର ଛକରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ମନ୍ତ୍ରୀଙ୍କ ଗାଡ଼ି ଭାଙ୍ଗି ଯାଇଥିବା ବେଳେ ଶ୍ରୀ ମହାଲିଙ୍ଗ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ପରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅନ୍ୟ ଏକ ଗାଡ଼ିରେ ସୁରକ୍ଷାର ସହିତ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଛନ୍ତି। ଗୁରୁବାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥିତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବୁଧବାର ଅପରାହ୍ନରେ ୪୯ ନମ୍ବର ଜାତୀୟ ରାଜପଥ ଦେଇ ଯାତ୍ରା କରୁଥିଲେ। ଜଗମୋହନପୁର ଛକରେ ଥିବା ହମ୍ପ୍‌ସରେ ଆଗରେ ଯାଉଥିବା ପାଇଲଟ ଗାଡ଼ି ହଠାତ୍ ବ୍ରେକ ମାରିଥିଲା। ଏହି ସମୟରେ ପଛରେ ଥିବା ମନ୍ତ୍ରୀଙ୍କ ଗାଡ଼ି ପାଇଲଟ ଗାଡ଼ି ପଛରେ ଖୁବ୍ ଜୋରରେ ଧକ୍କା ହୋଇଥିଲା। ମନ୍ତ୍ରୀଙ୍କ ଗାଡିରୁ ସମସ୍ତ ସୁରକ୍ଷା ବେଲୁନ ବାହାରି ପଡ଼ିବାରୁ ମନ୍ତ୍ରୀ ଅଳ୍ପକେ ରକ୍ଷା ପାଇଯାଇଥିଲେ। ଏହା ପରେ ପଛରେ



ଆସୁଥିବା ଅନ୍ୟ ଏକ ଗାଡ଼ିରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ତେଲକୋଇ ପୁଲିସ ମନ୍ତ୍ରୀଙ୍କ ଗାଡ଼ିକୁ ସୁରକ୍ଷିତ ସହିତ ରାସ୍ତା ଉପରୁ ଉଦ୍ଧାର କରିଛି।

## ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ବିକାଶ ପାଇଁ ଆସେକାର ଦାବି




ରାଇରଙ୍ଗପୁର, ୧୮।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶେଷକରି ରାଇରଙ୍ଗପୁର ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାର ଅଗ୍ରଣୀ ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଗଠନ ଆସେକା (ଦି ଆଦିବାସୀ ସୋସିଓ, ଏଜ୍ୟୁକେସନ ଆଣ୍ଡ କଲଚରାଲ ଆସୋସିଏସନ, ଓଡ଼ିଶା) ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାତୃଭାଷା ତଥା ତଫସିଲଭୁକ୍ତ ଜାତୀୟ ଭାଷା ସାନ୍ତାଳୀର ସମ୍ପୂର୍ଣ୍ଣ ବିକାଶ ଓ ଏହାର ସ୍ୱତନ୍ତ୍ର ଲିପି ଅଲଚିକିର ପ୍ରସାର ପାଇଁ ଏହି ସ୍ମାରକପତ୍ର ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଆସେକାର ରାଜ୍ୟ ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଥ ହାଁସଦାଙ୍କ ଦ୍ୱାରା ପ୍ରେରିତ ଏହି ପ୍ରସ୍ତାବରେ ଦର୍ଶାଯାଇଛି ଯେ, ୧୯୨୫ରୁ ଅଲଚିକି ଲିପିର ବିକାଶ ହୋଇଥିଲେ ହେଁ ଏବେ ବି ଏହା ନିଜର ଅସ୍ତିତ୍ୱ ଓ ପ୍ରଗତି ପାଇଁ ସଂଘର୍ଷ କରୁଛି। ଯଦିଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ କାଳରେ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରାଯାଇଥିଲା, ମାତ୍ର ସରକାରୀ କଳର କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ମୂଳ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏ ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ସାନ୍ତାଳୀ ଶିକ୍ଷା ବୋର୍ଡକୁ ସରକାର ନିଜ ହାତକୁ ନେବା ସହ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆସାମ ଭଳି ରାଜ୍ୟଗୁଡ଼ିକୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

ଆସେକା ପକ୍ଷରୁ କେନ୍ଦ୍ରୀୟ ପରିଷଦ ଗଠନ, ସିନ୍ଧି ଭାଷା ଭଳି ସାନ୍ତାଳୀ ଭାଷାର ବିକାଶ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ପରିଷଦ ଗଠନ କରାଯାଉ। ରାଜ୍ୟସ୍ତରୀୟ ଗବେଷଣା ପ୍ରତିଷ୍ଠାନ, ଭାଷାର ଉନ୍ନତି ଓ ଉଚ୍ଚତର ଗବେଷଣା ପାଇଁ ରାଜ୍ୟ ପରିଷଦ ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା, କେଜିରୁ ପିଏଚ୍.ଡି. ପର୍ଯ୍ୟନ୍ତ ଶିକ୍ଷାଦାନ, ଆଞ୍ଚଳିକ ଶିକ୍ଷାନୁଷ୍ଠାନରେ କେଜିଠାରୁ ଆରମ୍ଭ କରି ପିଜି ଓ ପିଏଚ୍.ଡି ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷାଦାନ ଓ ସରକାରୀ ସହାୟତାର ବ୍ୟବସ୍ଥା, ଦୂରଦର୍ଶନ ସାନ୍ତାଳୀ ଚ୍ୟାନେଲ, ପ୍ରସାର ଭାରତୀ ଅଧିନିୟମ ଅନୁଯାୟୀ, ଦୂରଦର୍ଶନରେ ସାନ୍ତାଳୀ ଭାଷା ପାଇଁ ଏକ ସ୍ୱତନ୍ତ୍ର ଉତ୍ସର୍ଗୀକୃତ ଚ୍ୟାନେଲ ତୁରନ୍ତ ଆରମ୍ଭ କରାଯିବା, ସମାନତା ଓ ମାସିକ ପ୍ରୋତ୍ସାହନ, ଡବଲ୍ ଇଞ୍ଜିନ ସରକାରଙ୍କ ବ୍ୟବସ୍ଥା ମାଧ୍ୟମରେ ଅନ୍ୟାନ୍ୟ ଭାଷାଭାଷୀଙ୍କ ଭଳି ସାନ୍ତାଳୀ ଭାଷାକୁ ମଧ୍ୟ ସମାନ ସମ୍ମାନ, ସାମ୍ବିଧାନିକ ଅଧିକାର ଓ ସରକାରୀ ବିଭାଗ ପକ୍ଷରୁ ମାସିକ ସହାୟତା ପ୍ରଦାନ କରାଯିବାକୁ ଦାବି ହୋଇଛି।

ସଂଗଠନ ପକ୍ଷରୁ ଦୃଢ଼ ଆଶା ପ୍ରକଟ କରାଯାଇଛି ଯେ, ପ୍ରଧାନମନ୍ତ୍ରୀ ସାନ୍ତାଳୀ ଭାଷାଭାଷୀ ଲୋକଙ୍କ ଏହି ନ୍ୟାୟସଙ୍ଗତ ଓ ସାମ୍ବିଧାନିକ ଦାବିକୁ ସହାନୁଭୂତିର ସହ ବିଚାର କରି ଭାଷାର ସୁରକ୍ଷା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରିବେ।

## ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ

ତୁରୁମୁଙ୍ଗା, ୧୮।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଫୁଲକଅଁଳେଇ ଗ୍ରାମର କାର୍ତ୍ତିକେଶ୍ୱର ଶିବ ମନ୍ଦିର ପରିସରରେ ଗୁରୁବାର ଶୀତଳ ଷଷ୍ଠୀ ଅବସରରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଛି। ଷଡଙ୍ଗୀ ଗ୍ରାମର ଶତାଧିକ ଭକ୍ତ ସର୍ବେଶ୍ୱର ଠାକୁରଙ୍କୁ ରୋଶିଣି କରି ଆସି ଫୁଲକଅଁଳେଇ ପାର୍ବତୀ ମନ୍ଦିରରେ ପହଞ୍ଚିବା ପରେ ଯଥାରୀତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ସମାପନ କରାଯାଇଥିଲା। ପୂଜକ ଭାବରେ ନିରଞ୍ଜନ କର, ଚିତ୍ତରଞ୍ଜନ କର ଉମେଶ କର ପୂଜାର୍ଚ୍ଚନା କରିଥିଲେ। ମାତା ପାର୍ବତୀ କନକ ଦୁର୍ଗାଙ୍କ ପିତା ମାତା



ଭାବରେ ଅଂଶୁମାନ କର ଧର୍ମପତ୍ନୀ ଜୟଶ୍ରୀ କର ସୌଭାଗ୍ୟ ଲାଭ କରିଥିବା ବେଳେ ଷଡ଼ଙ୍ଗୀ ଗ୍ରାମର ଶରତ ଚନ୍ଦ୍ର ସାହୁ ଧର୍ମପତ୍ନୀ ମଞ୍ଜୁ ଲତା ସାହୁ ପ୍ରଭୁ ଶିବଙ୍କ ପିତାମାତା ଭାବରେ ସୌଭାଗ୍ୟ ଲାଭ କରି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର କମିଟି ପକ୍ଷରୁ ରାଜେଶ କର ନରେଶ କର ପ୍ରଶାନ୍ତ କର, ସୁଧୀର ଚନ୍ଦ୍ର କର ନଥିନ ଚନ୍ଦ୍ର କର ଲମ୍ବୋଦର କର ଲକ୍ଷ୍ମୀଲତା କର, ସିପ୍ରା କର ଏବଂ ଗ୍ରାମବସୀ ସହଯୋଗ କରିଥିଲେ।

## ବିଶୋଇ ବ୍ଲକ୍‌ରେ ସଫେଇ କାର୍ଯ୍ୟକ୍ରମ

ବିଶୋଇ,୧୮।୬ (ସମିସ): ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଥିବାବେଳେ ସେମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛତା ସେ ସ୍ୱାଗତ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ବିଶୋଇ ବ୍ଲକରେ



ସ୍ୱଚ୍ଛତା ସେ ସ୍ୱାଗତ କାର୍ଯ୍ୟକ୍ରମ ହୋଇଯାଇଛି। ବିଆରସି ସୁକାନ୍ତି ସୋରେନଙ୍କ ତତ୍ତ୍ୱାବଧାନରେ ସ୍ୱୟଂସହାୟକ ମହିଳାମାନେ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶୋଇ ବଜରଙ୍ଗ ପୀଠ, ତହସିଲ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ବାଡୁଣିଆ ବାଳିକା ଉଚ୍ଚବିଦ୍ୟାଳୟ ଓ ବ୍ଲକ ଛକ ମାର୍କେଟ ପରିସରକୁ ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖଡ଼ମବେଡା ସରପଞ୍ଚ ସୋମବାରି ସିଂ ସଫେଇରେ ସାମିଲ ହେବା ସହିତ ପରିମଳ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ସମସ୍ତ ମହିଳା ନିଜ ଅଞ୍ଚଳକୁ ସ୍ୱଚ୍ଛତା ରଖିବା ପାଇଁ ସାମୂହିକ ଶପଥ ପାଠ କରିଥିଲେ।

## ପୋଖରୀରୁ ନାବାଳକଙ୍କ ମୃତଦେହ ଉଦ୍ଧାର

ମହୁଲଡିହା,୧୮।୬(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ସାତକୋଶିଆ ଗ୍ରାମପଞ୍ଚାୟତ ସାତକୋଶିଆଗ୍ରାମ(ପ୍ରଧାନସାହି)ରେ ପୋଖରୀରୁ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ସ୍ୱର୍ଗତ ଡମ୍ବରୁଧର ପୂର୍ତ୍ତିଙ୍କ ବଡ଼ପୁଅ କାଳିଆ ପୂର୍ତ୍ତି (୧୫)। ବାପାମାଆ ଅନାଥ କାଳିଆ ବଡ଼ବାପା ଅନନ୍ତ ପୂର୍ତ୍ତିଙ୍କ ପାଖରେ ରହୁଥିଲେ। ୧୮ ତାରିଖ ଦିନ ପ୍ରାୟ ଗୋଟାଏ ସମୟରେ କାଳିଆ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲା। ସାପ୍ତାହିକ ହାଟ ଥିବାରୁ ଅପରାହ୍ନ ପ୍ରାୟ ୬ଟାରେ ପରିବାର ଲୋକେ ଶୌଚ ହେବାକୁ ପୋଖରୀକୁ ଗଲା ବେଳେ ଘାଟରେ ସାବୁନ୍, ସାର୍ଟପ୍ୟାଣ୍ଟ ଓ ଗାମୁଛା ପଡ଼ିଥିବା ଦେଖିଥିଲେ। ପରିଷ୍କାର ପାଣିରେ କାଳିଆ ବୁଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ସେମାନେ ସ୍ଥାନୀୟ ସମାଜସେବୀ ହରି ହାଇବ୍ରୁରୁଙ୍କ ମାଧ୍ୟମରେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ପରବର୍ତ୍ତୀ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ସାପ କାମୁଡ଼ାରେ ମହିଳା ମୃତ

କୁଆମରା,୧୮।୬(ସମିସ): ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ମଞ୍ଜୁଲତା ଦଳେଇ (୬୬)। ପରିବାର ଲୋକଙ୍କ ସୂଚନା ଅନୁଯାୟୀ ମଞ୍ଜୁଲତା ମଙ୍ଗଳବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼ରେ କାମୁଡ଼ି ଦେଇଥିଲା। ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁବରଣ କରିଛନ୍ତି। ଆଜି ସେଠାରେ ସ୍ଥାନୀୟ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ମଞ୍ଜୁଲତାଙ୍କ ସ୍ୱାମୀ କୁନା ଗତ ଜାନୁଆରୀ ମାସରେ ମୃତ୍ୟୁବରଣ କରିଥିଲେ।

## ସପ୍ତାହେ ପାଇଁ ଦୁଆରଶୁଣି ଘାଟିରେ ବ୍ଲାଷ୍ଟିଂ ବନ୍ଦ

କଳାବାଡ଼ିଆ, ୧୮।୬(ସମିସ): ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ପାଇଁ ବାଙ୍ଗିରିପୋଷି ନିକଟ ୪୯ ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିରେ ଏକ ସପ୍ତାହ ପାଇଁ ବ୍ଲାଷ୍ଟିଂ ବନ୍ଦ ରହିବ ବୋଲି ବାଙ୍ଗିରିପୋଷି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି। ଘାଟିରେ ସପ୍ତାହର ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଚାରିଦିନ ବ୍ଲାଷ୍ଟି ହୋଇଥାଏ। ୧୮, ୧୯, ୨୦, ୨୧ ଚାରିଦିନ ଘାଟି ରାସ୍ତା ବ୍ୟସ୍ତ ରହିବ। ଜନସାଧାରଣ, ପୁଲିସ ଓ ନେତାଙ୍କ ଗାଡ଼ି ଯିବାକୁ ଲକ୍ଷ୍ୟ କରି ବ୍ଲାଷ୍ଟିଂ ବନ୍ଦ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଯଦି କୌଣସି କାରଣ ପାଇଁ ଘାଟି ରାସ୍ତା ହଠାତ୍ ଜାମ୍ ହେଲା, ତେବେ ବିକଳ୍ପ ରାସ୍ତା ବାଙ୍ଗିରିପୋଷି-କତରା, ଚନ୍ଦନପୁର-ଜୋକା-ଶଂଖାଭଙ୍ଗା-ବିଶୋଇ ଦେଇ ଯାଇହେବ ବୋଲି ଥାନାଧିକାରୀ କହିଛନ୍ତି। ଘାଟି ରାସ୍ତା ସଫା ରଖିବା ପାଇଁ ଭାରୀଯାନକୁ ପରିସ୍ଥିତି ଅନୁସାରେ ରାସ୍ତାର ଉଭୟ ପାଶ୍ୱର୍ରେ ଦିନରେ କିଛିଘଣ୍ଟା ରୋକା ଯାଇପାରେ ବୋଲି ସୂଚନା ମିଳିଛି।

## ଶ୍ରୀରାମନଗରରେ ବ୍ରହ୍ମେଶ୍ୱରଙ୍କ ଶୀତଳ ଷଷ୍ଠୀ


ଆନନ୍ଦପୁର, ୧୮।୬(ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ଶ୍ରୀରାମ ନଗରରେ ଶିବ ବିବାହ ଉତ୍ସବ ପାଳିତ ହୋଇଛି। ମୁଖ୍ୟ



ପୂଜକ ପଣ୍ଡିତ ପ୍ରଶାନ୍ତ ପଣ୍ଡା, ପଣ୍ଡିତ ସତ୍ୟମ ଆଚାର୍ଯ୍ୟ, ପଣ୍ଡିତ ମହାପ୍ରସାଦ ପଣ୍ଡା ଓ ପଣ୍ଡିତ ପ୍ରଭାସ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ସଂକଳ୍ପରେ କନ୍ୟା ପିତା ଭାବେ ମୃତ୍ୟୁଞ୍ଜୟ ନାୟକ ତାଙ୍କ ଧର୍ମପତ୍ନୀ ମିନାକ୍ଷୀ ନାୟକ ଏବଂ ବର ପିତା ଭାବେ ସୌଭାଗ୍ୟ ରଞ୍ଜନ ସାହୁ ପତ୍ନୀ ଶାଶ୍ୱତୀ ସାହୁ ବସିଥିଲେ। ସନ୍ଧ୍ୟାରେ ବାଜା, ବାଣ ଓ ରୋଶଣିରେ ସହର ପରିକ୍ରମା କରିଥିଲେ। ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସଭାପତି ପୋଲସ୍ତ୍ୟ ସାହୁ, ସମ୍ପାଦକ ଯଦୁନାଥ ମହାରଣା, ଡାକ୍ତର ଦିଲ୍ଲୀପ ନାୟକ, ସୁରେଶ ପଣ୍ଡା, ଧନଞ୍ଜୟ ନାୟକ, ଦିନେଶ ପଣ୍ଡା, ପ୍ରମୋଦ ଦାସ, ବିଜୟ ବାରିକ, ରବିକୁମାର ମୁର୍ମୁ, ଖଗେଶ୍ୱର ସାହୁଙ୍କ ସମେତ ଅଞ୍ଚଳବାସୀ ପରିଚାଳନା କରିଥିଲେ।

## ବଜାରରେ ଖଜୁରୀ କୋଳିର ଚାହିଦା

ମୋରଡ଼ା,୧୮।୬(ସମିସ): ମୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ଏବେ ପାଚିଲା ଖଜୁରୀ କୋଳିର ମିଠା ବାସ୍ନାରେ ମହକୁଛି ସମଗ୍ର ଅଞ୍ଚଳ। ଗ୍ରୀଷ୍ମଋତୁରେ ଏହି ସ୍ୱାଦିଷ୍ଟ ଫଳ ସ୍ଥାନୀୟ ଗରିବ ଶ୍ରେଣୀର



ଲୋକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଛି। ବଜାରରେ ଏହାର ଚାହିଦା ଦେଖିବାକୁ ମିଳିଛି। ସଚେତନତା ଅଭାବରୁ କିଛି ଲୋକ ଗଛରୁ ରସ ବାହାର କରି ଦେଶୀ ମଦ ପ୍ରସ୍ତୁତ କରୁଥିବା ଓ କନ୍ଦା ଖାଇବା ଆଶାରେ ଗଛ କାଟି ଦେଉଥିବାରୁ ଏହି ପ୍ରାକୃତିକ ସମ୍ପଦ ନଷ୍ଟ ହେବାକୁ ବସିଲାଣି। ଉଦ୍ୟାନ କୃଷି ଚାଷୀ ପ୍ରତାପ ମହାନ୍ତଙ୍କ ମତରେ ଅଞ୍ଚଳରେ ଫାଙ୍କା ପଡ଼ିଥିବା ଶହ ଶହ ଏକର ଜମିରେ ଯଦି ଉଦ୍ୟାନ କୃଷି ବିଭାଗ ସହାୟତାରେ ବ୍ୟବସାୟିକ ଭିତ୍ତରେ ଖଜୁରୀ ଚାଷ କରାଯା'ନ୍ତା, ତେବେ ଏହା ବ୍ୟାପକ ରୋଜଗାର ସୃଷ୍ଟି ହୋଇପାରନ୍ତା। ଏହି ଗଛର ପତ୍ରରୁ ଚଟେଇ, ମସିଣା ଓ ରସରୁ ସ୍ୱାଦିଷ୍ଟ "ଖଜୁରୀ ଗୁଡ଼" ପ୍ରସ୍ତୁତ କରି ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହୋଇପାରିବେ। ସରକାରୀ ସ୍ତରରେ ଏହାର ସୁରକ୍ଷା ଓ ସଠିକ୍ ବଜାରୀକରଣ କରାଗଲେ ମୋରଡା ବ୍ଲକ୍‌ରେ ଆଗାମୀ ଦିନରେ ଖଜୁରୀର ଏକ ପ୍ରମୁଖ ମଣ୍ଡି ପାଲଟିବ ବୋଲି ଆଶା କରାଯାଉଛି।

## ଓଏଏସ୍ ପରୀକ୍ଷାରେ ସଫଳ କୃଷ୍ଣଚନ୍ଦ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୮।୬ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଖଳିଆମେଣ୍ଟା ଗ୍ରାମ ପଞ୍ଚାୟତର ପଞ୍ଚୁଗୋଛିଆ ଗ୍ରାମର ବାସିନ୍ଦା କୃଷ୍ଣଚନ୍ଦ୍ର ହେମ୍ବ୍ରମ ଶୈଶବରୁ ଦୃଷ୍ଟିଜନିତ ସମସ୍ୟାରେ ପୀଡ଼ିତ ଥିଲେ। ସେ ନିଜର ଅଧ୍ୟବସାୟ ଓ ଆତ୍ମବିଶ୍ୱାସ ବଳରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଦିବ୍ୟାଙ୍ଗ ବର୍ଗରେ ସେ ରାଜ୍ୟସ୍ତରରେ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କର ଏହି ସଫଳତା ସମଗ୍ର ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି। ଏହି ଅବସରରେ ଧନେଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ଖାଳିଆମେଣ୍ଟାର ସଭାପତି ଓ ସଦସ୍ୟବୃନ୍ଦ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କୃଷ୍ଣଚନ୍ଦ୍ରଙ୍କୁ ସମ୍ମାନିତ କରିଥିଲେ। ବକ୍ତାମାନେ କହିଥିଲେ ଯେ ଶାରୀରିକ ପ୍ରତିବନ୍ଧକତା କେବେ ବି ସଫଳତାର ପଥରେ ବାଧା ସୃଷ୍ଟି କରିପାରେ ନାହିଁ; ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କୃଷ୍ଣଚନ୍ଦ୍ର ହେମ୍ବ୍ରମ। ସମସ୍ତେ ତାଙ୍କ ଉଜ୍ଜ୍ୱଳ ପ୍ରଶାସନିକ ଜୀବନ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

### ସାନ୍ତାଳୀ ଭାଷାର ବିକାଶ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ଓଡ଼ିଶାରେ ସାନ୍ତାଳୀ ଭାଷାର ସରକାରୀ ମାନ୍ୟତା ନେଇ ଉଦବେଗ

ବାରିପଦା, ୧୮।୬(ସମିସ)

ନିଖିଳ ଓଡ଼ିଶା ସାନ୍ତାଳୀ ସ୍ନାତକୋତ୍ତର ଛାତ୍ର ସଂଘ ପକ୍ଷରୁ ସାନ୍ତାଳୀ ଭାଷା, ସାହିତ୍ୟ ଓ ଶିକ୍ଷାର ସାମଗ୍ରିକ ବିକାଶ ସମ୍ବନ୍ଧୀୟ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ବାରିପଦାର ଲାୟନ୍ସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଭାଷାଭିତ୍ତିକ ସଂଗଠନର ପ୍ରତିନିଧି ଯୋଗଦେଇ ସାନ୍ତାଳୀ ଭାଷାର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ଦିଗ, ରାଜ୍ୟ ସରକାରଙ୍କ ମାନ୍ୟତା ଉପରେ ନିଜ ମତାମତ ଉପସ୍ଥାପନ କରିଥିବାବେଳେ ରାଜ୍ୟରେ ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।




ଉଦ୍‌ଘାଟନୀ ଅଧିବେଶନରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀର ସାନ୍ତାଳୀ ଭାଷା ଆବାହକ ଚୈତନ୍ୟ ପ୍ରସାଦ ମାଝୀ, ମିଶନ ଅଲଚିକିର ପରାମର୍ଶଦାତା ମାଙ୍ଗାତ ମୁର୍ମୁ, ଅବସରପ୍ରାପ୍ତ ଆଇଆରପିଏସ ମେଘରାୟ ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀର୍ଘଦିନ ଧରି ସାନ୍ତାଳୀ ଭାଷାକୁ ଭାଷାଗତ ସଂଖ୍ୟାଲଘୁ ମାନ୍ୟତା ଓ ଦ୍ୱିତୀୟ ରାଜଭାଷାର ମର୍ଯ୍ୟାଦା ପ୍ରଦାନ ଦାବି ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଉପସ୍ଥାପିତ ହୋଇଆସୁଥିଲେ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳସ୍ୱରୂପ ସାନ୍ତାଳୀ ଭାଷାର ଶିକ୍ଷା, ପ୍ରଶାସନିକ ବ୍ୟବହାର ଓ ଭାଷାଭିତ୍ତିକ ବିଭିନ୍ନ ସୁବିଧା ଓ ସୁଯୋଗରୁ ସାନ୍ତାଳୀ ଭାଷାଭାଷୀ ସମ୍ପ୍ରଦାୟ ବଞ୍ଚିତ ହୋଇରହିଛନ୍ତି ବୋଲି କହିଥିଲେ। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚାରୋଟି ଅଧିବେଶନ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ଅଧିବେଶନରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଚୁନିଅନ ରଘୁ ମୁର୍ମୁ, ସାହିତ୍ୟ ଏକାଡେମୀର ପୂର୍ବତନ ଆବାହକ ମଦନମୋହନ ସୋରେନ, ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶାର ସମ୍ପାଦକ ଅର୍ଜ୍ଜୁନ ମାରାଣ୍ଡି, ନୋହା ଟ୍ରଷ୍ଟର ଅଧ୍ୟକ୍ଷ ବାଘରାୟ ଚରଣ ହେମ୍ବ୍ରମ, ଏମଏସସିବି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ ଯତୀନ୍ଦ୍ର ନାଥ ବେଶ୍ରା, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ରତିକାନ୍ତ ମାଝୀ, ସେବା ଟ୍ରଷ୍ଟର ଚମ୍ପାବତୀ ହାଁସଦା, ଡିଆଇଇଟିର ସହ ଅଧ୍ୟାପକ ଡ ସାଉନା ମାଝୀ, ଅଧ୍ୟାପକ ଆଦିମ ମାର୍ଶାଲ ମାଇସା ଠାକୁର ମୁର୍ମୁ, ଆର ଅଶ୍ୱନୀ ରଞ୍ଜନ ମୁର୍ମୁ, ନାରାୟଣ ମୁର୍ମୁ, ସାନ୍ତାଳୀ ରିସର୍ଚ୍ଚ ଫାଉଣ୍ଡେସନର ପ୍ରତିଷ୍ଠାତା ଚନ୍ଦ୍ରମୋହନ ମୁର୍ମୁ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ରଖି ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ

### ରାଜ୍ୟର ୬୦ଟି ସଂଗଠନର କର୍ମକର୍ତ୍ତାଙ୍କ ଯୋଗଦାନ

ସାନ୍ତାଳୀ ଭାଷା ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ପାଇଥିବାବେଳେ ପଶ୍ଚିମବଙ୍ଗରେ ଏହା ଉଭୟ ଦ୍ୱିତୀୟ ସରକାରୀ ଭାଷା ଓ ଭାଷାଗତ ସଂଖ୍ୟାଲଘୁ ଭାଷା ଭାବେ ସ୍ୱୀକୃତି ଲାଭ କରିଛି। କିନ୍ତୁ ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ମଧ୍ୟ ଏହି ଦିଗରେ ଆଶାନୁରୂପ କୌଣସି ଅଗ୍ରଗତି ପରିଲକ୍ଷିତ ହେଉନାହିଁ। ୨୦୨୩ ମସିହାରେ ରାଜ୍ୟ ସରକାର ସାନ୍ତାଳୀ ଭାଷା ସମ୍ପର୍କିତ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। କମିଟି ତାହାର ସୁପାରିଶରେ ସାନ୍ତାଳୀ ଭାଷାକୁ ଭାଷାଗତ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ସପକ୍ଷରେ ମତ ପ୍ରକାଶ କରିଥିଲା। ତଥାପି ଏହି ସୁପାରିଶ ଉପରେ ଏପର୍ଯ୍ୟନ୍ତ କୌଣସି ଠୋସ ଅଗ୍ରଗତି ହୋଇ ନ ଥିବାରୁ ବକ୍ତାମାନେ ଗଭୀର ଉଦବେଗ ଓ ଦୁଃଖ ପ୍ରକାଶ କରିଥିଲେ।

ଏଥିସହ ବିଭିନ୍ନ ସଂଗଠନର ପ୍ରତିନିଧି ଏକ ସମନ୍ୱୟ କମିଟି ଗଠନ କରି ସରକାରଙ୍କ ନିକଟରେ ସାନ୍ତାଳୀ ଭାଷାର ନ୍ୟାୟ ସଙ୍ଗତ ଦାବି ଦୃଢ଼ତାର ସହ ଉପସ୍ଥାପନ କରିବା ଓ ଏହାର ଶୀଘ୍ର କାର୍ଯ୍ୟକାରିତା ପାଇଁ ସମନ୍ୱିତ ଭାବେ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଘର ସଭାପତି ବିକ୍ରମ ବେଶ୍ରା, ଦୁଃଖୁ ମାରାଣ୍ଡି, ଚାମ୍ପାଇ ମୁର୍ମୁ, ସାଲଗେ କିସ୍କୁ, ଶ୍ରୀରାମ ଟୁଡୁ, ମଦନ ହେମ୍ବ୍ରମ, ମିନତୀ ମାରାଣ୍ଡି, ସୁମିତ୍ରା ଟୁଡୁ, ମନସା ମୋହନ ହେମ୍ବ୍ରମ, ସନେର ସିଂ ହାଁସଦା, ବିଦ୍ୟୁତପ୍ରଭା ହାଁସଦା, ସିମଲ ସୋରେନ, ବିଷ୍ଣୁ ହାଁସଦା, ପଞ୍ଚୁ ଟୁଡୁ, ଜମୁନା ଟୁଡୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମରେ ୬୦ଟି ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୧୦- ପ୍ରଥମ ଥର ପାଇଁ ୱାଶିଙ୍ଗଟନ୍‌ରେ ପିତୃ ଦିବସ ପାଳନ କରାଗଲା।
- ୧୯୩୩- ଅଷ୍ଟ୍ରିଆ ସରକାର ନାଜି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲେ।
- ୧୯୬୮ - ମାର୍ଟିନ୍ ଲୁଥର୍ କିଙ୍ଗ୍‌ଙ୍କ ନେତୃତ୍ୱରେ ଆର୍ଥିକ ନ୍ୟାୟ ପାଇଁ ୫୦ ହଜାର ଲୋକ ବିକ୍ଷୋଭ କଲେ।
- ୧୯୯୧- ସୋଭିଏତ୍ ସଂଘରୁ ହଙ୍ଗେରି ମୁକ୍ତ ହେଲା ।



# ୪୦ ବର୍ଷ ପରେ ରଜନୀକାନ୍ତ -ହ୍ରିତିକ୍

ସୁପରଷ୍ଟାର୍ ରଜନୀକାନ୍ତ ଏବେ ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ଜେଲର୍'ର ସିକ୍ୱେଲକୁ ନେଇ ଚର୍ଚ୍ଚାରେ। ଅନେକ ଦିନ ହେଲାଣି 'ଜେଲର୍ ୨'ରେ ଶାହାରୁଖ୍ ଖାନ୍ ଅତିଥି କଳାକାର ଭାବେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ଶାହାରୁଖ୍ ଏବେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଥିବାରୁ ସେ ଏଥିରୁ ଓହରି ଯାଇଛନ୍ତି। ଏବେ ଏଥିରେ ହ୍ରିତିକ୍ ରୋଶନ ଶାହାରୁଖ୍‌ଙ୍କ ସ୍ଥାନ ନେବେ ବୋଲି ଜଣାପଡ଼ିଛି। ଏବେ ଏହି ଫିଲ୍ମ ମାଧ୍ୟମରେ ରଜନୀକାନ୍ତ ଓ ହ୍ରିତିକ୍‌ଙ୍କୁ ଦୀର୍ଘ ୪୦ ବର୍ଷ ପରେ ପରଦା ଉପରେ ଏକାଠି ଦେଖିବାକୁ ମିଳିବ। ଏହା ପୂର୍ବରୁ ଏହି ଦୁଇ କଳାକାର ୧୯୮୬ ମସିହାରେ ଆସିଥିବା ସିନେମା 'ଭଗବାନ ଦାଦା'ରେ ଏକାଠି ନଜର ଆସିଥିଲେ। ଏଥିରେ ଶିଶୁ କଳାକାର ଭାବେ ହ୍ରିତିକ୍, ରଜନୀକାନ୍ତଙ୍କ ପୁଅ ଭୂମିକାରେ ଅଭିନୟ କରିଥିଲେ। ହ୍ରିତିକ୍ ଜୁନ୍ ୨୨ରେ 'ଜେଲର୍ ୨'ର ସୁଟିଂ ଚେନ୍ନାଇରେ ଆରମ୍ଭ କରିବେ। ସେ ସିନେମାରେ ଏମିତି ଏକ ପଏଣ୍ଟରେ ଏଣ୍ଟ୍ରି ମାରିବେ ଯାହା ରଜନୀକାନ୍ତଙ୍କ ଭୂମିକାକୁ ଆଗକୁ ବଢ଼ାଇବ। ନେଲ୍‌ସନ୍ ଦିଲୀପ କୁମାର ଏହାର ନିର୍ଦ୍ଦେଶନା ଦେଉଥିବାବେଳେ ସନ୍ ପିକଚର୍ସ ଏହାକୁ ନିର୍ମାଣ କରୁଛି। ଯଦିଓ ସିନେମାଟି ଆସନ୍ତା ସେପ୍ଟେମ୍ବରରେ ରିଲିଜ୍ ହେବ ବୋଲି କୁହାଯାଉଛି ହେଲେ ଏନେଇ କୌଣସି ବିଧିବଦ୍ଧ ଭାବେ ସୂଚନା ଆସିନାହିଁ।

# ୫ ଲକ୍ଷର ତରଭୁଜ




ଭାରତରେ ୨୦-୧୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ତରଭୁଜ ଜାପାନରେ ଲକ୍ଷାଧିକ ଟଙ୍କାରେ ବିକ୍ରି ହୁଏ। ଏକଥା ଜାଣି ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଅବଶ୍ୟ ଏହା ଭାରତର ତରଭୁଜଠାରୁ ସମ୍ପୂର୍ଣ୍ଣ ଅଲଗା। ଡେନ୍‌ସୁକେ ତରଭୁଜ ହେଉଛି ବିଶ୍ୱର ସବୁଠାରୁ ଦାମୀ ତରଭୁଜ। ଜାପାନର ହୋକାଇଡୋ ଦ୍ୱୀପରେ ଏହା ଚାଷ କରାଯାଏ। ଏହାର ଅସାଧାରଣ ରଙ୍ଗ, ସ୍ୱାଦ ଏବଂ ଅତ୍ୟଧିକ ମୂଲ୍ୟ ପାଇଁ ଏହା ସାରା ବିଶ୍ୱରେ ପ୍ରସିଦ୍ଧ। ଏହାର ବାହାର ଚୋପା ସମ୍ପୂର୍ଣ୍ଣ ଗାଢ଼ ସବୁଜ ବା ଚମକଦାର କଳା ରଙ୍ଗର ହୋଇଥାଏ, ଯେଉଁଥିପାଇଁ ଏହାକୁ ବ୍ଲାକ୍ ଡାଇମଣ୍ଡ ମଧ୍ୟ କୁହାଯାଏ। ଏହାର ଭିତର ଅଂଶଟି ସାଧାରଣ ତରଭୁଜ ଭଳି ଲାଲ୍ ରଙ୍ଗର ହୋଇଥାଏ, କିନ୍ତୁ ଏହା ଅଧିକ ମିଠା ଏବଂ ରସାଳ ହୋଇଥାଏ। ଏହି ତରଭୁଜ କେବଳ ହୋକାଇଡୋର ଆଗ୍ନେୟଗିରି ମାଟିରେ ହିଁ ଭଲ ଭାବେ ବଢ଼ିଥାଏ। ଏହା ବେଶ୍ କମ୍ ଫଳୁଥିବା କାରଣରୁ ଏହାର ଦାମ୍ ଅଧିକ ହୋଇଥାଏ। ବର୍ଷକୁ କେବଳ ୧୦୦ଟି ଏଭଳି ତରଭୁଜ ଉତ୍ପାଦନ ହୋଇଥାଏ। ସେଥିପାଇଁ ଏହାକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଏ। ଏକ ସାଧାରଣ ଡେନ୍‌ସୁକେ ତରଭୁଜର ମୂଲ୍ୟ ୨୦,୦୦୦ ଟଙ୍କାରୁ ଅଧିକ ହୋଇଥାଏ। ୨୦୦୮ ମସିହାରେ ହୋଇଥିବା ଏକ ନିଲାମରେ ଏହାର ଗୋଟିଏ ତରଭୁଜ ୫ ଲକ୍ଷ ଟଙ୍କାରେ ବିକ୍ରି ହୋଇ ରେକର୍ଡ କରିଥିଲା। ଜାପାନରେ ଏହି ତରଭୁଜକୁ ଗର୍ବର ପ୍ରତୀକ ଭାବେ ବିବେଚନା କରାଯାଏ। ଏହାକୁ ଲୋକେ ଦାମୀ ଉପହାର ଭାବେ ବି କିଣନ୍ତି। ସେଥିପାଇଁ ଲୋକେ ବିବାହ ଉତ୍ସବ, ପାର୍ଟି ଆଦି ଭଳି ବିଶେଷ ଅବସରରେ ଏହାକୁ ଉପହାର ସ୍ୱରୂପ ଦିଅନ୍ତି। ଅନେକ ବଡ଼ ହୋଟେଲ ବିଶେଷ ଅତିଥିଙ୍କୁ ଏହା ପରଷି ଥାଏ।

# ରୋବଟ୍ ମାଗୁଛି ଭିକ

ଆଜିକାଲି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫଟୋ ତଥା ଭିଡିଓ ଲୋକଙ୍କ ଦୃଷ୍ଟିଆକର୍ଷଣ କରୁଛି। ଏହି କ୍ରମରେ ଚୀନ୍‌ର ଏକ ଭିଡିଓ ଏବେ ଖୁବ୍ ଭାଇରାଲ ହେଉଛି। ଏଥିରେ ଚୀନ୍ ରାଜରାସ୍ତା ଉପରେ ଏକ ରୋବଟ୍ ରାସ୍ତାରେ ବସି ଭିକ ମାଗୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖି ଲୋକେ ବି ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ରୋବଟ୍‌ଟି ତା'ର ଦୁଇ ଗୋଡ଼ରେ ଆଣ୍ଠୁମାଡ଼ି ରାସ୍ତା ଉପରେ ବସିଛି। ତା'ସହ ରୋବଟ୍ ସମ୍ମୁଖରେ ଏକ କ୍ୟୁଆର୍ କୋଡ୍, ଗୋଟିଏ ପ୍ଲେଟ୍ ଏବଂ ବ୍ୟାଗ୍ ରଖାଯାଇଛି। ସେହିପରି ସେଇ ବାଟ ଦେଇ ଯାଉଥିବା ଲୋକଙ୍କୁ ରୋବଟ୍‌ଟି ପ୍ଲେଟ୍ ଉଠାଇ ଭିକ ମାଗୁଥିବାର ଦେଖାଯାଇଛି। ଅନ୍ୟପଟେ ଲୋକମାନେ ବି ସେହି ପ୍ଲେଟ୍‌ରେ ଟଙ୍କା ରଖି ଚାଲି ଯାଉଛନ୍ତି। ତେବେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। କିଏ ଏହାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣରୁ ଦେଖୁଥିବା ବେଳେ ଆଉ କିଏ ଭବିଷ୍ୟତରେ ଏଆଇ ଏବଂ ରୋବଟିକ୍‌ର ବ୍ୟବହାରକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।



# ଯୁବପିଢ଼ିଙ୍କୁ ହୃଦ୍‌ଘାତ

**ହୃତ୍‌ପିଣ୍ଡର ଗୋଟିଏ ଅଂଶକୁ ରକ୍ତ ସରବରାହ ବନ୍ଦ ହୋଇଯିବାକୁ ହୃଦ୍‌ଘାତ ବା ହାର୍ଟ ଆଟାକ୍ କୁହାଯାଏ। ହୃଦ୍‌ଘାତ ବର୍ତ୍ତମାନ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହାଦ୍ୱାରା ପ୍ରତିବର୍ଷ ଅନେକ ରୋଗୀ ଅସମୟରେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଆମ ଦେଶରେ ଅପେକ୍ଷାକୃତ ଭାବରେ ଯୁବାବସ୍ଥାରେ ଏହା ଦେଖାଯାଉଛି। ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ କମ୍ ଦେଖାଯାଏ, ତେବେ ଏହା ଅତ୍ୟନ୍ତ ଗୁରୁତର ସମସ୍ୟା। ଏହାର ମୁଖ୍ୟ କାରଣ ହେଉଛି ବଂଶାନୁଗତ ସମସ୍ୟା, ଅନିୟନ୍ତ୍ରିତ ଉଚ୍ଚ ରକ୍ତଚାପ, ମଧୁମେହ, ଶାରୀରିକ ନିଷ୍କ୍ରିୟତା, ମେଦବହୁଳତା, ମାନସିକ ଚାପ ଓ ନିଦ୍ରାହୀନତା।**



ଆଜିକାଲି ଯୁବପିଢ଼ି ଘଣ୍ଟା ଘଣ୍ଟା ଧରି ମୋବାଇଲ୍, ଟିଭି, ଭିଡିଓ ଗେମ୍‌ରେ ବ୍ୟସ୍ତ ରହୁଛନ୍ତି। ଶାରୀରିକ ବ୍ୟାୟାମ, ଖେଳ କସରତର ଅଭାବ ଯୋଗୁଁ ସେମାନଙ୍କ ହୃଦୟ ଏବଂ ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପଡ଼ିଥାଏ। ଏହାବାଦ୍ ଅତ୍ୟଧିକ ଚିନି, ଲୁଣ, ପ୍ରୋସେସ୍ଡ ଖାଦ୍ୟ, ଜଙ୍କ୍‌ଫୁଡ୍ ଖାଉଥିବାରୁ ମେଦବହୁଳତାର ଶିକାର ହେଉଛନ୍ତି। ମେଦବହୁଳତା ଯୋଗୁଁ ଉଚ୍ଚ ରକ୍ତ ଚାପ, ଉଚ୍ଚ କୋଲେଷ୍ଟ୍ରଲ୍, ଟାଇପ୍ -୨ ମଧୁମେହ ହେବାର ଆଶଙ୍କା ବଢ଼ିଥାଏ। ଏହା ହୃଦ୍‌ରୋଗ ସହିତ ଜଡ଼ିତ।

ତେଣୁ ଯୁବାବସ୍ଥାରେ ଛାତିରେ ଯନ୍ତ୍ରଣା ହେବା କିମ୍ବା ଚାପ ଅନୁଭବ କରିବା, ଖେଳିବା ସମୟରେ ଥକ୍କା ଲାଗିବା ଓ ବାରମ୍ବାର ବେହୋଶ ହେବା, ନିଃଶ୍ୱାସ ନେବାରେ କଷ୍ଟ ହେବା, ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ହୃଦ୍‌ସ୍ପନ୍ଦନ ଜୋର୍ ଜୋର୍ ଚାଲିବା ଆଦି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ତୁରନ୍ତ ନିକଟସ୍ଥ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ।

**ଉପଚାର:** ଯୁବପିଢ଼ିଙ୍କୁ ପ୍ରତିଦିନ ୩୦ମିନିଟ୍ ଶାରୀରିକ ବ୍ୟାୟାମ କରାଇବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ସେମାନେ ଖାଦ୍ୟପେୟରେ ସବୁଜ ପନିପରିବା ଓ ଫଳମୂଳ ସାମିଲ କରିବା ସହିତ ଦୈନିକ ୭ରୁ ୮ ଘଣ୍ଟା ଶୋଇବା ଜରୁରି। ଚିନ୍ତା ମୁକ୍ତ ରହିବାକୁ ଯୋଗ ଓ ପ୍ରାଣାୟମ କରିପାରିବେ। ପରିବାରରେ ଅନ୍ୟ କାହାର ହୃଦ୍‌ସମ୍ବନ୍ଧୀୟ ରୋଗ ଥିଲେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଏକାନ୍ତ ଆବଶ୍ୟକ।

## ଘର ବଇଦ

# ଅଜୀର୍ଣ୍ଣର ଉପଚାର

- ପ୍ରତିଦିନ ଖାଇବାର ପ୍ରାୟ ଏକ ଘଣ୍ଟା ପୂର୍ବରୁ ଦୁଇଅଣି ଓଜନ ଅଦା ସହିତ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ଖାଇଲେ ଅଜୀର୍ଣ୍ଣ ହେବ ନାହିଁ।
- ଖାଇବାର ୧୫ ମିନିଟ୍ ପରେ ୩ଟା ବା ୫ଟା ଗୋଲମରିଚ ଚୋବାଇ ଖାଇ ଉଷୁମ ପାଣି ଏକ ଗ୍ଲାସ୍ ପିଇଲେ ଯେତେ ଗରିଷ୍ଠ ଖାଦ୍ୟ ଖାଇଥିଲେ ମଧ ଜୀର୍ଣ୍ଣ ହୋଇଯିବ।
- ସୈନ୍ଧବ ଲବଣ, ଗୋଲମରିଚ ଓ ଭଜା ଜୀରା ସମଭାଗ ଏକତ୍ର ଚୂର୍ଣ୍ଣ କରି ଦୁଇଅଣା ମାତ୍ରାରେ ଗୁଆଦହି ସହିତ ଖାଇବେ।
- ଜୁଆଣୀ ୨୦ ତୋଳା, ସୈନ୍ଧବ ଲବଣ ଦୁଇ ତୋଳା, ବିଟ ଲବଣ ଦୁଇ ତୋଳା, କାଗେଜି ଲେମ୍ବୁ ରସରେ ପକାଇ ଶୁଖାଇ ରଖିବେ। ସୁକି ଓଜନରେ ଖାଇଲେ ଅଜୀର୍ଣ୍ଣ ଦୋଷ ନଷ୍ଟ ହୁଏ, କ୍ଷୁଧା ବୃଦ୍ଧି ହୁଏ, ଝାଡ଼ା, ବାନ୍ତି ଓ ପେଟର ବେଦନା ଶାନ୍ତି ହୁଏ।
- ଶୋଧିତ ଗନ୍ଧକ, ତ୍ରିକଟୁ, ଯବକ୍ଷାର, ସଜୀକ୍ଷାର, ସୈନ୍ଧବଲବଣ, ଲବଙ୍ଗ ସମଭାଗ ଏକତ୍ର ୧୨ ଘଣ୍ଟା ଲେମ୍ବୁ ରସରେ ମର୍ଦ୍ଦନ କରି ଦୁଇ ରତି ହିସାବରେ ବଟିକା କରି ଦିନକୁ ଦୁଇଥର ସକାଳ ଓ ସନ୍ଧ୍ୟାରେ ଖାଇଲେ କ୍ଷୁଧା ବଢ଼େ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ଓଜନ ହ୍ରାସ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା

**ବର୍ତ୍ତମାନ ସମସ୍ତେ ଫିଟ୍ ଓ ପତଳା ରହିବାକୁ ପସନ୍ଦ କରୁଛନ୍ତି। ଓଜନ ହ୍ରାସ ପାଇଁ କିଛି ଜଣ ବ୍ୟାୟାମ ଓ ଖାଦ୍ୟପେୟକୁ ଗୁରୁତ୍ୱ ଦେଉଥିବାବେଳେ ଆଉ କିଛି ଅତ୍ୟାଧୁନିକ ଔଷଧ ସେବନ କରୁଛନ୍ତି। ତେବେ ଏହି ଅତ୍ୟାଧୁନିକ ଔଷଧ ସେବନ କେତେ ନିରାପଦ ଜାଣିବା।**




ଓଜନ ହ୍ରାସ ଏବଂ ଟାଇପ୍-୨ ମଧୁମେହ ନିୟନ୍ତ୍ରଣ ପାଇଁ ବଜାରରେ ଅତ୍ୟାଧୁନିକ ଔଷଧ ଯଥା - ଜିଏଲ୍‌ପି-୧ ଆଗୋନିଷ୍ଟ, ଓଜେମ୍ପିକ, ଟିର୍‌ଜେପାଟାଇଡ ଆଦି ଔଷଧ ରହିଛି। ଏହି ଔଷଧକୁ ଦୀର୍ଘ ଦିନ ଧରି ସେବନ କରିବା ଦ୍ୱାରା ଏହାର ସାଧାରଣ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ପ୍ରଥମତଃ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗନି। ଏହା ପାକସ୍ଥଳିକୁ ଅଚଳ କରିବାର ଆଶଙ୍କା ବଢ଼ାଏ। ପେଟ ଯନ୍ତ୍ରଣା, ଖାଦ୍ୟ ହଜମରେ ବାଧା ଉପୁଜାଏ। ରକ୍ତ ଶର୍କରା କମ୍ ବେଶୀ ହୋଇଥାଏ। ଶରୀରରେ ନ୍ୟୁଟ୍ରିଶନ କମ୍ ହୋଇ ମାଂସପେଶୀ ଏବଂ ଅସ୍ଥି ଦୁର୍ବଳ ହୋଇପାରେ। ବାନ୍ତି, ପେଟ ଫୁଲିବା, ଝାଡ଼ା, କୋଷ୍ଠକାଠିନ୍ୟ, ଭୋକ ନ ଲାଗିବା ସମସ୍ୟା ମଧ ହୋଇଥାଏ। ହୃଦ୍‌ସ୍ପନ୍ଦନରେ ଅନିୟମିତତା, ମୁଣ୍ଡବିନ୍ଧା, ଅନିଦ୍ରା, କେଶ ଝଡ଼ିବା ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ତେଣୁ ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ସର୍ବଦା ଡାକ୍ତରଙ୍କ ଉଚିତ ପରାମର୍ଶ ନେବା ଉଚିତ। ପ୍ରାକୃତିକ ଉପାୟରେ ଓଜନ ନିୟନ୍ତ୍ରଣ କରିବା ଫଳପ୍ରଦ। ଏଥିପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସନ୍ତୁଳିତ ଖାଦ୍ୟ ସେବନ ଓ ନିୟମିତ ବ୍ୟାୟାମ, ଯୋଗାଭ୍ୟାସ କରିବା ଜରୁରି।

## ସଞ୍ଜୀବନୀ

# ଗର୍ଭାବସ୍ଥାରେ ମୁଖ ଗହ୍ୱରର ଯତ୍ନ

**ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଗର୍ଭାବସ୍ଥା ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ପ୍ରକାର ହରମୋନ୍‌ର ପରିବର୍ତ୍ତନ ହୋଇଥାଏ। ଏହା କେବଳ ସ୍ୱାସ୍ଥ୍ୟ ନୁହେଁ ବରଂ ମୁଖ ଗହ୍ୱରର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ତେଣୁ ଗର୍ଭାବସ୍ଥାରେ ମହିଳାମାନେ ମୁଖ ଗହ୍ୱରର ସଠିକ ଯତ୍ନ ନେବା ଆବଶ୍ୟକ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଗର୍ଭାବସ୍ଥାରେ ୬୦% ମହିଳାଙ୍କ ମାଢ଼ି ଫୁଲିବା, ମାଢ଼ିରୁ ରକ୍ତ ବାହାରିବା କିମ୍ବା ସଂକ୍ରମଣଜନିତ ସମସ୍ୟା ଦେଖାଯାଏ। ଦାନ୍ତ ଯନ୍ତ୍ରଣା ଯୋଗୁଁ ମହିଳାମାନେ ଦାନ୍ତ ଭଲଭାବେ ସଫା କରି ପାରନ୍ତିନି। ଦାନ୍ତରେ ଖାଦ୍ୟ କଣିକା ଜମି ଜୀବାଣୁ ବୃଦ୍ଧି ପାଇ ମୁଖ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଦୀର୍ଘଦିନ ଧରି ଏହାକୁ ଅଣଦେଖା କଲେ ଏହା ଜିଞ୍ଜିଭାଇଟିସ୍ ପରି ରୋଗ ଆଶଙ୍କାକୁ ବଢ଼ାଏ। ଏହାକୁ 'ଗର୍ଭାବସ୍ଥାଜନିତ ଜିଞ୍ଜିଭାଇଟିସ୍' କୁହାଯାଏ। ଏହା ମା ସହିତ ଗର୍ଭସ୍ଥ ଶିଶୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଫଳରେ ସମୟ ପୂର୍ବରୁ ଗର୍ଭଧାରଣ ଏବଂ କମ୍ ଓଜନଯୁକ୍ତ ପିଲା ଜନ୍ମ, ପିଲାର ମସ୍ତିଷ୍କ ଆଘାତ, ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ହ୍ରାସ ପରି ସମସ୍ୟା ବିକଶିତ ହୋଇପାରେ। ତେଣୁ ଗର୍ଭବତୀ ମହିଳାମାନେ ନିୟମିତ ସଠିକ୍ କୌଶଳରେ ଦାନ୍ତ ସଫା କରିବା ଜରୁରି। ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶରେ ଦିନରେ ଥରେ କିମ୍ବା ଦୁଇଥର ଫ୍ଲଶ୍ କରିପାରିବେ। ସନ୍ତୁଳିତ ଖାଦ୍ୟ ଖାଇବା ସହ ସଠିକ ମାତ୍ରାର ପାଣି ପିଇବା ଆବଶ୍ୟକ। ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ଦନ୍ତ ଚିକିତ୍ସକଙ୍କ ସହିତ ପରାମର୍ଶ କରିପାରିବେ।

# ଡିଟକ୍ସ ପାନୀୟ

**ଶରୀରର ଜଳୀୟଅଂଶକୁ ସନ୍ତୁଳିତ ରଖିବାକୁ ଡିଟକ୍ସ ପାନୀୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ପାଣି ସହିତ କିଛି ପରିମାଣରେ ଫଳ, ପରିବା କିମ୍ବା ଔଷଧୀୟ ପତ୍ରର ମିଶ୍ରଣରୁ ଡିଟକ୍ସ ପାନୀୟ ପ୍ରସ୍ତୁତ ହୋଇଥାଏ।**

- ଏକ ଜଗ୍‌ରେ ଲିଟର ପାଣି ନେଇ ସେଥିରେ ପତଳା କଟାଯାଇଥିବା ଲେମ୍ବୁ ଏବଂ କିଛି ପରିମାଣର ପୁଦିନା ପତ୍ର ମିଶାଇ ଫ୍ରିଜ୍‌ରେ ୨ରୁ ୩ ଘଣ୍ଟା ରଖାଯାଏ। ଏହି ଡିଟକ୍ସ ପାନୀୟ କିଛି କିଛି ମାତ୍ରା କରି ଦିନରେ ପିଇବା ଦ୍ୱାରା ଶରୀର ଥଣ୍ଡା ରୁହେ। ସେହିପରି କାକୁଡ଼ି ଏବଂ ପୁଦିନା ମିଶା ଡିଟକ୍ସ ପାନୀୟ ପିଇବା ଦ୍ୱାରା ଶରୀରର ଜଳୀୟଅଂଶ ସନ୍ତୁଳିତ ରୁହେ।
- ଏକ ଲିଟର ପାଣିରେ ପତଳା କଟାଯାଇଥିବା କାକୁଡ଼ି ଓ ଲେମ୍ବୁ ମିଶାଇ ୨ରୁ୩ ଘଣ୍ଟା ରଖି ପିଇଲେ ଏହା ଶରୀରକୁ ସତେଜ ରଖେ। ତ୍ୱଚାରେ ଚମକ ଆଣେ। ସେହିପରି ଏକ ଲିଟର ପାଣିରେ ତରଭୁଜ କଟାରେ ତୁଳସୀ ପତ୍ର ମିଶାଇ ୧ରୁ୨ଘଣ୍ଟା ରଖିବା ପରେ ଏହାକୁ ପିଇବା ଦ୍ୱାରା ମାଂସପେଶୀ ସୁସ୍ଥ ରୁହେ। ଡିଟକ୍ସ ପାନୀୟ ଶରୀରକୁ ଜଳୀୟଅଂଶ ପ୍ରଦାନ କରିବା ସହ ଆବଶ୍ୟକ ଭିଟାମିନ୍ ଏବଂ ମିନେରାଲ ଯୋଗାଏ। ଶରୀରରୁ ବିଷାକ୍ତ ଦ୍ରବ୍ୟ ବାହାର କରିବା ସହ ଏହା ପାଚନ କ୍ରିୟାକୁ ଉନ୍ନତ କରେ। ତେବେ ଡିଟକ୍ସ ପାନୀୟ ସହିତ ସନ୍ତୁଳିତ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ।

ସକାଳ THE SAKALA
www.sakalaepaper.com






# ଘାନାର ପ୍ରଥମ ବିଜୟ

ଟରଣ୍ଟୋ,୧୮ା୬(ଏଜେନ୍ସି): କାଲେବ ୟିରେଙ୍କିଙ୍କ ଷ୍ଟପେଜ୍ ଟାଇମ୍ ଗୋଲ ବଳରେ ସ୍ଥାନୀୟ ଟରଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲାକ୍ ଷ୍ଟାରସ ଘାନା ୧-୦ ଗୋଲ୍‌ରେ ପାନାମାକୁ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ସହ ପାନାମା ପୂରା ପଏଣ୍ଟ ପାଇଛି। ଘାନା ଓ ପାନାମା ମଧ୍ୟରେ ଖେଳାଯାଇଥିବା ମୁକାବିଲା ଶେଷ ପର୍ଯ୍ୟନ୍ତ ମୀମାଂସା ହୋଇ ପାରି ନ ଥିଲା। ଷ୍ଟପେଜ୍ ଟାଇମ୍‌ର ୫ମ ମିନିଟ୍‌ରେ ବ୍ରାଣ୍ଡନ ଥୋମାସ-ଆସାନ୍ତେଙ୍କଠାରୁ ବାସ୍ ପାଇ କାଲେବ ୟିରେଙ୍କି ଚମତ୍କାର ସଟ ବଳରେ ଗୋଲ ଦେଇଥିଲେ। ଏହି ଗୋଲ ବ୍ଲାକ୍ ଷ୍ଟାର୍ସଙ୍କୁ ବିଜୟୀ ଉତ୍ସବ ପାଳନ କରିବାରେ ବେଶ ଖୋରାକ ଯୋଗାଇଥିଲା। ଚଳିତ ବିଶ୍ୱକପ୍‌ରେ ଶେଷ ଶେଷ ହେବାର ଅଳ୍ପ ସମୟ ବା ଷ୍ଟପେଜ୍ ଟାଇମ୍‌ରେ ଏଯାଏ ୨ଟି ଗୋଲ ହୋଇଛି। ଏହି ଗୋଲ କରିଥିବା ଦୁଇଟି ଯାକ ଦଳ ଆଫ୍ରିକୀୟ ମହାଦେଶର ଓ ଉଭୟ ୧-୦ ଗୋଲରେ ବିଜୟୀ ହୋଇଛନ୍ତି। ପୂର୍ବରୁ ଇକ୍ୱେଡରକୁ ମଧ୍ୟ ଷ୍ଟପେଜ୍ ଟାଇମ୍ ଗୋଲରେ ଆଇଭରି କୋଷ୍ଟ ପରାସ୍ତ କରିଥିଲା।

# ମେସି, ରୋନାଲ୍ଡୋଙ୍କ ରେକର୍ଡ ଷଷ୍ଠ ବିଶ୍ୱକପ୍

ୱାସିଂଟନ,୧୮ା୬(ଏଜେନ୍ସି): ବିଶ୍ୱଫୁଟବଲର ଦୁଇ ସୁପରଷ୍ଟାର ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଚଳିତ ବିଶ୍ୱକପ୍‌ରେ ପ୍ରଥମ ମ୍ୟାଚ୍ ଖେଳି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି। ଗ୍ରୁପ୍-ଏଚ୍‌ରେ ଆଲଜେରିଆ ସହ ଖେଳି ମେସି ପ୍ରଥମ ଖେଳାଳି ଭାବେ ୬ଷ୍ଠ ବିଶ୍ୱକପ୍ ପଦାର୍ପଣ କରିଥିଲେ। କେବଳ ଏତିକି ନୁହେଁ ଏହି ମ୍ୟାଚରେ ସେ ହ୍ୟାଟ୍ରିକ୍ ଗୋଲ ସ୍କୋର ତାଙ୍କ ରେକର୍ଡକୁ ସ୍ମରଣୀୟ କରିପାରିଛନ୍ତି। ସେ ମଧ୍ୟ ୨୭ତମ ମ୍ୟାଚ୍‌ରେ ୧୬ତମ ଗୋଲ ଦେଇ ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ସର୍ବାଧିକ ଗୋଲ ଦେବାରେ ଜର୍ମାନୀୟ ମିରୋସ୍ଲାଭ୍ କୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କିନ୍ତୁ ରୋନାଲ୍ଡୋଙ୍କ ପଦାର୍ପଣ ରେକର୍ଡ ଛଡ଼ା ସ୍ମରଣୀୟ କଲ ଭଳି କିଛି ପ୍ରଦର୍ଶନ କରିପାରି ନାହାନ୍ତି। ସେ ଜଣେ ଷ୍ଟ୍ରାଇକର ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଗୋଲ ଦେଇପାରି ନାହାନ୍ତି। ଏପରିକି କଙ୍ଗୋ ଭଳି ଦଳ ସହ ମଧ୍ୟ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ମ୍ୟାଚ୍ ଡ୍ର ରଖିଛି। ଉଭୟ ୩୯ ବର୍ଷିୟ ମେସି ଓ ୪୧ ବର୍ଷିୟ ରୋନାଲ୍ଡୋ, ୨୦୦୬ରେ ଜର୍ମାନୀ, ୨୦୧୦ରେ ଦକ୍ଷିଣ ଆଫ୍ରିକା, ୨୦୧୪ରେ ବ୍ରାଜିଲ, ୨୦୧୮ରେ ରୁଷିଆ, ୨୦୨୨ରେ କତାର ଓ ଏବେ ୨୦୨୬ରେ ଉତ୍ତର ଆମେରିକାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଖେଳିଛନ୍ତି।

## ହ୍ୟାରୀ କେନ୍, ଜୁଡ ବେଲିଂହାମ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ

# କ୍ରୋଏସିଆକୁ ହରାଇ ଇଂଲଣ୍ଡର ପ୍ରତିଶୋଧ

ଆର୍ଲିଙ୍ଗଟନ,୧୮ା୬(ଏଜେନ୍ସି): ଷ୍ଟାର ଖେଳାଳି ହ୍ୟାରୀ କେନ୍‌ଙ୍କ ଡବଲ ଗୋଲ, ଜୁଡ ବେଲିଂହାମ ଓ ମାର୍କସ ରାଶଫୋର୍ଡଙ୍କ ଗୋଟିଏ ଲେଖାଏଁ ଗୋଲ ବଳରେ କ୍ରୋଏସିଆକୁ ୪-୨ ଗୋଲରେ ପରାସ୍ତ କରି ଫିଫା ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ବିଜୟ ସହ ୨୦୧୮ ସେମିଫାଇନାଲରେ କ୍ରୋଏସିଆଠାରୁ ପରାଜୟର ପ୍ରତିଶୋଧ ନେବାରେ ମଧ୍ୟ ସଫଳ ହୋଇଛି ଇଂଲଣ୍ଡ। ଏଥର ଇଂଲଣ୍ଡ ଦଳ ବେଶ ଶକ୍ତିଶାଳୀ ରହିଥିଲାବେଳେ କ୍ରୋଏସିଆକୁ ହରାଇବା ଲାଗି ବିଶେଷ କଷ୍ଟ କରିବାକୁ ପଡ଼ି ନ ଥିଲା। ପରାଜିତ କ୍ରୋଏସିଆ ପକ୍ଷରୁ ମାର୍ଟିନ ବାଟୁରିନା ପେଟାର ମୁସା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଉଭୟ ଦଳ ଖେଳକୁ ସମାନ ନିୟନ୍ତ୍ରଣରେ ରଖିଥିଲାବେଳେ ବେଲିଂହାମ ଓ ବଦଳ ଖେଳାଳି ରାଶଫୋର୍ଡଙ୍କ ଗୋଲ ଦଳକୁ ଜିତାଇଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କ ତ୍ରୁଟିରୁ ଉଭୟ ଦଳ ସେମାନଙ୍କ ପ୍ରଥମ ଗୋଲ ସ୍କୋର କରିଥିଲେ। ଖେଳର ୧୨ତମ ମିନିଟ୍‌ରେ ପେନାଲ୍ଟିର ହ୍ୟାରୀ କେନ୍ ପ୍ରଥମ ଓ ୪୨ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଏହା ଫଳରେ ଫିଫା ବିଶ୍ୱକପ୍‌ରେ



ସେ ଗ୍ୟାରୀ ଲିନେକରଙ୍କ ସର୍ବାଧିକ ୧୦ଟି ଗୋଲ ଦେବାରେ ଇଂଲଣ୍ଡ ରେକର୍ଡ ସହ ସମକକ୍ଷ ହୋଇଥିଲେ। ସେହିପରି ଇଂଲଣ୍ଡ ରକ୍ଷଣଭାଗର ତ୍ରୁଟିରୁ ଫାଇଦା ଉଠାଇ କ୍ରୋଏସିଆର ବାଟୁରିନା ଗୋଲ ଶୁଝାଇଥିଲେ। ୪୬ତମ ମିନିଟ୍‌ରେ ମୁସା ଆଉ ଏକ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାପରେ ଇଂଲଣ୍ଡ ପକ୍ଷରୁ ଘନ ଘନ ଆକ୍ରମଣ ହୋଇଥିଲା। ୪୭ତମ ମିନିଟ୍‌ରେ ଜୁଡ ବେଲିଂହାମ୍ ଏବଂ ୮୫ତମ ମିନିଟ୍‌ରେ ବଦଳ ଖେଳାଳିଭାବେ ଖେଳିବାକୁ ଆସିଥିବା ରାଶ୍‌ଫୋର୍ଡ ଗୋଟିଏ ଲେଖାଏଁ ଗୋଲ ଦେଇ ଗ୍ରୁପ୍-ଏଲ୍‌ରେ ଇଂଲଣ୍ଡ ବିଜୟକୁ ସୁନିଶ୍ଚିତ କରିଥିଲେ।

# ପର୍ତ୍ତୁଗାଲଙ୍କୁ ନାକେଦମ କଲା କଙ୍ଗୋ



ହଷ୍ଟନ,୧୮ା୬(ଏଜେନ୍ସି): ଶକ୍ତିଶାଳୀ ତଥା ବିଶ୍ୱର ଅନ୍ୟତମ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ସହ ଡିଆର୍ କଙ୍ଗୋ ଜବରଦସ୍ତ ଖେଳି ମ୍ୟାଚ୍ ଡ୍ର ରଖିଛି। ପର୍ତ୍ତୁଗାଲ ପକ୍ଷରୁ ଖେଳର ୬ଷ୍ଠ ମିନିଟ୍‌ରେ ଜୋଆଓ ନେଭେସ୍ ଏବଂ କଙ୍ଗୋ ପକ୍ଷରୁ ୟୋଆନେ ୱିସା ପ୍ରଥମାର୍ଦ୍ଧର ଷ୍ଟପେଜ୍ ଟାଇମ୍‌ରେ ଗୋଲ ଦେଇଥିଲେ। କିନ୍ତୁ ପର୍ତ୍ତୁଗାଲ ଏହି ମ୍ୟାଚ୍ ଜିତି ନ ପାରିବା ଏକ ବିପର୍ଯ୍ୟୟ ସହ ତୁଳନା କରାଯାଉଛି। ଏହି ମ୍ୟାଚ୍‌ରେ ପଦାର୍ପଣ କରି ସୁପରଷ୍ଟାର ରୋନାଲ୍ଡୋ ରେକର୍ଡ କରିଥିଲେ ମଧ୍ୟ ଦଳ ମ୍ୟାଚ୍ ଜିତି ନ ପାରିବାରୁ ତାଙ୍କର ଏହି ରେକର୍ଡ ମଳିନ ପଡ଼ିଯାଇଥିଲା।




| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୧୯, ଶୁକ୍ରବାର ରାତି |
| ଆମେରିକା-ଅଷ୍ଟ୍ରେଲିଆ |
| ସିଆଟଲ, ରାତି ୧୨.୩୦ |
| ସ୍କଟଲାଣ୍ଡ-ମରୋକ୍କୋ |
| ଲସ୍‌ଏଞ୍ଜେଲ୍ସ, ରାତି ୩.୩୦ |
| (୧୯ ତାରିଖ ଭୋର) |
| ଜୁନ୍-୨୦ ଶନିବାର |
| ବ୍ରାଜିଲ-ହାଇତି |
| ଫିଲାଡେଲଫିଆ, ସକାଳ ୬ଟା |
| ତୁର୍କୀ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୮.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ପେନାଲ୍‌ଟିରେ କେନ୍‌ଙ୍କ ରେକର୍ଡ

ଆର୍ଲିଙ୍ଗଟନ,୧୮ା୬(ଏଜେନ୍ସି): ଇଂଲଣ୍ଡର ହ୍ୟାରୀ କେନ୍ ଡଲାସ ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ଆଲଜେରିଆ ବିପକ୍ଷ ମ୍ୟାଚ୍‌ରେ ପେନାଲ୍ଟିରୁ ଦଳ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହା ଫଳରେ ପେନାଲ୍ଟିରୁ ଗୋଲ ଦେବାରେ ସେ ଲିଓନେଲ ମେସି ଓ ଗାବ୍ରିଏଲା ବାଟିଷ୍ଟୁଟାଙ୍କ ରେକର୍ଡ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ମେସି ଓ ବାଟିଷ୍ଟୁଟା ପେନାଲ୍‌ଟିର ୪ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ବିଶ୍ୱକପ୍‌ର ୧୫ତମ ମୁକାବିଲାରେ କେନ୍ ଡବଲ ଗୋଲ ଦେଇ ଇଂଲଣ୍ଡକୁ ପୂରା ପଏଣ୍ଟ ଦେବାରେ ସମର୍ଥ ହୋଇଥିଲେ। ଡବଲ ଗୋଲ ଦେବା ଫଳରେ କେନ୍ ମଧ୍ୟ ଇଂଲଣ୍ଡ ପକ୍ଷରୁ ବିଶ୍ୱକପ୍‌ରେ ସର୍ବାଧିକ ୧୦ଟି ଗୋଲ୍ ଦେବାର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ପୂର୍ବରୁ ଗ୍ୟାରୀ ଲିନେକର ମଧ୍ୟ ଇଂଲଣ୍ଡ ପାଇଁ ୧୦ଟି ଗୋଲ ସ୍କୋର କରିଥିଲେ। ସେ ମଧ୍ୟ ସର୍ବାଧିକ ପେନାଲ୍ଟି ଗୋଲ ଆଟେମ୍ପଟ କରିବାରେ ମେସିଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଇଂଲଣ୍ଡ ଏହି ମ୍ୟାଚ୍‌କୁ ୪-୨ ଗୋଲରେ ବିଜୟୀ ହୋଇଥିଲା।

# କଲମ୍ବିଆର ଦମ୍‌ଦାର ବିଜୟ

ମେକ୍ସିକୋ ସିଟି,୧୮ା୬(ଏଜେନ୍ସି): ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି କଲମ୍ବିଆ ଫିଫା ବିଶ୍ୱକପ୍‌କୁ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଛି। ଏହି ମନୋରଞ୍ଜକାରୀ ଟିମ୍ ୨୦୨୨ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଗ୍ରୁପ୍-କେ'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ଖେଳର ୪୦ତମ ମିନିଟ୍‌ରେ ଡାନିଏଲ୍ ମୁନୋଜ୍, ୬୫ତମ ମିନିଟ୍‌ରେ ଲୁଇସ୍ ଡିଆଜ ଓ ଷ୍ଟପେଜ୍ ଟାଇମ୍‌ରେ ଜାମିନଷ୍ଟନ କ୍ୟାମ୍ପଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଉଜ୍‌ବେକିସ୍ତାନ ପ୍ରଥମଥର ଫିଫା ବିଶ୍ୱକପ୍ ଖେଳୁଥିଲାବେଳେ ସେପରି କିଛି ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲା। କିନ୍ତୁ ଗୋଟିଏ ସଂସ୍କରଣରେ ବିଶ୍ୱକପ୍ ଖେଳି ନ ପାରିବା ସମସ୍ତଙ୍କୁ କଷ୍ଟ ଦେଇଥିଲା।



# ଚୌକାରେ ମନ୍ଧାନାଙ୍କ ରେକର୍ଡ

ଲଣ୍ଡନ, ୧୮ା୬ (ଏଜେନ୍ସି): ମହିଳା ଟି-୨୦ କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ଭାରତର ସ୍ମୃତି ମନ୍ଧାନା ୬୦୦ ଚୌକା ମାରିବାର ବିଶ୍ୱରେକର୍ଡ କରିଛନ୍ତି। ଗତକାଲି ଅନୁଷ୍ଠିତ ଆଇସିସି ଟି-୨୦ ବିଶ୍ୱକପ୍‌ର ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚରେ ମନ୍ଧାନା ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଏହି ମ୍ୟାଚରେ ମନ୍ଧାନାଙ୍କ ୭୪ ରନ ବଳରେ ଭାରତ ୯୫ ରନରେ ନେଦରଲ୍ୟାଣ୍ଡସକୁ ମାତ୍ ଦେଇଥିଲା। ଏହି ଅର୍ଦ୍ଧଶତକୀୟ ପାଳିରେ ସେ ୧୧ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ଟି-୨୦ରେ ୧୬୮ତମ ମ୍ୟାଚରୁ ମନ୍ଧାନାଙ୍କ ଚୌକା ସଂଖ୍ୟା ୬୦୪ରେ ପହଞ୍ଚିଛି। ନ୍ୟୁଜିଲାଣ୍ଡର ଭେଟେରାନ ସୁଜି ବେଟ୍ସ ୫୨୧ ଚୌକା ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଲ୍ଲେଖନୀୟ କଥା ହେଉଛି କୌଣସି ପୁରୁଷ କ୍ରିକେଟର୍ ମଧ୍ୟ ଟି-୨୦ ଫର୍ମାଟରେ ଆଜି ପର୍ଯ୍ୟନ୍ତ ୫୦୦ ଚୌକା ମାରିପାରିନାହାନ୍ତି। ୪୭୭ ଚୌକା ସହ ପାକିସ୍ତାନର ବାବର ଆଜାମ ଶୀର୍ଷରେ ରହିଛନ୍ତି। ଆୟର୍ଲାଣ୍ଡର ପଲ ଷ୍ଟର୍ଲିଂ (୪୪୯), ଭାରତର ରୋହିତ ଶର୍ମା (୩୮୩) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।



# ମନପ୍ରୀତ୍‌ଙ୍କ ୪୧୩ ମ୍ୟାଚ୍ ମାଇଲଖୁଣ୍ଟ

ରୋଟ୍ଟରଡାମ, ୧୮ା୬ (ଏଜେନ୍ସି): ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ୍ ସିଂହ ଅନ୍ତର୍ଜାତୀୟ ପୁରୁଷ ହକିରେ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଜର୍ମାନୀ ବିପକ୍ଷ ମୁକାବିଲା ମନପ୍ରୀତ୍‌ଙ୍କ କ୍ୟାରିୟରର ୪୧୩ ମ୍ୟାଚ୍ ଥିଲା। ଏହିକ୍ରମରେ ସେ ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କୁ ପଛରେ ପକାଇଦେଇଛନ୍ତି। ଦିଲୀପ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୪୧୨ଟି ମ୍ୟାଚ୍ ଖେଳି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏହି ମାଇଲଖୁଣ୍ଟର ଅଧିକାରୀ ରହିଥିଲେ। ଯାହାକୁ ୩୩ ବର୍ଷୀୟ ମନପ୍ରୀତ୍ ଏବେ ଟପିଯାଇଛନ୍ତି। ପଞ୍ଜାବ ଜଳନ୍ଧର ଜିଲ୍ଲାର ମିଥାପୁରରେ ଜନ୍ମିତ ମନପ୍ରୀତ୍ ମାତ୍ର ୧୮ ବର୍ଷ ବୟସରେ ସିନିଅର ଦଳ ପକ୍ଷରୁ ପଦାର୍ପଣ କରିଥିଲେ। କ୍ୟାରିୟରରେ ସେ ଦୁଇଥର ଅଲିମ୍ପିକ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱରେ ପୁରୁଷ ହକିରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ତାଲିକାରେ ମନପ୍ରୀତ୍ ୫ମ ସ୍ଥାନରେ ରହିଛନ୍ତି। ବେଲ୍‌ଜିୟମର ଜନ୍-ଜନ୍ ଡୋହମେନ ୪୮୧ ମ୍ୟାଚ୍ ସହ ତାଲିକାର ଶୀର୍ଷରେ ରହିଛନ୍ତି। ୪୦୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ଖେଳିଥିବା ଏକମାତ୍ର ସକ୍ରିୟ ଖେଳାଳି ହେଉଛନ୍ତି ମନପ୍ରୀତ୍। ତେଣୁ ତାଙ୍କ ନିକଟରେ ବିଶ୍ୱରେକର୍ଡର ସୁଯୋଗ ରହିଛି।




# ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପ୍ରଥମ ବିଜୟ

ରୋଟ୍ଟରଡାମ, ୧୮ା୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଭାରତ। ଗତକାଲି ରାତିରେ ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ୩-୧ ଗୋଲ୍‌ରେ ଡିଫେଣ୍ଡିଂ ବିଶ୍ୱଚାମ୍ପିଅନ ଜର୍ମାନୀକୁ ହରାଇଦେଇଛି। ମନଦୀପ୍ ସିଂହ (୭ତମ ମିନିଟ) ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା (୧୩ତମ ମିନିଟ)ଙ୍କ ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ ଗୋଲ୍‌ରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩୫ତମ ମିନିଟରେ ନୀଳକାନ୍ତ ଶର୍ମା ଭାରତ ପାଇଁ ୩ୟ ଗୋଲଟି ଦେଇଥିଲେ। ତେବେ ଜର୍ମାନୀ ପାଇଁ ରାଫେଲ ହାର୍ଟକଫ ୪୫ତମ ମିନିଟ୍‌ରେ ଗୋଟିଏ ଗୋଲ୍ ଶୁଝି ଦେଇଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଚଳିତ ପ୍ରୋ ଲିଗ୍‌ରେ ୧୦ମ ମ୍ୟାଚରୁ ଭାରତର ଏହା ପ୍ରଥମ ବିଜୟ। ଗୋଟିଏ ବିଜୟ, ୬ଟି ପରାଜୟ ଓ ୩ଟି ଡ୍ର' ସହ ଭାରତ ମୋଟ୍ ୭ ପଏଣ୍ଟ ପାଇ ନଅ ଦଳୀୟ ଟେବୁଲ୍ ତାଲିକାର ୮ମ ସ୍ଥାନରେ ରହିଛି।

# ନେସନ୍ସ କପ୍ ମହିଳା ହକି: ହ୍ୟାଟ୍ରିକ ବିଜୟ ସହ ସେମିରେ ଭାରତ

ଅକ୍‌ଲାଣ୍ଡ, ୧୮ା୬ (ଏଜେନ୍ସି): ନ୍ୟୁଜିଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ବିଜୟ ସହ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ପୁଲ୍ ପର୍ଯ୍ୟାୟର ୩ୟ ମ୍ୟାଚରେ ଭାରତ ୩-୨ ଗୋଲରେ ଉରୁଗୁଏକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଦୀପିକା ସେରାୱତ ୨ଟି ଓ ଦୀପିକା ସୋରେଙ୍ଗ ଗୋଲ୍ ଦେଇଥିଲେ। ପୂର୍ବରୁ ଭାରତ ୩-୨ ଗୋଲରେ ଆମେରିକାକୁ ଓ ୨-୧ ଗୋଲ୍‌ରେ ଜାପାନକୁ ହରାଇଥିଲା। ଫଳରେ ହ୍ୟାଟ୍ରିକ ବିଜୟ ସହ ଭାରତ ୯ ପଏଣ୍ଟ ପାଇ ପୁଲ୍-ଏ'ରେ ଶୀର୍ଷରେ ରହିବା ସହ ସେମିଫାଇନାଲକୁ ଉଠିଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଚିଲି ସହ ହେବ।

OFFICE OF THE PRINCIPAL
ITAMATI H. S. SCHOOL OF EDUCATION AND TECHNOLOGY
At /P.O./P.S.- Itamati, Dist- Nayagarh - 752068, Ph. No.-(06753) 256090
WALK-IN-INTERVIEW
A walk in interview of guest faculties (for +2 classes) will be held on dt. 23.06.2026 at 11:00 AM in the H S School premises for Contractual Appointment of lecturers in the following subjects.
1. Economics - 01, 2. English - 01, 3. Sociology - 01, 4. History - 01
Qualifications: P.G. in concerned subject with 55% marks. Candidates with higher qualification are preferred. No TA/DA will be paid for the purpose. Candidates are required to produce all certificates (Original & Xerox).
Sd/- Principal
Itamati H. S. of Edn. & Tech.

# ଏସୀୟ କ୍ରୀଡ଼ା ଟିଟି ଦଳରୁ ମନିକା ବାତ୍ରା ବାଦ୍

ନୂଆଦିଲ୍ଲୀ, ୧୮ା୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ଗୁରୁବାର ଭାରତୀୟ ଟେବୁଲ ଟେନିସ (ଟିଟି) ଦଳ ଘୋଷଣା କରାଯାଇଛି। ତେବେ ଦେଶର ସବୁଠୁ ତାରକା ଟିଟି ଖେଳାଳି ମନିକା ବାତ୍ରାଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯିବା ସମସ୍ତଙ୍କୁ ଚକିତ କରିଛି। ଟେବୁଲ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଟିଟିଏଫ୍‌ଆଇ) ଦ୍ୱାରା ନିର୍ଦ୍ଧାରିତ ଚୟନ ମାନଦଣ୍ଡ ପୂରଣ କରି ନ ଥିବାରୁ ମନିକାଙ୍କୁ ବାଦ୍ ଦିଆଯାଇଛି। ସେ ଘରୋଇ ଇଭେଣ୍ଟରେ ଅଂଶଗ୍ରହଣ ନ କରି ଅନୁପସ୍ଥିତ ରହିଥିଲେ। ଯାହା ଫଳରେ ସେ ଟିଟିଏଫ୍‌ଆଇ ର୍‌ୟାଙ୍କିଙ୍ଗରେ ସ୍ଥାନ ପାଇନାହାଁନ୍ତି। ତଥାପି ସ୍ୱସ୍ତିକା ଘୋଷଙ୍କ ସହିତ ରିଜର୍ଭ ଦଳରେ ମନିକାଙ୍କୁ ନିଆଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକାଧିକ ପଦକ ଜିତିଥିବା ମନିକା ବର୍ତ୍ତମାନ ବିଶ୍ୱ ମାନ୍ୟତାର ୫୧ତମ ସ୍ଥାନରେ ରହିଛନ୍ତି। ଏସୀୟ କ୍ରୀଡାର ବିଂଶତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଅନୁଷ୍ଠିତ ହେବ।

# ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮ା୬ (ସମିସ): ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ପଟିଆରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଚେସ୍ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆୟୋଜନରେ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାରିଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରେକର୍ଡ ୧୮୦ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୩୫ଜଣ ବାଳକ ଓ ୩୫ଜଣ ବାଳିକା ପ୍ରତିଯୋଗୀ ରହିଛନ୍ତି। ସେହିଭଳି ଅଂଶଗ୍ରହଣକାରୀଙ୍କ ମଧ୍ୟରେ ୪୨ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି। ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ବାଳକ ବିଭାଗରେ ଟପ୍ ସିଡ୍ ଅଦଭିକ ଆଦିତ୍ୟ ସ୍ୱାଇଁ, ଆଦ୍ୟ ଅଦଭିକ ଦାଶ, ଶାୟାଂଶ ଦାସ, ସତ୍ୟ ସ୍ୱରୂପ ତ୍ରିପାଠୀ, ଶିବମ ସାବତ ଓ ସୋନାଲ ବୈଭବଙ୍କ ସହ ମୋଟ୍ ୨୭ଜଣ ଖେଳାଳି ୨ ପଏଣ୍ଟ ଲେଖାଏ ପାଇ ମିଳିତ ଭାବରେ ଅଗ୍ରଣୀ ଲାଭ କରିଛନ୍ତି। ସେହିଭଳି ବାଳିକାରେ ମୋଟ୍ ୯ ଜଣ ଖେଳାଳି ୨ ପଏଣ୍ଟ ସହ ମିଳିତ ଅଗ୍ରଣୀ ହାସଲ କରିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ନେତା ଗୋଲେଖ ମହାପାତ୍ର, କେନ୍ଦ୍ରପଡ଼ା ଜିଲ୍ଲା ଚେସ୍ ସଂଘ ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଆୟୋଜକ ମନୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮ା୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ଜାତୀୟ ସିନିଅର ଆକ୍ୱାଟିକ ଚାମ୍ପିଅନସିପ୍‌ର ୭୯ତମ ସଂସ୍କରଣରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୨୦୦ ମିଟର୍ ବ୍ୟାକଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୨୦.୨୨ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଏଥିରେ କର୍ଣ୍ଣାଟକର ନୈଶ (୨:୨୧.୬୪) ଓ ଉତ୍ତର ପ୍ରଦେଶର ଜିୟା ଯାଦବ (୨:୨୨.୨୬) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ପ୍ରତ୍ୟାଶାଙ୍କ ଏହା କ୍ରମାଗତ ଦ୍ୱିତୀୟ ପଦକ। ଗତକାଲି ସେ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ କାଂସ୍ୟ ପଦକ ଜିତିଥିଲେ।



ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS